
ଆଇପିଏଲ୍ ଫାଇନାଲ୍
ବେଙ୍ଗାଲୁରୁ-ପଞ୍ଜାବ ଲଢ଼େଇ
▸ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-334 •BHUBANESWAR •MONDAY •2 JUNE 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୨ •ସଂଖ୍ୟା-୩୩୪ •ଭୁବନେଶ୍ୱର •ସୋମବାର •୨ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



# ପ୍ରଥମ ପ୍ରେମିକ ଠାରୁ ୩୦ କୋଟି ନେଇ ଦ୍ୱିତୀୟ ପ୍ରେମିକ ସହ ଫେରାର

## ଧୂର୍ତ୍ତ ପ୍ରେମିକା

ଓଟାୱା, ୧।୬ (ଏଜେନ୍ସି):

ଜୀବନ ଦେଇ ଭଲ ପାଉଥିଲେ। ନିଜଠାରୁ ଅଧିକ ଭରସା କରିଥିଲେ। ଲିଭ୍-ଇନ୍‌ରେ ରହୁଥିଲେ। ଦେଢ଼ ବର୍ଷ ହେଲା ସମ୍ପର୍କରେ ଥିଲେ। ସାରା ଜୀବନ ରହିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଅର୍ଥର ଲୋଭ କାଳ ପାଲଟି ଗଲା। ପ୍ରେମିକ ଦେଇଥିବା ୩୦ କୋଟି ଟଙ୍କାର ଲଟେରି ପାଇଁ ଦେଢ଼ ବର୍ଷର ସମ୍ବନ୍ଧ ଦେଢ଼ ଦିନରେ ଭାଙ୍ଗିଗଲା। ପ୍ରେମିକର ବିଶ୍ୱାସକୁ ଦଳି ଚକଟି ଦେଇ ପ୍ରେମିକା ୩୦ କୋଟି ଟଙ୍କା ଧରି ଦ୍ୱିତୀୟ ପ୍ରେମିକା ସହ ପଳାଇ ଥିଲା। କାନାଡ଼ାର ୱିନପେଗ୍‌ରେ ଏହି ଘଟଣା ଘଟିଛି। ଏବେ ପ୍ରେମିକ ଲରେନ୍ସ କାମ୍ପବେଲ୍ ପୂର୍ବତନ ପ୍ରେମିକାଙ୍କୁ କୋର୍ଟକୁ ଟାଣିଛି।

ସୂଚନା ଅନୁଯାୟୀ ଲରେନ୍ସ ୨୦୨୪ରେ ଏକ ଲଟେରି ଟିକେଟ କିଣିଥିଲେ। କିନ୍ତୁ ଉପଯୁକ୍ତ ପରିଚୟ ପତ୍ର ନ ଥିବାରୁ ଲଟେରୀ ଅଧିକାରୀଙ୍କ ପରାମର୍ଶ ନେଇ ସେ ପ୍ରେମିକା କ୍ରିଷ୍ଟାଲ ଅନା ମ୍ୟାକେଙ୍କୁ ୱେଷ୍ଟର୍ଣ୍ଣ କାନାଡା ଲଟେରି କର୍ପୋରେସନ (ଡବ୍ଲ୍ୟୁସିଏଲସି)ରୁ ପୁରସ୍କାର ଗ୍ରହଣ ପାଇଁ କହିଥିଲେ। ମ୍ୟାକେଙ୍କୁ ସେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ। ପ୍ରେମ ପ୍ରଣୟରେ ଉଭୟେ ପରସ୍ପରକୁ ବହୁତ ସମ୍ମାନ ଦେଉଥିଲେ। ତେଣୁ ଭରସା ନ କରିବାର ପ୍ରଶ୍ନ ଉଠୁ ନ ଥିଲା। ଲରେନ୍ସଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ନ ଥିଲା। ତେଣୁ ସେ ପ୍ରେମିକାଙ୍କୁ ନିଜ ଖାତାରେ ୫ ନିୟୁତ ଡଲାର (କାନାଡୀୟ) ଡିପୋଜିଟ କରିବାକୁ କହିଥିଲେ। ପ୍ରଥମେ ତ ସବୁକିଛି ଠିକ୍ ଥିଲା। ଉଭୟେ ଚେକ୍ ସହ ଖୁସିରେ ଭିଡିଓ ରେକର୍ଡିଂ କରି ତାହାକୁ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏଥିରେ ମ୍ୟାକେ ବହୁତ ଖୁସି ଥିବା ଦେଖାଯାଉଛି। କିନ୍ତୁ ଏହା ପରେ ସ୍ଥିତି ବଦଳି ଯାଇଥିଲେ। ମ୍ୟାକେ ଏହି ଲଟେରିକୁ ନିଜର ଜନ୍ମଦିନ ଉପହାର କହିବା ଆରମ୍ଭ କରିଦେଇଥିଲେ। ଏହା ପରେ ଧିରେ ଧିରେ କାମ୍ପବେଲଙ୍କଠାରୁ ଦୂରେଇବାରେ ଲାଗିଥିଲେ। ଉଭୟେ ଏକାଠି ରହୁଥିବା ହୋଟଲେକୁ ମଧ୍ୟ ଆସି ନ ଥିଲେ। ଟଙ୍କା ନ ଫେରାଇ ସମସ୍ତ ସମ୍ପର୍କ କଟାଇ ଦେଇଥିଲେ। ଫୋନ୍ ବି ଉଠାଇ ନ ଥିଲେ। ବାର୍ତ୍ତାର ଉତ୍ତର ବି ଦେଇ ନ ଥିଲେ। ସୋସିଆଲ ମିଡିଆରେ ବ୍ଲକ କରି ଦେଇଥିଲେ। କେବଳ ସେତିକି ନୁହେଁ ପୁଲିସଠାରୁ ସୁରକ୍ଷା ମଧ୍ୟ ମାଗିଥିଲେ। ଏହା ମଧ୍ୟରେ କାମ୍ପବେଲ ପ୍ରେମିକାକୁ ନ ପାଇ ପାଗଳ ପ୍ରାୟ ହୋଇ ଯାଇଥିଲେ। ବୁଲି ବୁଲି ତାଙ୍କୁ ଖୋଜିଥିଲେ। ଶେଷରେ ଆଉ ଜଣଙ୍କ ସହ ଉତ୍ତେଜକ ଅବସ୍ଥାରେ ମ୍ୟାକେଙ୍କୁ ଦେଖିବାକୁ ପାଇ ଲରେନ୍ସ ନିଜକୁ ଘୃଣା କରିବାରେ ଲାଗିଥିଲେ। ଶେଷରେ ନିରାଶ ହୋଇ ସେ ମାନିଟୋବାର 'କୋର୍ଟ ଅଫ୍ କିଙ୍ଗସ୍ ବେଞ୍ଚ'ରେ ମାମଲା ରୁଜୁ କରିଥିଲେ।



## ଶେଖ ହସିନାଙ୍କ ବିରୋଧରେ ମକଦ୍ଦମା ଆରମ୍ଭ



ଢ଼ାକା, ୧।୬ (ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ମାନବତା ବିରୋଧରେ ଅପରାଧ କାରଣରୁ ମକଦ୍ଦମା ଆରମ୍ଭ କରାଯାଇଛି। ଏ ନେଇ ବିଧିବଦ୍ଧ ଭାବେ ଟ୍ରାଏଲ ଆରମ୍ଭ ହୋଇଛି। ବାଂଲାଦେଶର ଇଣ୍ଟରନ୍ୟାସନାଲ କ୍ରାଇମ୍ ଟ୍ରିବୁନାଲ (ଆଇସିଟି) ରବିବାର ଆନୁଷ୍ଠାନିକ ଭାବେ ତାଙ୍କ ବିରୋଧରେ ବିଭିନ୍ନ ଅପରାଧ ମାମଲାର ମକଦ୍ଦମା ଆରମ୍ଭ କରିଛି। ଚିଫ୍ ପ୍ରସିକ୍ୟୁଟର ତାଜୁଲ ଇସଲାମ୍ ଟ୍ରିବ୍ୟୁନାଲରେ ଏହି ଅଭିଯୋଗ ନେଇ ମମାଲା ରୁଜୁ କରିଛନ୍ତି। ମେ ୧୨ରେ ଟ୍ରିବୁନାଲର ଯାଞ୍ଚ ଏଜେନ୍ସି ହସିନାଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ୨୦୨୪ ଆନ୍ଦୋଳନ ଅବସରରେ ୫ଟି ଅପରାଧିକ ଅଭିଯୋଗ ଦାଏର କରାଯାଇଥିଲା। ରିପୋର୍ଟ ମୁତାବକ ଆନ୍ଦୋଳନ ବେଳେ ୧୫୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ମୁକ୍ତାର ଅନ୍‌ସାରୀ ପୁଅଙ୍କ ବିଧାୟକ ପଦ ରଦ୍ଦ




ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଗ୍ୟାଙ୍ଗଷ୍ଟାରରୁ ନେତା ବନିଥିବା ସ୍ୱର୍ଗତ ମୁକ୍ତାର ଅନସାରୀଙ୍କ ପୁଅ ଅବାସା ଅନସାରୀର ବିଧାୟକ ପଦ ରଦ୍ଦ କରାଯାଇଛି। ଉତ୍ତରପ୍ରଦେଶ ବିଧାନସଭାରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି। ୨୦୨୨ରେ ସେ ଦେଇଥିବା ଏକ ଘୃଣାସ୍ପଦ ଭାଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ଫଳରେ ତାଙ୍କୁ ବିଧାୟକ ପଦ ହରାଇବାକୁ ପଡିଛି। ୨୦୨୨ ବିଧାନସଭା ନିର୍ବାଚନ ଅବସରରେ ମୋଉ ଜିଲ୍ଲାରେ ଏକ ରାଲିରେ ଭାଷଣ ଦେଉଥିବା ବେଳେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଉତ୍ତରପ୍ରଦେଶର ଏକ କୋର୍ଟ ତାଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି ଓ ୩,୦୦୦ ଟଙ୍କାର ଜରିମାନା ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ରାଲିରେ ବିଜୟୀ ହେବା ପରେ ଅଖିଳେଶ ଯାଦବଙ୍କୁ କୌଣସି ଟ୍ରାନ୍ସଫର ଓ ପୋଷ୍ଟିଂ ନ କରିବାକୁ ଓ ପ୍ରଥମେ ଅଧିକାରୀଙ୍କ ହିସାବ କିତାବ ହେବ ବୋଲି ସେ କହିଥିଲେ।

## ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର ହୋଇଛି। ଜାତିସଂଘର ପରମାଣୁ ନୀରିକ୍ଷଣ ସଂସ୍ଥା, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସୀ (ଆଇଏଇଏ) ଏକ ରିପୋର୍ଟରେ ଏ ନେଇ ଦାବି କରିଛି। ଇରାନ ଇତିମଧ୍ୟରେ ମିଲେଟ୍ରି ଗ୍ରେଡ୍ ଅର୍ଥାତ ୬୦ ପ୍ରତିଶତ ପର୍ଯ୍ୟନ୍ତ ଯୁକ୍ତ ୟୁରାନିୟମର ମହଜୁଦ ବଢ଼ାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ୟୁରାନିୟମ ପରମାଣୁ ଅସ୍ତ୍ର ସୃଷ୍ଟି କରିବାର ଅତି ନିକଟତର ବୋଲି ଗ୍ରହଣ କରାଯାଏ। ଇରାନ ସହଯୋଗ ବଢ଼ାଇବା ସହ ନିଜ ନୀତିରେ ପରିବର୍ତ୍ତନ ଆଣିବାକୁ ଏହି ଏଜେନ୍ସି ଅପିଲ କରିଛି। ଆମେରିକା ଓ ଇରାନ ମଧ୍ୟରେ ପରମାଣୁ ବୁଝାମଣା ନେଇ ପୁଣି ପ୍ରୟାସ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ରିପୋର୍ଟ ଆସିଛି। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଆଲୋଚନ ଆରମ୍ଭ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଠୋସ୍ ପରିଣାମ ମଳି ପାରିନାହିଁ। ତେଣେ ଏହି ରିପୋର୍ଟକୁ ଇସ୍ରାଏଲ୍ ବେଶ୍ ଉଦବେଗଜନକ ବୋଲି କହିଛି। ଇରାନକୁ ଏଥିରୁ ନିବୃତ ରହିବା ପାଇଁ ଓ ତୁରନ୍ତ ରୋକିବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ଚାପ ପକାଇବାକୁ ପ୍ରୟାସ କରିବା ଉଚିତ ବୋଲି ଇସ୍ରାଏଲ ଅପିଲ୍ କରିଛି।

## ଜଗନ୍ନାଥଙ୍କ ରଥରେ ସୁଖୋଇ ଜେଟ୍ ଟାୟାର ଲଗାଇଲା ଇସ୍କନ



କୋଲକାତା, ୧।୬ (ଏଜେନ୍ସି): କୋଲକାତାର ପ୍ରସିଦ୍ଧ ଇସ୍କନ ରଥଯାତ୍ରାରେ ଏଥର ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଦୀର୍ଘ ୪୮ ବର୍ଷପରେ ପ୍ରଭୁ ଜଗନ୍ନାଥଙ୍କ ରଥର ଚକ ବଦଳିବାକୁ ଯାଉଛି। ଏଥର ରଥର ଚକ ବଦଳରେ ସୁଖୋଇ ଜେଟ୍‌ର ଟାୟାର ବ୍ୟବହାର କରାଯିବ। ଏହି ଫାଇଟର ଜେଟ୍‌ର ଟେକ୍ ଅଫ୍‌ସ୍ପିଡ୍ ଘଣ୍ଟାପ୍ରତି ୨୮୦ କିମି ରହିଥିବା ବେଳେ ରଥ ଘଣ୍ଟାପ୍ରତି ୧.୪ କିମି ବେଗରେ ଯିବ। ଗତବର୍ଷ ରଥ ଚଳାଇବାରେ ସମସ୍ୟା ରହିଥିଲା। ଆୟୋଜକ ୧୫ ବର୍ଷ ହେବ ନୂଆ ଟାୟାର ଖୋଜୁଥିଲେ। ବୋଇଂ ବିମାନର ପୁରୁଣା ଟାୟାର ବ୍ୟବହାର କରିବାର ଥିଲା। କିନ୍ତୁ ଏହା ବଜାରରେ ମିଳିବା କଷ୍ଟକର ଥିଲା। ଏହାପରେ ଆୟୋଜକ ରଥରେ ସୁଖୋଇ ଜେଟ୍‌ର ଟାୟାର ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଟାୟାର ବ୍ୟାସ ବୋଇଂ ସହ ପାଖାପାଖି ସମାନ।

# ଇସ୍ରାଏଲର ଅମାନବୀୟ ଆକ୍ରମଣ



## ଗାଜାରେ ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡ଼; ୩୨ ମୃତ

ଗାଜା, ୧।୬ (ଏଜେନ୍ସି): ଦକ୍ଷିଣ ଗାଜାରେ ରବିବାର ଆଉ ଏକ ଅଭାବନୀୟ ଘଟଣା ଘଟିଛି। ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡରେ ପାଲେଷ୍ଟାଇନ୍‌ର ୩୨ ଜଣ ଲୋକ ପ୍ରାଣ ହରାଇଛନ୍ତି। ରାଫା ସହରରେ ଏକ ସହାୟତା ବିତରଣ କେନ୍ଦ୍ର ନିକଟରେ ଇସ୍ରାଏଲ ସେନା ଗୁଳିବର୍ଷଣ କରିବା ଫଳରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି ବୋଲି ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ୨୦୦ ଲୋକ ଆହତ ହୋଇଛନ୍ତି। ପୁଣି ମଧ୍ୟ ଗାଜାରେ ଏକ ସହାୟତା କେନ୍ଦ୍ରରେ ସମାନ ଘଟଣା ଘଟିଛି। ଏଠାରେ ହୋଇଥିବା ଗୁଳି ମାଡରେ ଜଣେ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଛନ୍ତି ଓ ୩୨ଜଣ ଆହତ ହୋଇଛନ୍ତି। ଆମେରିକାର ଏକ ଏଜେନ୍ସି ଜିଏଚ୍ଏଫ୍ ଗାଜାରେ ଖାଦ୍ୟ ବଣ୍ଟନର କାର୍ଯ୍ୟ ସମ୍ପାଦନ କରୁଛି। ତେବେ ଇସ୍ରାଏଲ ସେନା ଏ ବିଷୟରେ କିଛି ଜାଣିନାହିଁ ବୋଲି କହିଛି। ଏହି ମାମଲାରେ ତଦନ୍ତ କରାଯାଉଛି ବୋଲି ସେନା ତରଫରୁ କୁହାଯାଇଛି। ଅନ୍ୟପଟେ ଅଲ-ଜଜିରା ରିପୋର୍ଟ ମୁତାବକ ଗାଜାରେ ମେ ୨୭ରୁ ଜୁନ୍ ୧ ପର୍ଯ୍ୟନ୍ତ ହୋଇଥିବା ଖାଦ୍ୟ ବଣ୍ଟନ ପ୍ରକ୍ରିୟାରେ ହୋଇଥିବା ଗୁଳିମାଡ଼ରେ ୪୯ ଜଣ ଲୋକଙ୍କ ପ୍ରାଣହାନୀ ଘଟିଥିବା ବେଳେ ୩୦୦ ଲୋକ ଆହତ ହୋଇଛନ୍ତି। ଖାଦ୍ୟ ନେବା ସମୟରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ଫଳରେ ପ୍ରବଳ ଭିଡ଼ ଜମିଥିଲା। ଏହି ଘଟଣାରେ ୩୦ ଲୋକ ପ୍ରାଣ ହରାଇଥିବା ବେଳେ ୧୭୯ ଲୋକ ଆହତ ହୋଇଛନ୍ତି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଗତ ଗୋଟିଏ ସପ୍ତାହ ମଧ୍ୟରେ ଗାଜାରେ ଇସ୍ରାଏଲ ସେନା ଆକ୍ରମଣରେ ମୋଟ୍ ୫୦୦ ଲୋକଙ୍କ ମୃତ୍ୟୁ ହୋଇଛି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଇସ୍ରାଏଲ-ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୫୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ହଜାର ହଜାର ଛୋଟ ପିଲା, ମହିଳା ଓ ବୟସ୍କ ଲୋକ ସାମିଲ ରହିଛନ୍ତି।

# ଅଥୟ କରୁଛି କରୋନା

## ୨୪ ଘଣ୍ଟାରେ ଆଉ ୩୬୩ ମାମଲା, ୪ ମୃତ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଥମୁନି କରୋନା ସଂକ୍ରମଣ। ଏହା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୩୦୦ରୁ ଅଧିକ ଲୋକ ସଂକ୍ରମିତ ହୋଇଛନ୍ତି ଏବଂ ୪ ଜଣ ପ୍ରାଣ ହରାଇଛନ୍ତି। ଏହାସହିତ ଦେଶରେ ସଂକ୍ରମଣ ମାମଲା ୩୭୦୦ ଅତିକ୍ରମ କରିଥିବା ବେଳେ ମୃତ୍ୟୁସଂଖ୍ୟା ବର୍ତ୍ତମାନ ସୁଦ୍ଧା ୨୭କୁ ବୃଦ୍ଧି ପାଇଛି। କେରଳରେ ସର୍ବାଧିକ ୧୪୦୦ରୁ ଅଧିକ ସଂକ୍ରମିତ ରୋଗୀ ଥିବା ବେଳେ ମହାରାଷ୍ଟ୍ରରେ ୪୮୫, ଦିଲ୍ଲୀରେ ୪୩୬, ଗୁଜରାଟରେ ୩୨୦ ଏବଂ ପଶ୍ଚିମବଙ୍ଗରେ ୨୮୭ ଜଣ ସଂକ୍ରମିତ ହୋଇଛନ୍ତି। ସେହିଭଳି ଗତ ୨୪ ଘଣ୍ଟାରେ ଯେଉଁ ୪ ଜଣଙ୍କର ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରେ ପଶ୍ଚିମ ବଙ୍ଗରେ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ କେରଳ ଓ କର୍ଣ୍ଣାଟକରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମେ ୨୨ ତାରିଖ ସୁଦ୍ଧା ସାରା ଦେଶରେ ମାତ୍ର ୨୫୭ କରୋନା ମାମଲା ରେକର୍ଡ କରାଯାଇଥିବା ବେଳେ ଏହାପରେ ୧୦ ଦିନ ଭିତରେ ୧୦ ଗୁଣାରୁ ଅଧିକ ରୋଗୀ ଚିହ୍ନଟ ହେଲେଣି। ଏଥିରେ ଉପରୋକ୍ତ ରାଜ୍ୟ ସହିତ କର୍ଣ୍ଣାଟକ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ମଧ୍ୟ ସଂକ୍ରମଣ ଦ୍ରୁତ ଗତିରେ ଉପରମୁହାଁ ହେବାକୁ ଲାଗିଛି। ବିଶେଷ କରି ପଶ୍ଚିବଙ୍ଗରେ ଏହା ଅଧିକ ସଂଖ୍ୟାରେ ବଢ଼ିବାର ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗରେ ସର୍ବାଧିକ ୮୨ ରୋଗୀ ଚିହ୍ନଟ ହୋଇଥିବା ବେଳେ କେରଳରେ ୬୪, ଦିଲ୍ଲୀରେ ୬୧ ଏବଂ ଗୁଜରାଟରେ ୫୫ ନୂଆ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ନୂଆ ସଂକ୍ରମଣକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି କହିଛନ୍ତି ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)ର ନିର୍ଦ୍ଦେଶକ ଡ. ରାଜୀବ ବେହେଲ। ସେ କହିଛନ୍ତି ଯେ କୋଭିଡର ୪ ପ୍ରକାର ଭୂତାଣୁ ଚିହ୍ନଟ ହୋଇଛନ୍ତି। ସେଗୁଡ଼ିକ ହେଲା ଏଲ୍ଏଫ୍-୭, ଏକ୍ଏଫ୍‌ଜି, ଜେଏନ୍ ୧ ଏବଂ ଏନ୍‌ବି.୧.୮.୧। ପ୍ରଥମ ତିନିଟି ଭୂତାଣୁ ଯୋଗୁଁ ଏବେ ସଂକ୍ରମଣ ବଢୁଛି। ପରିସ୍ଥିତି ଉପରେ ନଜର ରଖାଯାଇଛି। କିନ୍ତୁ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

## ଶର୍ମିଷ୍ଠାଙ୍କ ଗିରଫକୁ ନେଇ ତେଜିଲା ରାଜନୀତି



ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ପୁଣେ ଆଇନ୍ ଛାତ୍ରୀ ତଥା ଇନ୍‌ଷ୍ଟାଗ୍ରାମ ଇନଫ୍ଲୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କ ଗିରଫ୍‌କୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଶର୍ମିଷ୍ଠାଙ୍କୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୋଲକାତା କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କ ପୋଷ୍ଟ ସାମ୍ପ୍ରଦାୟିକ ଥିବାରୁ ତାଙ୍କ ବିରୋଧରେ ମାମଲା ଦାଏର କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଅପରେସନ ସିନ୍ଦୂର ନେଇ କେତେଜଣ ବଲିଉଡ ଅଭିନେତ୍ରୀ ନିରବ ଥିବା ନେଇ ସେ ନିଜ ପୋଷ୍ଟରେ ଆପତ୍ତି ଉଠାଇଥିଲେ। କିନ୍ତୁ ଏ ନେଇ ଏବେ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ତଥା ଜନସେନା ପାର୍ଟି ମୁଖ୍ୟ ପବନ କଲ୍ୟାଣ ଶର୍ମିଷ୍ଠାଙ୍କ ଗିରିଫକୁ କଡ଼ା ବିରୋଧ କରି ନିନ୍ଦା କରିଛନ୍ତି। ସେ ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଦାୟୀ କରିଛନ୍ତି। ଧର୍ମନିରପେକ୍ଷତାରେ ଦୋମୁହାଁ ନୀତି ଚଳିବ ନାହିଁ ବୋଲି ସେ କହିଛନ୍ତି। ପୁଣି ଶର୍ମିଷ୍ଠା ନିଜର ଭୁଲ ସ୍ୱୀକାର କରିବା ସହ ବିବାଦୀୟ ପୋଷ୍ଟକୁ ହଟାଇବା ପରେ ମଧ୍ୟ ତାଙ୍କୁ କାହିଁକି ଗିରଫ କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେଣେ ବିଜେପି ସାଂସଦ ତଥା ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ମଧ୍ୟ ଏ ନେଇ ମମତା ସରକାରଙ୍କୁ ନିନ୍ଦା କରିଛନ୍ତି। ମମତା ପଶ୍ଚିମବଙ୍ଗକୁ ଉତ୍ତର କୋରିଆରେ ପରିଣତ କରିବାକୁ ପ୍ରୟାସ ନ କରନ୍ତୁ ବୋଲି ସେ ଅପିଲ କରିଛନ୍ତି। ଅନ୍ୟପକ୍ଷରେ ମମତାଙ୍କ ଦଳର ନେତାମାନେ ପ୍ରଶ୍ନ କରିଛନ୍ତି ଯେ ବିଜେପି ଓ ଏହାର ସହଯୋଗୀ ଦଳଙ୍କ ଦୋମୁହାଁ ନୀତି ନେଇ ପ୍ରଶ୍ନ ଉଠାଇଛନ୍ତି। ବିଜେପି ଶାସିତ ରାଜ୍ୟରେ ବିରୋଧୀଙ୍କୁ ଚୁପ କରିବା ଲାଗି କିପରି ପୁଲିସର ବ୍ୟବହାର କରୁଛନ୍ତି ତାହାର ଉଲ୍ଲେଖ କରି କହିଛନ୍ତି ଯେ କୋର୍ଟ ସେହି ସରକାରଙ୍କୁ ଭର୍ତ୍ସନା କରିବାର ନଜିର ରହିଛି। କିନ୍ତୁ ଶର୍ମିଷ୍ଠାଙ୍କ ଗିରଫଦାରୀ ସଂପୂର୍ଣ୍ଣ ରୂପେ ଆଇନ ଅନୁଯାୟୀ ହୋଇଛି ବୋଲି ସେମାନେ କହିଛନ୍ତି।

### ଅପରେସନ ସିନ୍ଦୂର

## ଅସ୍ତ୍ରବିରତି ନେଇ ପୁଣି ପ୍ରଶ୍ନ ଉଠାଇଲା କଂଗ୍ରେସ



ନୂଆଦିଲ୍ଲୀ, ୧।୬ (ଏଜେନ୍ସି):

ଅପରେସନ ସିନ୍ଦୂର ଓ ଏହାପରେ ଅସ୍ତ୍ରବିରତି ନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପାର୍ଟି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ପଚାରିବା ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ହଠାତ ଅସ୍ତ୍ରବିରତି ଘୋଷଣା ଓ ଏଥିରେ ଆମେରିକାର ସନ୍ଦେହଜନକ ଭୂମିକା ଏବଂ ନିକଟରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନଙ୍କ ବୟାନ ନେଇ ବରିଷ୍ଠ କଂଗ୍ରେସ ନେତା ପବନ ଖେଡ଼ା ବିଭିନ୍ନ ପ୍ରଶ୍ନ ପଚାରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଦିନକୁ ଦିନ ବିଭିନ୍ନ ପ୍ରଶ୍ନ ମନରେ ଉଙ୍କିମାରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ସବୁଠାରୁ ବଡ଼ ପ୍ରହେଳିକା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ପ୍ରକ୍ରିୟାରେ ରହିଥିବା ସର୍ତ୍ତଗୁଡିକ ବିଷୟରେ ଆମେ ତଥା ଦେଶବାସୀ ଅବଗତ ହେବା ନିହାତି ଆବଶ୍ୟକ। ସିଡିଏସ୍ ଚୌହାନଙ୍କ ବୟାନ ଏକାଧିକ ପ୍ରଶ୍ନ ଉତ୍ଥାପନ କରିଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ଆଗକୁ ଆସିବା ଉଚିତ ଓ ଦେଶବାସୀଙ୍କ ଭ୍ରମ ଓ ଦ୍ୱନ୍ଦ ଦୂର କରିବା ଉଚିତ ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ଓ ଜାତୀୟ ନିରାପତ୍ତା ନେଇ ସଂସଦରେ ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସର ଥିବା ପୁରଣା ଦାବିକୁ ଖେଡା ଦୋହରାଇଛନ୍ତି। ଅନ୍ୟତମ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ଖେଡାଙ୍କୁ ସମର୍ଥନ କରି ନିଜର ମନ୍ତବ୍ୟ ଦେଇଛନ୍ତି। ଅପରେସନ ସିନ୍ଦୂର ଓ ଅସ୍ତ୍ରବିରତି ନେଇ ସବୁ କିଛି ସ୍ୱଷ୍ଟ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଉତ୍ତର-ପୂର୍ବରେ ପ୍ରବଳ ବର୍ଷା; ୩୫ ମୃତ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଉତ୍ତର-ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି। ଏହା ସ୍ଥିତିକୁ ଅତ୍ୟନ୍ତ ଜଟିଳ କରିଦେଇଛି। ବିଭିନ୍ନ ରାଜ୍ୟରେ ବନ୍ୟା ଆସିବା ସହିତ ଭୂସ୍ଖଳନ ହୋଇଛି। ଆସାମଠାରୁ ନେଇ ତ୍ରିପୁରା, ଅରୁଣାଚଳ ପ୍ରଦେଶ ଆଦିରେ ଏ ପର୍ଯ୍ୟନ୍ତ ବର୍ଷା ଜନିତ ଦୁର୍ଘଟଣାରେ ୩୫ରୁ ଅଧିକ ଜୀବନ ଗଲାଣି। ଆସାମରେ ୧୬ ଜଣ, ଅରୁଣାଚଳରେ ୯, ମିଜୋରାମରେ ୪ ଏବଂ ମେଘାଳୟରେ ୩ ଜଣଙ୍କ ଜୀବନ ଯାଇଛି। ଆସାମର ୧୫ରୁ ଅଧିକ ଜିଲ୍ଲାରେ ୭୮ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ତ୍ରିପୁରାରୁ ୧୩୦୦ ପରିବାରକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ମଣିପୁରରେ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୩, ୮୦୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଉତ୍ତର ସିକିମରେ ୧୫୦୦ ପର୍ଯ୍ୟଟକ ଫସି ରହିଛନ୍ତି। ଶ୍ରୀନଗର-ଲେହ ରାଜପଥରେ ରବିବାର ଭୂସ୍ଖଳନ ହୋଇଛି। ଅବଶେଷ ପଡ଼ି ରହିଥିବାରୁ ରାସ୍ତା ବନ୍ଦ ରହିଛି। ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସାମ, ଅରୁଣାଚଳ, ସିକିମ ମୁଖ୍ୟମନ୍ତ୍ରୀ ଏବଂ ମଣିପୁର ରାଜ୍ୟପାଳଙ୍କ ସହ କଥା ହୋଇଛନ୍ତି।

# ଚୀନ୍‌ର ଋଣ ଜାଲରେ ୧୫୦ ଦେଶ

ବେଜିଂ, ୧।୬ (ଏଜେନ୍ସି)

ବିଶ୍ୱରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଚୀନ୍ କ୍ରମାଗତ ଭାବେ ପ୍ରଚେଷ୍ଟା ଜାରି ରଖିଛି। ଗରିବ ରାଷ୍ଟ୍ରଙ୍କୁ ଲୋଭ ଦେଖାଇ ଚୀନ୍ ନିଜ ଋଣ ଜାଲରେ ଫସାଇବାରେ ଲାଗିଛି। ଆଉ ଏହି ଦେଶଗୁଡିକ ଲୋଭରେ ଫସି ତଳିତଳାନ୍ତ ହେବାରେ ଲାଗିଛନ୍ତି। ଏବେ ଚୀନ୍ ଅର୍ଥ ଆଦାୟ ପାଇଁ ଏହି ଦେଶଗୁଡିକ ଉପରେ ଚାପ ପକାଉଛି। ବିଭିନ୍ନ ଭୟ ମଧ୍ୟ ଦେଖାଉଛି। ତେଣୁ ଚୀନ୍ ଋଣ ଆଦାୟ କରିବାରେ ବିଶ୍ୱରେ ସବୁଠୁ ଆଗରେ ରହିଛି। ଅଷ୍ଟ୍ରେଲିଆ ଥିଙ୍କ ଟ୍ୟାଙ୍କ ଲୋଭି ଲୋଭି ଇନ୍‌ଷ୍ଟିଚ୍ୟୁଟ ଅନୁଯାୟୀ ଚୀନ୍ ଚଳିତ ବର୍ଷ ବିଭିନ୍ନ ଦେଶଠାରୁ ରେକର୍ଡ ୩ ଲକ୍ଷ କୋଟି ଟଙ୍କାର ଋଣ ଆଦାୟ କରିବ। ଏଗୁଡିକ ମଧ୍ୟରେ ୭୫ଟି ଗରିବ ଦେଶ ସାମିଲ ଅଛନ୍ତି। ଏହି ଦେଶଗୁଡିକ ଚୀନ୍‌କୁ ୧.୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରିବେ। ବିକାଶଶୀଳ ଦେଶ ଉପରେ ଚୀନ୍‌ର ମୋଟ ୯୪ ଲକ୍ଷ କୋଟି ଟଙ୍କା ବାକି ରହିଛି। ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ (ବିଆରଆଇ) ଅଧିନରେ ଏକ ଦଶନ୍ଧି ତଳେ ଚୀନ୍ ଏହି ଋଣ ଦେଇଥିଲା।

### ଗରିବ ଦେଶଙ୍କ ଉପରେ ୯୪ ଲକ୍ଷ କୋଟି ବାକି

ଚୀନ୍ ଚାପ ଯୋଗୁଁ ଏହି ଦେଶଗୁଡିକର ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପଡୁଛି। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବଜେଟ ଉପରେ ବିପଦ ଦେଖାଦେଇଛି। ୨୦୨୩ରେ ୪୬ଟି ଗରିବ ଦେଶ ନିଜ ଟିକସ ଜନିତ ଆୟର ୨୦ ପ୍ରତିଶତ କେବଳ ଚୀନ୍ ଋଣ ପରିଶୋଧ କରିବାରେ ଖର୍ଚ୍ଚ କରିଥିଲେ। ଲୋଭରେ ପଡ଼ି ଋଣ ଆଣିଥିବା ଏହି ଦେଶ ଏବେ ଚୀନ୍‌ର ଜାଲରେ ପଡ଼ି ହନ୍ତସନ୍ତ ହେଉଛନ୍ତି। ସି ଜିନପିଙ୍ଗଙ୍କ ଏହି ଋଣ ରଣନୀତି ୨୦୧୩ରୁ ଆରମ୍ଭ ହୋଇଥିଲା। ୧୫୦ ଦେଶ ଏହି ପ୍ରକଳ୍ପରେ ସାମିଲ ହୋଇଛନ୍ତି। ବିଶ୍ୱ ଜିଡିପିକୁ ଏହି ଦେଶଗୁଡିକର ଯୋଗଦାନ ୪୦ ପ୍ରତିଶତ। ୪୨ ଦେଶ ଉପରେ ଜିଡିପିରୁ ଅଧିକ ଚୀନ୍ ଋଣ ରହିଛି। ୨୦୧୭ରେ ଚୀନ୍ ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)କୁ ପଛରେ ପକାଇ ସବୁଠାରୁ ବଡ଼ ଋଣଦାତା ହୋଇଥିଲା। ୮୦ ପ୍ରତିଶତ ଋଣ ବିକାଶଶୀଳ ଦେଶ ନେଇଥିଲେ। ଏବେ ୫୫ ପ୍ରତିଶତ ଋଣ ପରିଶୋଧ କରୁଛନ୍ତି। ୨୦୩୦ ସୁଦ୍ଧା ଏହା ୭୫ ପ୍ରତିଶତରେ ପହଞ୍ଚି ଯିବ। ୨୦୨୨ ସୁଦ୍ଧା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦେଶକୁ ଚୀନ୍ ୬୦ ପ୍ରତିଶତ ଋଣ ଦେଇଥିଲା। ଅଧିକ ସୁଧ ହାର ଯୋଗୁଁ ଅନେକ ଦେଶ ଏହାକୁ ପରିଶୋଧ କରିବାରେ ସମସ୍ୟା ଭୋଗୁଛନ୍ତି। ପାକିସ୍ତାନ (୨.୨୭ ଲକ୍ଷ କୋଟି), ଅଙ୍ଗୋଲା (୧.୭୯ ଲକ୍ଷ କୋଟି), ଶ୍ରୀଲଙ୍କା (୭୬ ହଜାର କୋଟି), ଇଥିଓପିଆ (୫୮ ହଜାର କୋଟି), କେନିଆ (୫୭ ହଜାର କୋଟି), ବାଂଲାଦେଶ (୫୨ ହଜାର କୋଟି), ଲାଓସ (୪୫ ହଜାର କୋଟି), ଇଜିପ୍ଟ (୪୪ ହଜାର କୋଟି) ଏବଂ ନାଇଜେରିଆ ୩୬ ହଜାର କୋଟି ଟଙ୍କାର ଋଣ ପରିଶୋଧ କରିବାରେ ବିଫଳ ହୋଇଛି। ଚୀନ୍ ବିଶ୍ୱବ୍ୟାଙ୍କକୁ ଲୁଚାଇ ମଧ୍ୟ ୩୩ ଲକ୍ଷ କୋଟିର ଋଣ ଦେଇଛି।



ଫ୍ରେଞ୍ଚ୍ ଓପନ୍ କ୍ୱାର୍ଟରରେ ଭିଟୋଲିନା

▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-334 ◆BHUBANESWAR ◆MONDAY ◆2 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୩୪ ◆ଭୁବନେଶ୍ୱର ◆ସୋମବାର ◆୨ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ସୁପର ପାୱାରକୁ ସୁପର ଝଟ୍କା**

# ୟୁକ୍ରେନ ଡ୍ରୋନ୍‌ର ତାଣ୍ଡବ

## ରୁଷ୍‌ର ୪ ଏୟାରବେସ୍‌ରେ ୪୦ ଯୁଦ୍ଧ ବିମାନ ଧ୍ୱଂସ



ରୁଷ୍ ନ ଅଟକିଲେ ପୁଣି ଆକ୍ରମଣ କରିବୁ: ୟୁକ୍ରେନ

■ **ମସ୍କୋ, ୧।୬ (ଏଜେନ୍ସି):** ଅନେକ ପର୍ଯ୍ୟାୟ ଆଲୋଚନା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ସତ୍ତ୍ୱେ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ନା ଧରୁନାହିଁ। ଏହା କ୍ରମାଗତ ଭାବେ ଭୟଙ୍କର ହେବାରେ ଲାଗିଛି। ରବିବାର ରୁଷରେ ବଡ଼ଧରଣର ଆକ୍ରମଣ କରିଛି ୟୁକ୍ରେନ। ନିଜ ସୀମାଠାରୁ ହଜାର ହଜାର କିମି ଦୂରରେ ଥିବା ଇଷ୍ଟର୍ଣ୍ଣ ସାଇବେରିଆ ସ୍ଥିତ ଓଲେନ୍ୟା ଏବଂ ବେଲାୟା ସମେତ ୪ଟି ଏୟାରବେସ୍ ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଏଥିରେ ୪୦ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଥିବା ୟୁକ୍ରେନ ପକ୍ଷରୁ ଦାବି କରାଯାଇଛି। କିଭ୍ ଇଣ୍ଡିପେଣ୍ଡେଣ୍ଟ ୱେବସାଇଟ ଅନୁଯାୟୀ ଏହି ଆକ୍ରମଣରେ ଏ-୫୦, ଟିୟୁ-୯୫ ଏବଂ ଟିୟୁ-୨୨ ଭଳି ବୋମାବର୍ଷଣକାରୀ ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଛି। ରୁଷିଆର ଇରକୁଟସ୍କ ପ୍ରଦେଶର ଗଭର୍ଣ୍ଣର ମଧ୍ୟ ଆକ୍ରମଣ ଖବରକୁ ସ୍ୱୀକାର କରିଛନ୍ତି। ରିମୋଟ ଚାଳିତ ବିମାନ ଦ୍ୱାରା ଶ୍ରୀଡନି ଗ୍ରାମରେ ଥିବା ଏୟାରବେସ ଉପରେ ଆକ୍ରମଣ ହୋଇଥିବା ସେ କହିଛନ୍ତି।

ରିପୋର୍ଟ ଅନୁଯାୟୀ ରିପୋର୍ଟ ଅନୁଯାୟୀ, ୟୁକ୍ରେନୀୟ ସୁରକ୍ଷା ଏଜେନ୍ସି (ଏସବିୟୁ) ଏହି ଆକ୍ରମଣ କରିଥିଲା। ଏଥିରେ ଫାଷ୍ଟ ପର୍ସନ ଭ୍ୟୁ (ଏଫପିଭି) ଡ୍ରୋନ ବ୍ୟବହାର କରାଯାଇଥିଲା। ଜଣେ ଏସବିୟୁ ଅଧିକାରୀ କହିଛନ୍ତି ଯେ ଆତ୍ମରକ୍ଷା ପାଇଁ ଏହି ଆକ୍ରମଣ କରାଯାଇଛି। କାରଣ ରୁଷ୍‌ର ଏହି ବିମାନଗୁଡ଼ିକ ▸ପୃଷ୍ଠା-୭


# ୨ ଟଙ୍କା ବଢ଼ିଲା ଓମ୍‌ଫେଡ୍ କ୍ଷୀର

**ଚାଷୀଙ୍କୁ ଲିଟର ପିଛା ଅଧିକ ୩ ଟଙ୍କା**

■ **ଭୁବନେଶ୍ୱର, ୧।୬ (ସମିସ):** ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି ସରକାର। ଏହା ସହିତ ଚାଷୀଙ୍କଠାରୁ ଦୁଗ୍ଧ କ୍ରୟ ସମୟରେ ସେମାନଙ୍କୁ ଅଧିକ ୩ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ପୂର୍ବରୁ ୧ ଲିଟର ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ୫୨ ଟଙ୍କା ଥିବାବେଳେ ଏବେ ଏହା ୫୪ ଟଙ୍କାରେ ବିକ୍ରି ହେବ। ଏହା ସହ ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ଦହି, ରାବିଡ଼ି, ଲସି, ଚହ୍ଲା, ଛେନାପୋଡ଼, ପେଡ଼ା ଆଦିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ । ଆସନ୍ତା ୧୬ ତାରିଖରୁ ବର୍ଦ୍ଧିତ ଦର ଲାଗୁ ହେବ। ଅନ୍ୟପକ୍ଷରେ ଓମ୍‌ଫେଡ୍ କ୍ଷୀର ଦର ୨ ଟଙ୍କା ବୃଦ୍ଧି ହୋଇଥିଲେ ହେଁ ଦୁଗ୍ଧ ଚାଷୀମାନେ ଲିଟର ପିଛା ୩ ଟଙ୍କା ଲାଭବାନ ହେବେ।

# ଧୋକାଦେଲା ମୌସୁମୀ

## ପ୍ରଚଣ୍ଡ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ



ସ୍ନାନପୂର୍ଣ୍ଣିମା ପୂର୍ବରୁ ନିସ୍ତାର ନାହିଁ

■ **ଭୁବନେଶ୍ୱର, ୧।୬ (ସମିସ):** ଧୋକା ଦେଲା ମୌସୁମୀ। ଓଡ଼ିଶା ଛୁଇଁବା ପୂର୍ବରୁ ଲଘୁଚାପ ଫାନ୍ଦରେ ପଡ଼ି ବାଟରେ ଅଟକି ଗଲା। ଦିନେ ଦୁଇଦିନ ବୁନ୍ଦା ଝାଡ଼ି ପ୍ରାକ୍ ମୌସୁମୀ ବର୍ଷା ବି ଓଡ଼ିଶାରୁ ମୁହଁ ଫେରାଇ ନେଲା। ଏହା ପରେ ରାଜ୍ୟରେ ପୁଣି ବଦଳିଛି ପାଗ; ତାତି ବଢ଼ିଛି, ଆରମ୍ଭ ହୋଇଛି ପ୍ରଚଣ୍ଡ ଗୁଳୁଗୁଳି। ଆଭ୍ୟନ୍ତରୀଣ ଓଡ଼ିଶାରେ ୫ରୁ ୬ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। ଆସନ୍ତା ଦୁଇ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ ଓ ସ୍ନାନପୂର୍ଣ୍ଣିମା ପୂର୍ବରୁ ଗୁଳୁଗୁଳିରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସମେତ ଦେଶର ଅଧିକାଂଶ ସ୍ଥାନରେ ମୌସୁମୀ ନିଷ୍କ୍ରିୟ ରହିବ। ଏହି ସମୟରେ କେବଳ ଦେଶର ପଶ୍ଚିମ ଉପକୂଳ ଓ ଉତ୍ତର-ପୂର୍ବ ଭାରତରେ ବର୍ଷା ହେବ। ବର୍ତ୍ତମାନ ରାଜ୍ୟକୁ ପଶ୍ଚିମା ପବନ ବହୁଥିବାରୁ ମୌସୁମୀ ଟ୍ରଫ୍ ସୃଷ୍ଟି ହୋଇପାରୁ ▸ପୃଷ୍ଠା-୭

# ଏଏସ୍‌ଆଇଙ୍କୁ ପୋଡ଼ି ମାରିଦେଲେ !


**ଗାଡ଼ି ସହ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର**



**ଥାନାରେ ମାନସିକ ନିର୍ଯାତନା ଦେଉଥିଲେ ଆଇଆଇସି: ପତ୍ନୀ**

■ **ଜୁନାଗଡ଼, ୧।୬ (ସମିସ):** ଭବାନୀପାଟଣା ରିଜର୍ଭ ପୁଲିସ୍ ମୁଖ୍ୟାଳୟରେ କାର୍ଯ୍ୟରତ ଏଏସ୍‌ଆଇ ପବିତ୍ର ଗୋଲାପିଙ୍କ ଆଜି ସନ୍ଦେହଜନକ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଜୁନାଗଡ଼ ଥାନା ଅଧୀନ ବନମାଳିପୁର ଏନ୍‌ଏଚ-୨୬ର ରାସ୍ତାକଡ଼ରୁ ବାଇକ୍ ସହ ତାଙ୍କର ଦରପୋଡ଼ା ଶବ ଜବତ ହୋଇଛି। ପୁଲିସ୍ ଏହାକୁ ଦୁର୍ଘଟଣା ବୋଲି କହୁଥିବା ବେଳେ ପରିବାରଲୋକ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ପୋଡ଼ି ମାରିଦେଇଛନ୍ତି ବୋଲି ସେ କହିଛନ୍ତି। ଏପରିକି, କେ ଗାଁ ଥାନା ଆଇଆଇସିଙ୍କ ବିରୋଧରେ ମଧ୍ୟ ସଂଗିନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଆଇଆଇସି ସବୁବେଳେ ପବିତ୍ରଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ତେଣୁ, ଏହାକୁ ନେଇ ପବିତ୍ର ସବୁବେଳେ ଚିନ୍ତାରେ ରହୁଥିଲେ। ଜୁନାଗଡ଼ ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ▸ପୃଷ୍ଠା-୭

# ପେଟ୍ରୋଲ ପମ୍ପରୁ ଟ୍ରକ୍‌ଭର୍ତ୍ତି ବିସ୍ଫୋରକ ଜବତ



**୨ଟି ମିନି ଟ୍ରକ୍‌ରେ ଥିଲା ୧୧୬ ପ୍ୟାକେଟ୍ ଜିଲେଟିନ, ୪୧୬ ଡେଟୋନେଟର**

**ବଡ଼ଗାଁ ଗୋଦାମ ସିଲ୍ ସତ୍ତ୍ୱେ ପୁଣି ବିସ୍ଫୋରକ ଚାଲାଣକୁ ନେଇ ପ୍ରଶ୍ନ**

**ମାଲିକକୁ ଅଟକ ରଖି ପଚରାଉଚରା**

■ **ରାଉରକେଲା, ୧।୬(ସମିସ):** ମେ’ ୨୭ତାରିଖରେ ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖାଦାନକୁ ଯାଉଥିବା ବିସ୍ଫୋରକ ବୋଝେଇ ଗାଡ଼ି ଲୁଟ୍ ଘଟଣା ପୁଲିସ୍‌ର ନିଦ ହଜାଇ ଦେଇଥିବା ବେଳେ ରବିବାର ପୁଣି ବିପୁଳ ବିସ୍ଫୋରକ ବୋଝେଇ ଦୁଇଟି ମିନିଟ୍ରକ୍ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରୁ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବଡ଼ଗାଁ ଇଡମାସ୍ଥିତ ବାରୁଦ ଗୋଦାମକୁ ପୁଲିସ୍ ସିଲ କରିଥିବା ବେଳେ ଉକ୍ତ ଗୋଦାମରୁ କିପରି ପୁଣି ବାରୁଦ ଆସିଲା, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାରେ ପୁଲିସ୍ ଗୋଦାମ ମାଲିକ ଶ୍ରବଣ ଅଗ୍ରୱାଲଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ୩୦ରୁ ୪୦ଜଣ ସଶସ୍ତ୍ର ମାଓବାଦୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ଷ୍ଟୋନ୍ କ୍ୱାରୀ ନିକଟରୁ ୫ଟନ୍ ବୋଝେଇ ଏକ ମିନି ଟ୍ରକ୍‌କୁ ଲୁଟ୍ କରିବା ଘଟଣା ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ୍ ପାଇଁ ▸ପୃଷ୍ଠା-୭










କେବେ ହେବ ପକ୍କା ସଡ଼କ

# ବଗିଚାପଡ଼ାରୁ କଣ୍ଟାବାଞ୍ଜି ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ



**କଣ୍ଟାବାଞ୍ଜି, ୧।୬(ସମିସ)**

ସ୍ୱାଧୀନତାର ଅନେକ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଗ୍ରାମବାସୀ। ପଞ୍ଚାୟତ ପ୍ରଶାସନ ଠାରୁ ବ୍ଲକ ପ୍ରଶାସନ ସମସ୍ତଙ୍କୁ ତାଙ୍କ ଦୁଃଖ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ।ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ହିଆଁଲ ପଞ୍ଚାୟତର ବଗିଚାପଡ଼ାବାସୀଙ୍କୁ ମିଳୁନ ମୌଳିକ ସୁବିଧା। କଣ୍ଟାବାଞ୍ଜି ସହରରୁ ମାତ୍ର ୨ କିଲୋମିଟର ଦୂର ଅବସ୍ଥିତ ବଗିଚାପଡ଼ା କିନ୍ତୁ ଆଜି ବି ପଡ଼ାକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। କାଦୁଅ ପଚପଚ ରାସ୍ତାରେ ଲୋକେ ଯାତାୟତ କରୁଛନ୍ତି। ବର୍ଷାରେ ରାସ୍ତା ଅବସ୍ଥା ପୁରା ବେହାଲ ହୋଇପଡୁଛି। ବର୍ଷା ଦିନରେ ରାସ୍ତା ଯିବା କଷ୍ଟକର ହୋଇପଡେ। ଯାହାଫଳ ୨ କିଲୋମିଟ ଦୂର କଣ୍ଟାବାଞ୍ଜି ସହର ଥିବା ବେଳେ ପଡ଼ାବାସୀ ୫ କିଲୋମିଟର ଅଧିକ ଦୂର ବୁଲିବୁଲି କଣ୍ଟାବାଞ୍ଜି ସହରକୁ ଯିବା ପଡ଼ିଥାଏ। ପ୍ରଶାସନ କି କୌଣସି ଜନପ୍ରତିନିଧି ବଗିଚାପଡ଼ାବାସୀଙ୍କ ଦୁଃଖ ବୁଝୁନଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସରକାର ନଜର ଦେଇ ତୁରନ୍ତ ପକ୍କା ସଡ଼କ ଯୋଜନାରେ ସାମିଲ ରାସ୍ତା ଅବସ୍ଥା ସୁଧାରିବା ପାଇଁ ଦାବି କରୁଛନ୍ତି।

### ସେମାନଙ୍କ ମୁହଁରୁ...

ଦୀର୍ଘ ନିନ ହେଲା ଆମ ବଗିଚାପଡ଼ାକୁ ପକ୍କା ସଡ଼କ ନିର୍ମାଣ କରିବାକୁ ଦାବି କରି ଆସୁଛୁ କିନ୍ତୁ କେହିଁ ନଜର ଦେଉନାହାଁନ୍ତି।



ବର୍ତ୍ତମାନ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଆମ ହିଆଁଲପଞ୍ଚାୟତବାସୀ। ବଗିଚାପଡ଼ା ମଧ୍ୟ ତାଙ୍କ ପଞ୍ଚାୟତ ଅଧିନରେ ଯାଉଛି। ଏହି ବଗିଚାପଡ଼ାକୁ ପକ୍କା ସଡ଼କ ନିର୍ମାଣ କରିବା ଦିଗରେ ବିଧାୟକ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

**ଭାଗ୍ୟଧର ଚିନ୍ଦା, ଗ୍ରାମବାସୀ**

ଏହି ରାସ୍ତା ପାଇଁ ଆମେ ଦୀର୍ଘ ବର୍ଷ ଧରି ସଂଗ୍ରାମ କରି ଆସୁଛୁ ହେଲେ କେହିଁ ଶୁଣୁନାହାନ୍ତି। ଆମେ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ନିବେଦନ କରୁଛୁ ଯେ ଆମ



ଏହି ରାସ୍ତା ସମସ୍ୟା ଉପରେ ନଜର ଦିଅନ୍ତୁ। ଏହି ରାସ୍ତାରେ କଚା ସଡ଼କ ଥିବା ଯୋଗୁଁ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇପଡ଼ିଛି। ଯାହା ଫଳରେ ଯାତାୟତରେ ବହୁ ସମସ୍ୟା ହେବା ସହ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଛାତ୍ରଛାତ୍ରୀ କଣ୍ଟାବାଞ୍ଜି ସହରକୁ ପାଠ ପଢ଼ିଯିବାକୁ ବହୁ ଅସୁବିଧାରେ ପଡୁଛନ୍ତି। ବଗିଚାପଡ଼ାକୁ ତୁରନ୍ତ ପକ୍କା ସଡ଼କ ନିର୍ମାଣ କରନ୍ତୁ।

**ଲମ୍ବୋଦର ବେହେରା, ସ୍ଥାନୀୟ ବାସିନ୍ଦା**

ବର୍ଷ ବର୍ଷ ଏହା କଚା ସଡ଼କ ରହି ଆସିଛି। ଆମ ବଗିଚାପଡ଼ାର କୌଣସି ଗର୍ଭବତୀ ମହିଳାଙ୍କୁ କଣ୍ଟାବାଞ୍ଜି ସହର ଡାକ୍ତରଖାନ ନେବାକୁ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ରାସ୍ତା ଅବସ୍ଥା ଏମିତି ଅଛି ଗର୍ଭବତୀଙ୍କ ରାସ୍ତାରେ ପ୍ରସବ ହୋଇଯିବ। ଭୋଟ



ସମୟରେ ବିଭିନ୍ନ ଦଳର ନେତା ଆମ ଗାଁ ଆସନ୍ତି ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦିଅନ୍ତି କିନ୍ତୁ ନିର୍ବାଚନ ସରିଗଲା ପରେ ନେତାମାନେ ପ୍ରତିଶ୍ରୁତି ଭୁଲି ଯାଆନ୍ତି। ଲୋକଙ୍କ ସରକାର କହୁଥିବା ଡବଲ ଇଞ୍ଜିନ ସରକାର ଆମ ଦୁଃଖ ଶୁଣିବାକୁ ଅନୁରୋଧ କରିଛନ୍ତି।

**ପୂର୍ଣ୍ଣମୀ ପନିକ, ଗାଁ ମହିଳା**

ନିର୍ବାଚନ ସମୟରେ ନେତାମାନେ ବଗିଚାପଡ଼ାକୁ ଆସି ପ୍ରତିଶ୍ରୁତିରେ ପୋତି ପକାନ୍ତି। ଶ୍ରୀଘ୍ର ପକ୍କା ରାସ୍ତା



ନିର୍ମାଣ କରାଯିବ ବୋଲି କହି ଯାଆନ୍ତି। କିନ୍ତୁ ନିର୍ବାଚନ ସରିଲା ପରେ ସରପଞ୍ଚ ନା ବିଧାୟକ କାହାର ଦେଖାନାହିଁ। କେହିଁ ଆମ କଥା ବୁଝୁନାହାନ୍ତି।ବର୍ତ୍ତମାନର କଣ୍ଟାବାଞ୍ଜି ବିଧାୟକ ଆମ ପଞ୍ଚାୟତବାସୀ ହେଲେ ମଧ୍ୟ ସେ ଆମ ସମସ୍ୟା ବୁଝୁନାହାନ୍ତି। ତୁରନ୍ତ ବଗିଚାପଡ଼ାରୁ କଣ୍ଟାବାଞ୍ଜି ସହରକୁ ପକ୍କା ସଡ଼କ ନିର୍ମାଣ କରନ୍ତୁ ଆମର ଦାବି।

**ଗନ୍ଧବ ପନିକା, ଗାଁ ଯୁବକ**

ଧରାପୃଷ୍ଠରେ ଈଶ୍ୱରଙ୍କ ମାନବୀୟ ଲୀଳା

# ବିଭିନ୍ନ ସ୍ଥାନରେ ଶୀତଳ ଷଷ୍ଠୀ ପର୍ବ

**ବଲାଙ୍ଗିର, ୧।୬(ସମିସ):** ଶୀତଳ ଷଷ୍ଠୀ ପର୍ବ ଧରାପୃଷ୍ଠରେ ଇଶ୍ୱରଙ୍କ ମାନୀବୟ ଲୀଳାର ଜ୍ୱଳନ୍ତ ଉଦାହରଣ। ଯେଉଁଠି ଦେବଦମ୍ପତିଙ୍କ ବାହାଘରରେ ସାକ୍ଷୀ ରହେ ଭକ୍ତ ସମାଜ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମହାଆଡମ୍ବରରେ ଶୀତଳ ଷଷ୍ଠୀ ପର୍ବ ପାଳନ ହେଉଛି। ବିଧି, ପରମ୍ପରା ଅନୁସାରେ ଭଗବାନଙ୍କ ବାହାଘର ସମ୍ପନ୍ନ ହେଉଥିବା ଦେଖି ସମସ୍ତେ ଭାବ ବିହ୍ୱଳିତ ହୋଇଉଠିଛନ୍ତି।



ବଲାଙ୍ଗିର ସହରର ବିଭିନ୍ନ ସ୍ଥାନରେ ଶୀତଳ ଷଷ୍ଠୀ ପର୍ବ ପାଳନ କରାଯାଉଛି। ଦେବ ଦେବ ମହାଦେବ ଓ ଜଗତଜନନୀ ମା' ପାର୍ବତୀଙ୍କ ଶୁଭ ବିବାହ କାର୍ଯ୍ୟକ୍ରମ ହୋଇଛି। ଲୋକାଚାର ପିତାମାତା ଭାବରେ ମହାଦେବଙ୍କୁ ପୁଅ ଓ ମା' ଜଗତଜନନୀ ପାର୍ବତୀଙ୍କୁ ଝିଅ ଭାବରେ ପାଇ ପିତାମାତା ଭାବରେ ଦାୟିତ୍ୱ ସମ୍ପର୍ଣ୍ଣ କରିଛନ୍ତି। ନିର୍ଦ୍ଧାରିତ ବିଧି ଅନୁଯାୟୀ ଗତ ଶୁକ୍ରବାର ଠାରୁ ବିବାହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ମନ୍ଦିରରୁ ଲୋକାଚାର ପିତାମାତାଙ୍କ ଘରକୁ ଦେବଦେବ ମହାଦେବ ଓ ମାତା ପାର୍ବତୀ। ଏହା ପରେ ଆରମ୍ଭ କରାଯାଇଥିଲା। ବାହାଘର ପରମ୍ପରା, ମାଟିପକା, ଦେବଗଣସନ, ବରାନୁଗମନ ଏଭଳି ବିଭିନ୍ନ ବୈବାହିକ ପରମ୍ପରା ଆରମ୍ଭ କରାଯାଇଥିଲା। ଶନାବାର ରାତିରେ ବାହାରିଥିଲା ବରଯାତ୍ରୀ। ଶୋଭାଯାତ୍ରାରେ ଭକ୍ତମାନେ ସାମିଲ ହୋଇଲେ। ମହା ଆଡମ୍ବରରେ ମାତା ପାର୍ବତୀଙ୍କ ଲୋକାଚାର ପିତାମାତା ଗୃହକୁ ପହଞ୍ଚିଥିଲେ ବାବା ମହାଦେବ। ଏହା ପରେ ଆରମ୍ଭ ହୋଇଥିଲା ବାହାଘର କାର୍ଯ୍ୟକ୍ରମ। ବୈଦିକ ପରମ୍ପରା ଅନୁସାରେ ଦେବ ଦମ୍ପତିଙ୍କ ବାହାଘର ସରିଥିଲା। ରବିବାର ସକାଳୁ ଲୋକାଚାର ପିତାମାତାଙ୍କ ଘରକୁ ଦେବଦେବ ମହାଦେବ ପ୍ରବେଶ କରିଥିଲେ। ଯୁଗଳ ବେଶ ଦର୍ଶନ କରିବାକୁ ଭକ୍ତମାନଙ୍କର ପ୍ରବଳ ସମାଗମ ହୋଇଥିଲା। ସୋମବାର ସକାଳୁ ଯୁଗଳ ବେଶରେ ଦେବ ଦମ୍ପତି ସହର ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେବେ ଏବଂ ମନ୍ଦିର ଭିତରକୁ ପ୍ରବେଶ କରିବେ ବୋଲି ସୂଚନା ରହିଛି।

■ ବନ୍ଧୁକ ଦେଖାଇ ବାଇକ୍ ଲୁଟ୍

# ନିଜ ବାଇକ୍ ଛାଡ଼ି ପଳାଇଲେ ଲୁଟେରା




**ବଲାଙ୍ଗିର, ୧।୬(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ଜାମସର ଛକ ନିକଟରେ ବଲାଙ୍ଗିର ସହର ଗାନ୍ଧିନଗରପଡ଼ାର ଜଣେ ଯୁବକ ଅଜବ ଲୁଟର ଶୀକାର ହୋଇଛନ୍ତି। ରାସ୍ତାକଡରେ ଛିଡା ହୋଇଥିବା ବେଳେ ଦୁଇ ଜଣ ଯୁବକ ଆସି ବନ୍ଧୁକ ଦେଖାଇ ତାଙ୍କ ବୁଲେଟ ଲୁଟ କରିନେଇ ଫେରାର ମାରିଛନ୍ତି। ବୁଲେଟ ନେବା ପରେ ସେମାନେ ଆସିଥିବା ବାଇକ୍କୁ ଛାଡି ଚାଲିଯାଇଥିବା ଗାନ୍ଧିନଗରପଡ଼ାର କୁନ୍ଦନ ପ୍ରସାଦ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଲୁଟେରାମାନେ ଛାଡିଯାଇଥିବା ବାଇକ୍ ତାଙ୍କ ନିଜର ନା ଚୋରି ବାଇକ ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ ଗାନ୍ଧିନଗରପଡ଼ାର କୁନ୍ଦନ ପ୍ରସାଦ ବେହେରା ତାଙ୍କ ମାମୁଁ ଘରକୁ ରବିବାର ମଧ୍ୟାହ୍ନରେ ତାଙ୍କ ସାଙ୍ଗ ସହ ଯାଉଥିଲେ। ରାସ୍ତାରେ ଫୋନ ଆସିବାରୁ ସେମାନେ ଜାମସର ଛକ ନିକଟସ୍ଥ ଅସୁରନାଲ ରାସ୍ତାକଡରେ ଛିଡା ହୋଇ କଥା ହୋଇଥିଲେ। ଏହି ସମୟରେ ପଛପଟୁ ଏକ ବାଇକ୍ରେ ଦୁଇ ଜଣ ଯୁବକ ଆସି ପହଞ୍ଚିଥିଲେ। କିଛି କଥାବର୍ତ୍ତା ପୂର୍ବରୁ ସେମାନେ କୁନ୍ଦନ ଓ ତାଙ୍କ ସାଙ୍ଗଙ୍କୁ ବନ୍ଧୁକ ଦେଖାଇ ବୁଲେଟ ନଂ ଓଡି ୦୩ ଏସି-୯୩୬୫ ନେଇ ଚାଲିଯାଇଥିଲେ। ବୁଲେଟ ନେବା ପରେ ସେମାନେ ଧରିଥିବା ବାଇକ ନଂ ଓଡି ୦୫ ବିଏଚ -୮୪୨୦ଛାଡି ଚାଲିଯାଇଥିଲେ। ଉକ୍ତ ବାଇକ୍ ନେଇ କୁନ୍ଦନ ପୁଇଁନ୍ତଲା ଥାନାକୁ ଆସି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହା ସହ ଲୁଟେରାମାନଙ୍କ ବାଇକ୍କୁ ପୁଲିସର ହସ୍ତାନ୍ତର କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ବାଇକ ବଦଳାଇ ଫେରାର ହେବା ପଛରେ ରହସ୍ୟ କଣ? ଲୁଟେରାମାନେ ଛାଡିଯାଇଥିବା ବାଇକ୍ ଚୋରି ବାଇକ ନୁହେଁ ତ ! ନା ସେମାନେ କିଛି ଅପରାଧ ଘଟାଇ ଫେରାର ହେଉଥିବାରୁ ଭ୍ରମିତ କରିବା ପାଇଁ ବାଇକ ବଦଳାଇ ଫେରାର ହୋଇଛନ୍ତି। ଏନେଇ ପୁଇଁନ୍ତଲା ପୁଲିସ ଛାନଭିନ ଆରମ୍ଭ କରିଛି।

# ଭତ୍ତା ପାଇଁ ଘୁସୁଡ଼ି ଘୁସୁଡ଼ି ଗଲେ ଦୁଇ କିମି

**ପାଟଣାଗଡ଼, ୧।୬(ସମିସ):** ରାଜ୍ୟ ସରକାର ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବୃଦ୍ଧ ବୃଦ୍ଧା ଭତ୍ତା ଟଙ୍କା ପାଇଁ କିଭଳି ନିର୍ଯାତନା ଭୋଗୁଛନ୍ତି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଫଟାମୁଣ୍ଡା ପଞ୍ଚାୟତ ପାଣ୍ଡେସରା ଗ୍ରାମର ସୁରଖା ନାଗ (୬୩)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସୁରେଖାଙ୍କ ବାମ ଗୋଡ଼ରେ ଦଶ ବର୍ଷ ପୂର୍ବରୁ ସାପ କାମୁଡି ଦେଇଥିବାରୁ ତାଙ୍କ ପାଦ କଟାଯାଇଛି ଫଳରେ ସେ ଚାଲି ପାରୁନାହାନ୍ତି। ଶନିବାର ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଭତ୍ତା ଟଙ୍କା ଉଠାଇବା ପାଇଁ ପାଣ୍ଡେସରା ଗ୍ରାମରୁ ପ୍ରାୟ ଦୁଇ କିଲୋମିଟର ରାସ୍ତା ଘୁସୁଡ଼ି ଘୁସୁଡ଼ିହୋଇ ପୁଡାପଦର ଗ୍ରାମର ଏକ କିଓସ୍କ ବ୍ୟାଙ୍କ ଶାଖାକୁ ଆସିଥିଲେ। ପରେ ଲିଙ୍କ ନ ଥିବା କହି ଶାଖା ମାଲିକ ତାଙ୍କୁ ଫେରାଇ ଦେଇଥିଲେ। ସେ ଟଙ୍କା ନ ପାଇ ନିରାଶ ହୋଇ ପୁଣି ଘୁସୁଡ଼ି ଘୁସୁଡ଼ି ହୋଇ ଗାଁକୁ ଫେରୁଥିବା ସମୟରେ ଭରତବାହାଲ ଗାଁର କରୁଣା ମିଶ୍ର ତାଙ୍କ ଦୁଃଖକୁ ଦେଖି ତାଙ୍କ ଟ୍ରାକ୍ଟର ଯୋଗେ ସୁରେଖାଙ୍କୁ ପାଣ୍ଡେସରା ଘରକୁ ନେଇ ଛାଡିଆସିଥିଲେ। ଘଟଣା ପ୍ରଘଟ ହେବାପରେ ଅଞ୍ଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।



ସରକାର ଅସହାୟ ବୃଦ୍ଧବୃଦ୍ଧାଙ୍କୁ ତାଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ ପାଇଁ କଡା ନିର୍ଦ୍ଦେଶ ଦେଇଥିବା ବେଳେ ସୁରେଖାଙ୍କ କ୍ଷେତ୍ରରେ ପ୍ରଶାସନର ଅବହେଳା ଜଳଜଳ ହୋଇ ଦିଶୁଛି। ସୁରେଖାଙ୍କ ସ୍ୱାମୀଙ୍କ ତିନି ବର୍ଷ ପୂର୍ବରୁ ଦେହାନ୍ତ ହୋଇସାରିଛି। ଏବେ ସେ ଏକୁଟିଆ ଜୀବନ ବିତାଉଛନ୍ତି। ତାଙ୍କର ସାହା ଭରସା କେହି ନାହାନ୍ତି। କେବଳ ପଞ୍ଚାୟତରୁ ଚାଉଳ ଓ ଭତ୍ତା ପାଇ ବଞ୍ଚିଛନ୍ତି। ଭଙ୍ଗା ଦଦରା କୁଡ଼ିଆ ଘରେ ରହୁଛନ୍ତି। ଘର ଖଣ୍ଡିଏ ପାଇଁ ସେ ଅନେକ ଥର ପ୍ରଶାସନକୁ ଗୁହାରି କରି ଥକି ପଡ଼ିଥିବା କହିଛନ୍ତି। ସରକାର ଯେଉଁ ଭତ୍ତା ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଦେଉଛନ୍ତି ସୁରେଖା ପ୍ରତିମାସ ଦୁଇ ଶହ ଟଙ୍କାରେ ଅଟୋ ଭଡା କରି ପୁଡାପଦର ଗାଁର ଏକ କିଓସ୍କ ଶାଖାକୁ ଭତ୍ତା ଟଙ୍କା କାଢ଼ିବାକୁ ଆସିଥାନ୍ତି। ଶନିବାର କୌଣସି ଗାଡି ନ ମିଳିବାରୁ ଶେଷରେ ଘୁସୁଡ଼ି ଘୁସୁଡ଼ି ହୋଇ ଭତ୍ତା ଟଙ୍କା ଉଠାଇବାକୁ ପୁଡାପଦର ଗାଁକୁ ଆସିଥିଲେ। ଏ ବିଷୟରେ ବିଡିଓ ପାଟଣାଗଡ଼ଙ୍କ ପ୍ରତିକ୍ରିୟା ପାଇଁ ଚେଷ୍ଟା କରିବାରୁ ଫୋନ ସୁଇଚ୍ ଅପ୍ ରହିଥିଲା। ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ସମନ୍ୱିତ ଲୋକକଳା ସଂସ୍କୃତି ଚର୍ଚ୍ଚା ପାଇଁ ପ୍ରସ୍ତୁତି

**ବଲାଙ୍ଗିର, ୧।୬(ସମିସ):** ପଶ୍ଚିମ ଓଡ଼ିଶାର ଲୋକକଳାକୁ ଗବେଷଣା କରୁଥିବା ଗବେଷକ ତଥା ଦେଶ ବିଦେଶର ମଞ୍ଚରେ ପରିବେଷଣ କରି ଏହାକୁ ବଞ୍ଚାଇ ରଖିଥିବା କଳାକାରମାନଙ୍କୁ ଏକତ୍ରିତ କରିବା ଏବଂ ଏହି କଳାକୁ ଆଗେଇ ନେବା ଉଦ୍ଦେଶ୍ୟରେ ଆସନ୍ତା ୭ ତାରିଖ ଦିନ ସ୍ଥାନୀୟ ସାମ୍ବାଦିକ ଭବନରେ ସମନ୍ୱିତ ଲୋକକଳା ସଂସ୍କୃତି ଚର୍ଚ୍ଚା ଏବଂ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯିବ। ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଲୋକ ସଂସ୍କୃତି ଗବେଷକ ସଂଘ ଓ ଢୋଲ ମୁହୁରୀ କଳା ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଶିଷ୍ଟ କଳାକାର, ଲୋକକଳା ଗବେଷକ, ଲୋକ ସଂସ୍କୃତି ସଙ୍ଗଠକ ପ୍ରମୁଖ ଉପସ୍ଥିତ ରହିବେ। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ କରାଯାଇ ସଂସ୍କୃତି ଚର୍ଚ୍ଚା, ଆଲେଚନା ଚକ୍ର, ଖୋଲା ଆଲୋଚନା ଆଦି କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ ବରିଷ୍ଠ ଲୋକ ସଂସ୍କୃତି ଗବେଷକ, କନିଷ୍ଠ ଲୋକ ସଂସ୍କୃତି ଗବେଷକ, ଯୁବ କଳାକାର ମେଧାବୃତ୍ତି, ସଂସ୍କୃତିକ ପ୍ରତିଭା ଅନ୍ୱେଷଣ ମେଧାବୃତ୍ତି ପାଇଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ମିଳିଛି।

# ନାବାର୍ଡ ସିଜିଏମ୍ଙ୍କ ପ୍ରକଳ୍ପ ପରିଦର୍ଶନ



**ତୁଷୁରା, ୧।୬(ସମିସ):** ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକରେ ଚାଲୁଥିବା ଟିଡିଏଫ୍ ୱାଡି ପ୍ରକଳ୍ପ ପରିଦର୍ଶନ କରିଛନ୍ତି ଏସକେ ତାଲୁକଦାର (ସିଜିଏମ, ନାବାର୍ଡ) ଓ ଜିଲ୍ଲା ବିକାଶ ପ୍ରବନ୍ଧକ (ଡିଡିଏମ)। ଏସକେ ତାଲୁକଦାର ମୁଖ୍ୟ ସାଧାରଣ ବ୍ୟବସ୍ଥାପକ, ନାବାର୍ଡ ଓ ଜିଲ୍ଲା ବିକାଶ ପ୍ରବନ୍ଧକ ଗୁଡ଼ଭେଲା ବ୍ଲକରେ ଚାଲୁଥିବା ସମ୍ପୂର୍ଣ୍ଣ ଜନଜାତି ଉନ୍ନତି କାର୍ଯ୍ୟକ୍ରମ ପରିଦର୍ଶନ କରିଛନ୍ତି। ସେମାନେ ଗାଁ ଗ୍ରାମରେ ଥିବା ୱାଡି କ୍ଷେତ୍ରକୁ ଯାଇ କୃଷକମାନେ ସହ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଯେପରିକି ଗଛର ଯତ୍ନ ଓ ପରିଚାଳନା, ବଜାର ବ୍ୟବସ୍ଥା, ଜଳସେଚନ ଓ ଅନ୍ୟ ଫସଲ ସହ ମିଶ୍ର ଚାଷ ମାଧ୍ୟମରେ ଆୟ ବୃଦ୍ଧି ପାଇଁ ପଦକ୍ଷେପ। ସେମାନେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାର ଉପସ୍ଥିତ କର୍ମକର୍ତ୍ତାଙ୍କ ସହିତ ମଧ୍ୟ ଆଲୋଚନା କରି ସମ୍ପୃକ୍ତ ଚାଷୀଙ୍କ ଜାଗୃକତା, ପ୍ରାପ୍ୟ ପ୍ରାଯୁକ୍ତିକ ସହଯୋଗ ଓ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ବିଷୟରେ ପରାମର୍ଶ ଦେଇଥିଲେ। ଗସ୍ତ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।






# ବିଶ୍ୱ ତମାଖୁ ବର୍ଜନ ଦିବସ

**କଣ୍ଟାବାଞ୍ଜି, ୧।୬ (ସମିସ):** କଣ୍ଟାବାଞ୍ଜିର ଅଗ୍ରଣୀ ଅନୁଷ୍ଠାନ ଓ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର କଣ୍ଟାବାଞ୍ଜିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାୟତ୍ରୀ ଶକ୍ତି ପୀଠ ପରିସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ନିର୍ଝରିଣୀର ସମ୍ପାଦକ ବିରଞ୍ଚି ନାରାୟଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସଚେତନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ବିଚିତ୍ରାନନ୍ଦ ସାହୁ, ନିଶାମୁକ୍ତି ଅଭିଯାନର ମୁଖ୍ୟ, ସମ୍ମାନିତ ଅତିଥି ଭାବରେ ଅଜୟ ଅଗ୍ରୱାଲ, ମୋହନ ଲାଲ ଅଗ୍ରୱାଲ, ଗୁଣନିଧି ରାଉତରାୟ ଉପସ୍ଥିତ ଥିଲେ। ମାନସ ରଞ୍ଜନ ଜାଲ ମଞ୍ଚ ପରିଚାଳନା କରିଥିଲେ। ତମାଖୁ ବର୍ଜନ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ସଭାରେ ଉପସ୍ଥିତ ବ୍ୟକ୍ତିମାନେ ପ୍ଲାକାର୍ଡଧରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ନିର୍ଝରିଣୀ ଅନୁଷ୍ଠାନର ସଭ୍ୟ ଥମିର ଛତ୍ରିଆ, ବିରଞ୍ଚି ଖର୍ସେଲ, ସୂର୍ଯ୍ୟକାନ୍ତ ରଣା, ଅଞ୍ଜଳି ମାଝୀ, କିଶୋର ବରିହା, ଦେବାନନ୍ଦ ବଏ, ନରେନ୍ଦ୍ର ସୁନା ଓ ଗାୟତ୍ରୀ ପରିବାରର ସମସ୍ତ ସଭ୍ୟ ସହଯୋଗ କରିଥିଲେ।




ଏକାଠି ହେଲେ ୨୦ ଖଣ୍ଡ ଗାଁ ଲୋକ

# ସାଲେପାଲିରେ ଖଣି ଖନନକୁ ବିରୋଧ

**ପାଟଣାଗଡ଼, ୧।୬(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ସାଲେପାଲି ଗ୍ରାମରେ ଖଣି ଖନନକୁ ବିରୋଧ କରି ରବିବାର ବଥର୍ଲା ପଞ୍ଚାୟତ ବଂଜାରୀ ଗାଁର ଅଲେଖ ମହିମା ଆଶ୍ରମରେ କୋଡିଏ ଖଣ୍ଡ ଗାଁ ଲୋକଙ୍କ ଖଣି ବିରୋଧୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ତଥା ଯୁବନେତା ଗିରିରାଜ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ପ୍ରଦୀପ ପୁରୋହିତ ସଭାପତିତ୍ୱ କରିଥିବା ବେଳେ ସନ୍ତୋଷ ପଧାନ, ସୁରେଶ ପୁଟେଲ, ସୁଶ୍ରୀ ଦିଶା ସାହୁ, ଯଜ୍ଞ ସାହୁ, ରାଜେନ୍ଦ୍ର ବନଛୋର, ପ୍ରକାଶ ମାଝୀ, ଶ୍ରବଣ ପୁରୋହିତ ପ୍ରମୁଖ ଖଣି ଖନନ ବିରୋଧରେ ବକ୍ତବ୍ୟ ରଖିଥିଲେ। ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ପ୍ରସ୍ତାବିତ ସାଲେପାଲି ଗ୍ରାଫାଇଟ ମାଇନିଙ୍ଗ ବ୍ଲକରେ ଖଣି ଖନନ ପାଇଁ କିଛି ଦିନ ତଳେ ସୋସିଆଲ ମିଡିଆରେ ଏକ ଚିଠି ଭାଇରାଲ ହୋଇଥିଲା କିନ୍ତୁ ଏବେ ଏହି ପ୍ରସ୍ତାବିତ ଖଣି ନିଲାମ ହୋଇ ସାରିଛି। ଏହି ମାଇନିଙ୍ଗ ବ୍ଲକକୁ



ତାମିଲନାଡୁ ରାଜ୍ୟ ଭିନମୀର ରିସୋର୍ସ ପ୍ରାଇଭେଟ ଲିମିଟେଡ଼ ନାମକ କମ୍ପାନୀକୁ କେନ୍ଦ୍ର ସରକାର କିଛି ଦିନ ତଳେ ନିଲାମରେ ଦେଇ ସାରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ଜନସାଧାରଣଙ୍କ ବିନା ସହମତିରେ, ବିନା କୌଣସି ଜନଶୁଣାଣି, ପଲ୍ଲୀ ସଭା ତଥା ଗ୍ରାମ ସଭା ନକରି କେନ୍ଦ୍ର ସରକାର କମ୍ପାନୀକୁ ନିଲାମ ଦେବା ଭାରତୀୟ ଗଣତନ୍ତ୍ର ଉପରେ କଠୋର ଆଘାତ ଦେଇଛି। ଅଞ୍ଚଳରେ ଖଣି ଖାଦାନ ହେଲେ ଏଠାକାର ଜନସାଧାରଣଙ୍କୁ ଭିଟାମାଟି ଛାଡିବାକୁ ପଡ଼ିବ, ପୂର୍ବ ପୁରୁଷରୁ ଗାଁ ଗାଁ ମଧ୍ୟରେ, ପରିବାର ପରିବାର ମଧ୍ୟରେ ରହିଥିବା ଭାଇଚାରା କ୍ଷୁର୍ଣ୍ଣ ହେବ, ପରିବେଶ ଦୂଷିତ ହେବ, ଜଳସ୍ତର କମିଯିବା ସହ ଜନସାଧାରଣ ବିଭିନ୍ନ ରୋଗ ଯନ୍ତ୍ରଣା ଭୋଗିବେ, ଜଙ୍ଗଲ ଧ୍ୱଂସ ହୋଇଯିବ। ବିଗତ ଦିନରେ ଲୋୟର ଶୁକତେଲ ଡ୍ୟାମ୍ରେ କ୍ଷତିଗ୍ରସ୍ତ ହୋଇଥିବା ଲୋକେ ଆଜି ପର୍ଯ୍ୟନ୍ତ ନିଜ ହକ ଅଧିକାରରୁ ବଞ୍ଚିତ ରହିଛନ୍ତି। ଭିଟାମାଟି ଛାଡି ବେସାହାରା ହୋଇଛନ୍ତି।ଏହି ଘଟଣାର ପୁନରାବୃତ୍ତି କରିବାକୁ ଦିଆଯାଇବ ନାହିଁ। ଆଗାମୀ ଦିନରେ ପ୍ରତ୍ୟେକ ଗ୍ରାମରେ ସଚେତନ ସଭା କରାଯାଇ ଚଳିତ ମାସ ପ୍ରଥମ ସପ୍ତାହରେ ପାଟଣାଗଡ଼ରେ ବିଶାଳ ଚେତାବନୀ ରାଲି କରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ,

### ଆନ୍ଦୋଳନ ଜୋରଦାର କରିବାକୁ ଶପଥ

ଉପ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କ ଜରିଆରେ ଦାବିପତ୍ର ଦେବାପାଇଁ ନିଷ୍ପତ୍ତି ନିଆଯାଇଛି। କୌଣସି ପରିସ୍ଥିତିରେ ଶରୀରର ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖି ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଶପଥ ନେଇଛନ୍ତି। ସମାବେଶରେ ପ୍ରକାଶ ସାହୁ ସଭା ପରିଚାଳନା କରିଥିବା ବେଳେ ମଦନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଦୁଗ୍ଧ ଦିବସ ପାଳିତ



ବଣାଇଁ, ୧।୬(ସମିସ): ଆଜି ହେଉଛି ବିଶ୍ୱ ଦୁଗ୍ଧ ଦିବସ। ଏହି ଅବସରରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ବଣାଇଁ ଏବଂ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ରୁଗୁଡ଼ାର ମିଳିତ ସହଯୋଗରେ ମାଈ ବାଛୁରୀ ଦାନା ବଣ୍ଟନ କାର୍ଯ୍ୟକ୍ରମ ରୁଗୁଡ଼ା ଗ୍ରାମରେ ପାଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଜୀତାଂଶୁ ଶେଖର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମନୁଷ୍ୟର ଶାରୀରିକ ଏବଂ ମାନସିକ ଅଭିବୃଦ୍ଧିରେ ଦୁଗ୍ଧର ଆବଶ୍ୟକତା ତଥା ଦୁଗ୍ଧ ଉତ୍ପାଦନର ବୃଦ୍ଧି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସରସରା ବଲାଙ୍ଗ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସାର୍ଥକ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଶ୍ୱ ଦୁଗ୍ଧ ଦିବସର ମହତ୍ୱ ତଥା କାମଧେନୁ ଯୋଜନାରେ ଗ୍ରାମର ଅର୍ଥନୀତି କିପରି ଅଭିବୃଦ୍ଧି କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଜି ମାଈ ବାଛୁରୀ ପାଳନ ଯୋଜନାରେ ଦଶଗୋଟି ମାଈ ବାଛୁରୀ ପାଇଁ ଦାନା ଶତକଡା ୫୦ ପ୍ରତିଶତ ରିହାତିରେ ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ବାଛୁରୀଙ୍କୁ ଆଠଟି ପର୍ଯ୍ୟାୟରେ ୪ ମାସରୁ ୨୬ ମାସ ବୟସ ପର୍ଯ୍ୟନ୍ତ ଦାନା ବଣ୍ଟନ କରାଯିବ। ରୁଗୁଡ଼ା ପ୍ରାଣୀଧନ ନିରୀକ୍ଷକ ଲବଣୀଧର ଦେହୁରୀ, ଓମ୍‌ଫେଡ୍ କର୍ମକର୍ତ୍ତା, ରୁଗୁଡ଼ା ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ମଜଦୁର ସଂଘର ରାଜ୍ୟସ୍ତରୀୟ ମହିଳା ସମାବେଶ

ରାଉରକେଲା, ୧।୬(ସମିସ)




ଭାରତୀୟ ମଜଦୁର ସଂଘର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରବିବାର ରାଉରକେଲାସ୍ଥିତ ସିଭିକ ସେଣ୍ଟରଠାରେ ରାଜ୍ୟସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ମଜଦୁର ସଂଘର ଓଡ଼ିଶା ପ୍ରଦେଶର ଉପ ସଭାନେତ୍ରୀ ସୁମିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ରାଜ୍ୟ ସଭାପତି ବାଦଲ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡକ୍ଟର କିଶୋରୀ ଦାସ ସମ୍ମାନିତ ଅତିଥି, ମୁଖ୍ୟ ବକ୍ତା ଭାବେ ଅଖିଳ ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ ସହ ସଂଗଠନ ସମ୍ପାଦକ ଗଣେଶ ମିଶ୍ର, ସମ୍ମାନିତ ଅତିଥି ଭାବେ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସଂଘ ଚାଳକ ସନାତନ ପ୍ରଧାନ, ଅନ୍ୟତମ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ଅଖିଳ ଭାରତୀୟ ସମ୍ପାଦିକା ସୁଶ୍ରୀ ଅଞ୍ଜଳି ପଟେଲ ପ୍ରମୁଖ ଯୋଗ ଦେଇଥିଲେ।

ସୁମିତା ମହାପାତ୍ର ସ୍ୱାଗତ ଭାଷଣରେ ମହିଳାଙ୍କ କ୍ଷେତ୍ରରେ ଭାରତୀୟ ମଜଦୁର ସଂଘର କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ସମାଜରେ ଭାରତୀୟ ମଜଦୁର ସଂଘର ଥିବା ସଭ୍ୟ ସଭ୍ୟା କିଭଳି ଭାବରେ ସମନ୍ୱୟ ରକ୍ଷାକଲେ ସମାଜର ଉନ୍ନତି ହେବ ସେ ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଭାରତୀୟ ମଜଦୁର ସଂଘର ୭୦ ବର୍ଷରେ ପାଳନ କରୁଥିବା ସମସ୍ତ କାର୍ଯ୍ୟକ୍ରମ ଓ ତାର ସାମାଜିକ ମହତ୍? ବିଷୟରେ ଅବଗତ କରାଇବା ସହ, ସମାଜ ଗଠନରେ ନାରୀମାନଙ୍କ ଯୋଗଦାନ ଅତି ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। କିଛି ପ୍ରାଚୀନ ନାରୀ ନେତୃତ୍ୱର ଉଦାହରଣ ଦେଇଥିଲେ ବିଶେଷ ଭାବରେ ଲୋକମାତା, ପୁଣ୍ୟ ଶ୍ଳୋକା ରାଣୀ ଅହଲ୍ୟାବାଇ ହୋଲକରଙ୍କ ଜୀବନଗାଥା ସମାବେଶରେ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଡକ୍ଟର ଦାସ ତାଙ୍କ ଅଭିଭାଷଣରେ ରାଷ୍ଟ୍ରର ପ୍ରଗତିରେ ନାରୀ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରି ବି.ଏମ.ଏସ.ର କାମ କରୁଥିବା ମହିଳା ନେତୃତ୍ୱଙ୍କ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ସୁଶ୍ରୀ ଅଞ୍ଜଳି ପଟେଲ ସଙ୍ଗଠନରେ ମହିଳା ମାନଙ୍କ ଭୂମିକା ଓ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକର ଅଙ୍ଗନୱାଡି ଭଉଣୀମାନଙ୍କ ଦ୍ୱାରା ଚମତ୍କାର ସ୍ୱଗତ ଗୀତ ଗାନ କାରାଯିବା ସହ କୁଆଁରମୁଣ୍ଡା ବ୍ଲକର ଅଙ୍ଗନୱାଡି ଭଉଣୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମାବେଶରେ ଆସିଥିବା ବୟୋଜ୍ୟେଷ୍ଠ ଅଙ୍ଗନୱାଡି କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ରାଜ୍ୟ ସଭାପତି ଶ୍ରୀ ମହାରଣା ଉପସ୍ଥିତ ସମସ୍ତ ଅତିଥି, କାର୍ଯ୍ୟକର୍ତ୍ତା ତଥା ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ପାଚିକା କର୍ମୀ, ସିଆର୍‌ପି କର୍ମୀ, ହସ୍ପିଟାଲରେ କାର୍ଯ୍ୟରତ ମହିଳା କର୍ମଚାରୀ ତଥା ବିଏମଏସ ସହବନ୍ଧିତ ସମସ୍ତ ସଂଗଠନର ମହିଳା କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ଓ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡ଼ିଜ ୱାର୍କସ ଆସୋସିଏସନ ସୁନ୍ଦରଗଡ଼ ଜିଲ୍ଲା ଶାଖାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଅର୍ପଣ"କରିଥିଲେ। ଆଜିର ଏହି ସମାବେଶରେ ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରଭି ସ୍ୱାଇଁ, ରାଜ୍ୟ"ସମ୍ପାଦକ ହିମାଂଶୁ ବଳ, ବିଶ୍ୱ ସା, କୋଷାଧ୍ୟକ୍ଷ ସଞ୍ଜୟ ଦେହୁରୀ, ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।"ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅମର ଭୂୟାଁ, ଲଳିତ ଜେନା, ଶ୍ରୀଧର ବିନ୍ଧାଣି, ଶ୍ରୀଧର ବେହେରା, ମାନସ ଦାସ, ନିରଞ୍ଜନ ପଟେଲ, ସନ୍ତୋଷ ସାହୁ, ସନ୍ତୋଷ ତନ୍ତି, ବିକାଶ ପ୍ରଧାନ, ଗୁରୁଚରଣ ମହାନ୍ତି, ସୁକାନ୍ତ ଦାସ, ସୁରଜ ସରାଫ, ସରୋଜ ପଣ୍ଡା ପ୍ରମୁଖଙ୍କର ସହଯୋଗ ରହିଥିଲା।

## ହାଇୱା ଚାଳକଙ୍କ ଠାରୁ ଟଙ୍କା, ମୋବାଇଲ୍ ଲୁଟ୍

ରାଉରକେଲା, ୧।୬(ସମିସ): ହାଇୱା ଚାଳକଙ୍କ ଠାରୁ ଟଙ୍କା ଓ ମୋବାଇଲ ଲୁଟ ହୋଇଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ତାରାପୁର୍ ଲାଲଟାଙ୍କି ଅଞ୍ଚଳର ରମେଶ ସିଂ ଶନିବାର ରାତି ପ୍ରାୟ ସାଢେ ୧ଟାରୁ ୨ଟା ମଧ୍ୟରେ ରାଜଗାଙ୍ଗପୁରରୁ ଗାଡ଼ି ନେଇ ରାଉରକେଲାକୁ ଆସୁଥିଲେ। ବ୍ରାହ୍ମଣୀ ବ୍ରିଜ ତଳେ ହଠାତ୍ ଗାଡ଼ି ଖରାପ ବା ବ୍ରେକ ଡାଉନ୍ ହୋଇଥିଲା। ସେହି ସମୟରେ ପ୍ରାୟ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଆସି ଲୁହା ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପ୍ରାୟ ୧୮ ହଜାର ଟଙ୍କା ଓ ମୋବାଇଲ ଲୁଟ କରି ଫେରାର ହୋଇଯାଇଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଅନ୍ୟ ଗାଡ଼ି ଚାଳକଙ୍କ ସହାୟତାରେ ସେ ଗାଡ଼ି ମାଲିକଙ୍କୁ ଫୋନ୍ ଯୋଗେ ଘଟଣା ସମ୍ପର୍କରେ କହିଥିଲେ। ମାଲିକ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ଆକ୍ରମଣରେ ତାଙ୍କର ମୁଣ୍ଡ ଫାଟି ଯାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ରାଉରକେଲା ଡ୍ରାଇଭର ମହାସଂଘ ପକ୍ଷରୁ ନିନ୍ଦା କରାଯାଇଛି।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଆଜି

ରାଉରକେଲା, ୧।୬(ସମିସ) : ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଆସନ୍ତା କାଲି ୨ ତାରିଖରେ ଲାଠିକଟା ବ୍ଲକ କାର୍ଯ୍ୟାଳୟରେ ଆୟୋଜନ କରାଯିବ। ସକାଳ ୭ ଘଟିକାରୁ ଆରମ୍ଭ ହୋଇ ୧୦ ଘଟିକା ପର୍ଯ୍ୟନ୍ତ ଚାଲିବ। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ ହୋଇଥିବାବେଳେ ଅଧିକରୁ ଅଧିକ ଜନସାଧାରଣ ଏହାର ସୁଯୋଗ ଦେବାକୁ ଆହ୍ୱାନ କରାଯାଇଛି। ଏଥିପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ ବ୍ୟବସ୍ଥା ରହିଛି।

## ପୂର୍ବତନ କ୍ରୀଡ଼ାବିତ୍ ଜାଗୀର ସିଂହଙ୍କ ଦେହାନ୍ତ



ରାଉରକେଲା, ୧।୬(ସମିସ): ରାଉରକେଲାର ପୂର୍ବତନ ବରିଷ୍ଠ ଆଥଲେଟ୍ ଜାଗୀର ସିଂହଙ୍କ ୭୯ ବର୍ଷ ବୟସରେ ପଞ୍ଜାବର କାପୁରତାଲା ଠାରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗୀୟ ଜାଗୀର ସିଂହ ସେଲ୍‌ଫ ର ଆନ୍ତଃ ଷ୍ଟିଲ ପ୍ଲାଣ୍ଟ ରେ ଅଫିସିଆଲ୍ ଭାବେ ୧୯୭୫ ରୁ ୨୦୦୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ତାଙ୍କ କ୍ୟାରିୟର ରେ ସେ ୧୫୦୦ ମିଟର ଆନ୍ତଃ ଇସ୍ପାତ କାରଖାନା ପ୍ରତିଯୋଗିତାରେ ସିଲଭର, ୮୦୦ ମିଟର ଜୁନିଅର ଜାତୀୟ ରେ ବ୍ରୋଞ୍ଜ, ୨୦୦ଙ୍ଘ୪୦୦ ଜୁନିୟର ନ୍ୟାସନାଲରେ ଗୋଲ୍ଡ, ରାଜ୍ୟସ୍ତରୀୟ ୧୫୦୦, ୮୦୦, ୪୦୦ ମିଟର ଦୌଡ଼ରେ ସିଲଭର ସହ ରାଜ୍ୟସ୍ତରୀୟ ୨୦୦, ୪୦୦ ରିଲେ ରେସ୍ ରେ ଗୋଲ୍ଡ ମେଡାଲ ଜିତି ରା।ଉରକେଲା ପାଇଁ ଗୌରବ ସାଉଁଟିଥିଲେ। ଜଣେ ପ୍ରତିଭାବାନ ଆଥଲେଟ୍‌ଙ୍କ ବିୟୋଗରେ ରାଉରକେଲା ଚନ୍ଦ୍ରଶେଖର କ୍ରୀଡା ସଂଗଠନର ସଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ସମେତ ବରିଷ୍ଠ କ୍ରୀଡାବିତ ପଞ୍ଚାନନ ଗନ୍ତାୟତ, ପି କେ ଠାକୁର, ଦିନବନ୍ଧୁ ଲେଙ୍କା, ପ୍ରଫୁଲ୍ଲ ରଥ, ବଳରାମ ମାଝୀ, ବିମଲେଶ ଯାଦବ, ପ୍ରତାପ ସିଂ, ସରୋଜ ମାହାନ୍ତି, ସଞ୍ଜୟବେବୁତାଙ୍କ ସମେତ ରାଉରକେଲାର ସମସ୍ତ ବରିଷ୍ଠ କ୍ରୀଡାବିତ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଙ୍ଗୀତ ସନ୍ଧ୍ୟା



ରାଉରକେଲା, ୧।୬(ସମିସ): ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠାନର ସଭାପତି ଶରତ ଧଳଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ସାରନା ନବ ଯୁବକ ସଂଘର ସଭାପତି ତଥା ସଙ୍ଗୀତ ଶିଳ୍ପୀ ସୁଶୀଲ କୁମାର ଲାକ୍ରା ଓ ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା ଆମନ୍ତ୍ରିତ ଦର୍ଶକ ପ୍ରଦୀପ ପ୍ରଜ୍ୱଳନ କରି ସଂଧ୍ୟା ଟିକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ଅଜୟ କୁମାର ପାଣି, ଗୁରୁ ମନବୋଧ ମିଶ୍ର, ଅର୍ଥ ସମ୍ପାଦକ ଅମର କୁମାର ନାୟକ ପୁଷ୍ପଗୁଚ୍ଛ ପ୍ରଦାନ କରି ସମସ୍ତ କଳାକାର ମାନଙ୍କୁ ସ୍ୱାଗତ କରିଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ, ଗୁରୁ ଗଜେନ୍ଦ୍ର ମୁର୍ମୁ ଓ ସାଥି ମାନେ ଲୋକ ସଙ୍ଗୀତ ଓ ନୃତ୍ୟ ଅତି ଚମତ୍କାର ଭାବେ ପରିବେଷଣ କରିଥିଲେ। ଚାରୁ ବାସ୍କେ, ଭଗବାନ ମୁର୍ମୁ, ରାମଚନ୍ଦ୍ର ମୁର୍ମୁ, ଭାବୁ ମାରାଣ୍ଡି, ମିନତୀ ମାରାଣ୍ଡି, ସୁଷମା ମୁର୍ମୁ, ଜୟନ୍ତୀ ମୁର୍ମୁ, ଦେବରାଜ ମୁର୍ମୁ, ରସ୍ମିତା ମହାରଣା, ନମିତା ନାୟକ ଇତ୍ୟାଦି ଅନେକ ଦର୍ଶକ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁ ଗୌରାଙ୍ଗ ମଲ୍ଲିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଶେଷରେ ଗୁରୁ ଅମର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଜିତ ବରୁୱା କ୍ୟାମେରା ଓ ଭିଡିଓ ଗ୍ରାଫିକ୍ସରେ ସହଯୋଗ କରିଥିଲେ।

## ସମୁଦି ତୀର ମାଡ଼ରେ ସମୁଦ୍ରୁଣି ଗୁରୁତର

ବଣାଇଁ, ୧।୬(ସମିସ): ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଗମଲେଇ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସମୁଦିର ତୀର ମାଡ଼ରେ ସମୁଦ୍ରୁଣି ଗୁରୁତର ହୋଇଛନ୍ତି। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ତୀର ମାରିଥିବା ବ୍ୟକ୍ତିଙ୍କୁ ପୁଲିସ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗମଲେଇ ଗ୍ରାମର ବିଧବା ମହିଳା ଲକ୍ଷ୍ମୀ କିଷାନ। ତାଙ୍କ ସମ୍ପର୍କୀୟ ଲୁକୁ କିଷାନଙ୍କ ସହ ଭଲ ସମ୍ପର୍କ ରହିଥିଲା। ଉଭୟେ ସମୁଦି ଏବଂ ସମୁଦ୍ରୁଣୀ ବୋଲି ସମ୍ବୋଧନ କରୁଥିଲେ। ହେଲେ ହଠାତ୍ ଭୋରରେ ଲୁକୁ ଲକ୍ଷ୍ମୀ ଘରକୁ ଯାଇ ଜଣେ ବାହାର ଲୋକ ଥିବା ଦେଖି ଉତ୍ତ୍ୟକ୍ତ ହୋଇପଡ଼ିଥିଲା। ପରେ ସେ ଘରୁ ଧନୁ ତୀର ଆଣି ସମ୍ପୃକ୍ତ ଲୋକଙ୍କୁ ତୀରମାଡ଼ କରିଥିଲେ। ମାତ୍ର ତୀର ଲକ୍ଷ୍ମୀଙ୍କ ପେଟରେ ଗଳି ଯାଇଥିଲା। ଗୁରୁତର ଅବସ୍ଥାରେ ଲକ୍ଷ୍ମୀଙ୍କୁ ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟ ବଣାଇଁ ଓ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଲହୁଣିପଡ଼ା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆପୋଲୋ ହସ୍ପିଟାଲ ଡାକ୍ତରଙ୍କ ସାମୂହିକ ରକ୍ତ ଦାନ
# ବନମାଳି ଧୂପାଳ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବରଗଡ଼ର ଅର୍ଦ୍ଧଦଗ୍ଧ ମହିଳାଙ୍କୁ ସହାୟତା

ରାଉରକେଲା, ୧।୬(ସମିସ): ବରଗଡ଼ରୁ ଆସି ଆଇଜିଏଚ୍‌ରେ ଚିକିତ୍ସାଧୀନ ଅର୍ଦ୍ଧଦଗ୍ଧ ମହିଳାଙ୍କୁ ସହାୟତାର ହାତ ବଢ଼ାଇଛି ବନମାଳି ଧୂପାଳ ଚାରିଟେବୁଲ ଟ୍ରଷ୍ଟ। ଟ୍ରଷ୍ଟର ଅଧ୍ୟକ୍ଷା ମଧୁସ୍ମିତା ଧୂପାଳଙ୍କ ତତ୍ତ୍ୱାବଧାନରେ ରାଉରକେଲା ଆପୋଲୋ ହସ୍ପିଟାଲର ଡାକ୍ତରମାନେ ଗୁରୁତର ରୋଗୀଙ୍କୁ ସାମୂହିକ ରକ୍ତ ଦାନ କରି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି।



ସୂଚନାଯୋଗ୍ୟ ଯେ ବରଗଡ଼ ଲରମ୍ବା ଗ୍ରାମର ବିବାହିତ ମହିଳା ସୋନାଲି ମିଶ୍ରଙ୍କ ଦେହରେ ରୋଷେଇ କରୁଥିବା ସମୟରେ ନିଆଁ ଲାଗି ଯାଇଥିଲା। ଏଥିରେ ତାଙ୍କ ଶରୀରର ୬୦ ପ୍ରତିଶତ ଶରୀର ପୋଡି ଯାଇଥିଲା। ଖବର ପାଇ ରେଙ୍ଗାଲିରେ କାର୍ଯ୍ୟରତ ତାଙ୍କ ସ୍ୱାମୀ ସତ୍ୟାନନ୍ଦ ରଥ ତୁରନ୍ତ ତାଙ୍କୁ ରାଉରକେଲାର ଇସ୍ପାତ ଜେନେରାଲ ହସପିଟାଲ(ଆଇଜିଏଚ) ର ବର୍ଣ୍ଣ ୱାର୍ଡ ଆଇସିୟୁ ବେଡ ନମ୍ବର ୪ ରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ଉଦବେଗଜନକ ଥିବାରୁ ତୁରନ୍ତ ରକ୍ତର ଆବଶ୍ୟକତା ପଡ଼ିଥିଲା। ତେବେ ସୋନାଲି ମିଶ୍ରଙ୍କ ରାଉରକେଲାରେ କେହି ପରିଚିତ ନଥିବାରୁ ରକ୍ତ ଯୋଗାଡ଼ କରିବା ତାଙ୍କ ପାଇଁ କଷ୍ଟକର ଥିଲା। ସେପଟେ ତୁରନ୍ତ ରକ୍ତର ଆବଶ୍ୟକତା ଥିବାରୁ ଆଇଜିଏଚ ରକ୍ତ ଭଣ୍ଡାର ତରଫରୁ ତାଙ୍କୁ ୧୬ ୟୁନିଟ ପ୍ଲାଜମା ଦିଆ ଯାଇଥିଲା। ବଦଳରେ ରକ୍ତ ଯୋଗାଡ଼ ପାଇଁ ଡାକ୍ତରମାନେ କହିଥିଲେ। ତେବେ ବନମାଳି ଧୂପାଳ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ମଧୁସ୍ମିତା ଧୂପାଳ ଏ ବିଷୟରେ ଖବର ପାଇ ପରିସ୍ଥିତିର ଗମ୍ଭୀରତା ବୁଝି ତୁରନ୍ତ ରକ୍ତ ପାଇଁ ଆପୋଲୋ ହସପିଟାଲର ଡାକ୍ତରଙ୍କୁ ଅବଗତ କରିଥିଲେ। ଏଥିରେ ସାମାନ୍ୟ ସମୟ ବିଳମ୍ବ ନ କରି ଆପୋଲୋ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ଅଖିଳ ଜୈନ, ନ୍ୟୁରୋଲୋଜିଷ୍ଟ ଡକ୍ଟର ଦୀପ୍ତି ରଞ୍ଜନ ତ୍ରିପାଠୀ, ଡକ୍ଟର ଅଭିଷେକ ନନ୍ଦ, ନ୍ୟୁରୋସର୍ଜନ ଡକ୍ଟର ଆୟୁଷ୍ମାନ୍ ଶତପଥୀ, ମେଡିକାଲ ଅଫସର ଡକ୍ଟର ଲୁବାଇବ ମଞ୍ଜୁର, ପାରା ମେଡିକାଲ୍ ଷ୍ଟାଫ୍ ତାପସ ଦେହୁରୀ, ତପନ ପଣ୍ଡା, ରଞ୍ଜନ ନାୟକ, କଲ୍ୟାଣୀ ବେହେରା ସମୂହ ୧୦ ୟୁନିଟ୍ ରକ୍ତ ଦାନ କରି ରୋଗୀର ଆଶୁ ଆରୋଗ୍ୟ କାମନା କରିଛନ୍ତି।। ଟ୍ରଷ୍ଟ ଚେୟାରମନ୍ ଡକ୍ଟର ମଧୁସ୍ମିତା ଧୂପାଳଏବଂ ପୀଡ଼ିତା ସୋନାଲି ମିଶ୍ରଙ୍କ ସ୍?ାମୀ ସତ୍ୟାନନ୍ଦ ରଥ ଏହି ଅମୂଲ୍ୟ ସାହାଯ୍ୟ ପାଇଁ ସମସ୍ତ ଆପୋଲୋ ଡାକ୍ତରଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି।

# ସେକ୍ଟର-୬ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



ରାଉରକେଲା, ୧।୬(ସମିସ): ଉନ୍ନୀତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ସେକ୍ଟର- ୬ ରାଉରକେଲା ଚଳିତ ବର୍ଷ ନଭେମ୍ବର ମାସରେ ଏହାର ୫୦ତମ ବାର୍ଷିକୀ ପାଳନ ପାଇଁ ଏକ ବର୍ଷ ବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବାକୁ ଯାଉଥିବା ବେଳେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ର ପ୍ରତିନିଧିମାନଙ୍କ ଦ୍ୱାରା ଉପସ୍ଥିତିରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଭାପତି ହୀରାଲାଲ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପ୍ରତ୍ୟେକ ପୂରାତନ ଛାତ୍ର ଛାତ୍ରୀ ନିଜର ପରିଚୟ ପ୍ରଦାନ କରିଥିଲେ। ତା'ପରେ ପୁରାତନ ଛାତ୍ର ସଂଘର ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ସୁବର୍ଣ୍ଣ ଜୟନ୍ତୀ ସମାରୋହର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏକ ବିସ୍ତୃତ ବଜେଟ ଚୂଡ଼ାନ୍ତ କରାଯାଇଥିଲା, ଯାହା କାର୍ଯ୍ୟକ୍ରମର ସମସ୍ତ ଦିଗକୁ ସୁନିଶ୍ଚିତ କରି ନିଷ୍ପତ୍ତି ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ମହାକୁଡ଼ ସୁବର୍ଣ୍ଣ ଜୟନ୍ତୀ ସଭାରେ ବହୁ ସଂଖ୍ୟାରେ ପୂରାତନ ଛାତ୍ରଙ୍କୁ ଦେଖି ଖୁସି ବ୍ୟକ୍ତ କରିଥିଲେ। ଆସନ୍ତା ବର୍ଷ ନଭେମ୍ବର ମାସରେ ଆୟୋଜନ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ନିଶ୍ଚୟ ସଫଳ ହେବ ବୋଲି ମତ ଦେଇଥିଲେ। ସେ ବିଦ୍ୟାଳୟ ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ସମର୍ଥନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ପୂର୍ବତନ ଛାତ୍ର ଛାତ୍ରୀ ମାନେ ମଧ ସୁବର୍ଣ୍ଣ ଜୟନ୍ତୀ ସମ୍ପର୍କରେ ସେମାନଙ୍କର ଗଠନମୂଳକ ପରାମର୍ଶ ଏବଂ ଏକତାବଦ୍ଧ ଭାବରେ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି। ପୂରାତନ ଛାତ୍ର ସଂଘର ଅଧ୍ୟକ୍ଷ ତଥା ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଉପସ୍ଥିତ ରହିଥିଲେ। ୧୯୭୫ ବ୍ୟାଚ୍ ରୁ ୨୦୨୫ ବ୍ୟାଚ୍ ପର୍ଯ୍ୟନ୍ତ ପ୍ରାୟ ୧୫୦ ରୁ ଊର୍ଦ୍ଧ୍ୱ ପୂର୍ବତନ ଛାତ୍ରଛାତ୍ରୀ ଏହି ବୈଠକରେ ଉପସ୍ଥିତ ଥିଲେ। ଆସୋସିଏସନ୍‌ର ଲୋଗୋ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଭୀମସେନ ଛତ୍ରିଆ ସଭାର ଆୟୋଜନ କରିଥିଲେ। ସର୍ବଶେଷରେ ସାଂସ୍କୃତିକ ସଚିବ ପଞ୍ଚାନନ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭୟ ସାହୁଙ୍କ ବିୟୋଗରେ ସୃଜନୀ ସାହିତ୍ୟ ସଂସଦର ଶୋକ

ରାଉରକେଲା, ୧।୬(ସମିସ): ସାରନଗରୀ ସୃଜନୀ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ଅଭୟ କୁମାର ସାହୁଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି କବି ହରିହର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ ବାର୍ତ୍ତା ପ୍ରେରଣ କରାଯାଇଛି ବୋଲି ସାଧାରଣ ସମ୍ପାଦକ ରବୀନ୍ଦ୍ର ବେଉରିଆ ପ୍ରକାଶ କରିଛନ୍ତି। ଉଲ୍ଲେଖନୀୟ ଯେ ସ୍ୱର୍ଗତ ସାହୁ ଜଣେ ପରୋପକାରୀ, ବନ୍ଧୁ ବତ୍ସଳ, ଧର୍ମ ପରାୟଣ ବ୍ୟକ୍ତି ଥିଲେ। ଆଗାମୀ ବାର୍ଷିକ ଉତ୍ସବରେ ସ୍ୱର୍ଗତ ସାହୁଙ୍କ ନାମରେ ଏକ ସ୍ମୃତି ସମ୍ମାନ ଜଣେ ଧର୍ମ ପରାୟଣ ବା ସମାଜସେବୀଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ତାଙ୍କ ଜୀବନୀ ସମ୍ପର୍କରେ ମୀରା ମଲ୍ଲିକ, ଲକ୍ଷ୍ମୀ ପଣ୍ଡା, ନମିତା ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଆଦିତ୍ୟ କୁମାର ଷଡଙ୍ଗୀ, ଲକ୍ଷ୍ମୀଧର ସ୍ୱାଇଁ, ବସନ୍ତ କୁମାର ଜେନା, ରବୀନ୍ଦ୍ର ବିଶ୍ୱାଳ, ଚନ୍ଦ୍ର ଦାସ, ଖଗେଶ୍ୱର ବେହେରା, ସନାତନ ବେହେରା ସ୍ୱର୍ଗତ ସାହୁଙ୍କ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର


ରାଉରକେଲା, ୧।୬(ସମିସ)

ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସଭାପତି ଡକ୍ଟର ଶକ୍ତିପ୍ରସାଦ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁବାସ ଚନ୍ଦ୍ର ଲେଙ୍କା ଯୋଗ ଦେଇଥିବା ବେଳେ ଆଲୋଚକ ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ଼. ଉମା କାନ୍ତ ପଣ୍ଡା ଯୋଗଦେଇ ଆଲୋଚ୍ୟ ବିଷୟ 'ବୃହତ୍ତର ପରିବାର ଗଠନ ଏକ ସାମୟିକ ଆବଶ୍ୟକତା' ସମ୍ପର୍କରେ ଆଲୋଚନା କରିଥିଲେ। ଡକ୍ଟର ପଣ୍ଡା ତାଙ୍କ ବକ୍ତବ୍ୟରେ କହିଲେ ଯେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଆକାଶଛୁଆଁ ଦରଦାମ ବୃଦ୍ଧି, ବୃଦ୍ଧି ପାଉଥିବା ଖର୍ଚ୍ଚ ତୁଲାଇବା ବ୍ୟବସ୍ଥା, ନିର୍ବାହସାଧନ ଠୁଳ କରିବାରେ କଷ୍ଟସାଧ ହୋଇଥାଏ। ଏହି ପ୍ରୟାସରେ ବୃହତ୍ତର ପରିବାର ବ୍ୟବସ୍ଥାରେ ସମୟ ଓ ପଇସା ସଞ୍ଚୟ ବ୍ୟତୀତ ପ୍ରସନ୍ନତା ବୃଦ୍ଧି କରିବା ଓ ସଦଭାବନାର ବାତାବରଣ ତିଆରି କରିବାର ସୁଖଦ ସମ୍ଭାବନା ଜଡିତ ଅଛି ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ଅଜୟ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁ ସଂଯୋଜନା କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକା 'ସାବିତ୍ରୀ ସଜ' ଶୀର୍ଷକ ଗଳ୍ପ ଏବଂ ଗାଳ୍ପିକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ 'ଏକାଦଶୀ ଉପବାସ' ଶୀର୍ଷକ ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟରେ କ? କିଶୋରୀ ମୋହନ କର ଏବଂ ସୁଭାଷିନୀ ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ବ୍ରଜେନ୍ଦ୍ର ଦାଶ, ଆଲୋକ ବୋଷ, ପ୍ରତାପ ପଣ୍ଡା, ଗଦାଧର ରଥ, ସୁବାସ ଚନ୍ଦ୍ର ଲେଙ୍କା, ଗାୟତ୍ରୀ ସେଠି, ଉପେନ୍ଦ୍ର କୁମାର ବସ୍ତିଆ, ଦୀପ୍ତି ମହାନ୍ତି, ଗୀତାଞ୍ଜଳି ମହାରଣା, ସଞ୍ଜୀବ ଭୋଇ, ଜ୍ଞାନ ରଞ୍ଜନ ମିଶ୍ର, ମୀନକେତନ ପଶାୟତ, ବଳରାମ ଦାସ, କିଶୋରୀ ମୋହନ କର ପ୍ରତାପ କୁମାର ପଣ୍ଡା, ବଳରାମ ଦାଶ, ସୁଭାଷିନୀ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ବିଭୁଦତ୍ତ ବେହେରା, କୌଶଲ୍ୟା ମହାରଣା, କମଳ ଆଚାର୍ଯ୍ୟ, ପ୍ରିୟା ପାତ୍ର, ଶରତ ଚନ୍ଦ୍ର ରାଉତ, ଶ୍ରୀକାନ୍ତ ପାଣିଗ୍ରାହୀ, ବସନ୍ତ କୁମାର ମହାରଣା, ଗୀତାଞ୍ଜଳି ପାତ୍ର, ପ୍ରକାଶ ଚନ୍ଦ୍ର ପାଢ଼ୀ, ଜଗନ୍ନାଥ ରାଉତ, କାଶୀନାଥ ନନ୍ଦୀ, ସୁବାସ ମହାପାତ୍ର, ପରିସ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ସମ୍ପାଦକୀୟ



ଅତୀତର ଅଭିଜ୍ଞତାକୁ ପାଥେୟ କରି ତଥା ଭବିଷ୍ୟତର ଆଶାନେଇ, ଆଜିର ଜୀବନ ବଂଚିବା ଶିଖ !
-ଆଲବର୍ଟ ଆଇନଷ୍ଟାଇନ

ସକାଳ THE SAKALA

## ଭୂତ-ଗୁଣିଆ ଉପାଖ୍ୟାନ

ମେ' ୩୧ ତାରିଖରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ନିଶାଦ୍ରବ୍ୟ, ଅପମିଶ୍ରିତ/ବିଷାକ୍ତ ମାଦକଦ୍ରବ୍ୟ ସେବନକୁ ନିରୁତ୍ସାହିତ କରିବା ଲାଗି ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନର ଲୋଗୋ ବା ପ୍ରତୀକ ରହିଛି - 'ଆମ ସଂକଳ୍ପ: ନିଶା ନୁହେଁ ଜୀବନ'। ରାଜ୍ୟ ଅବକାରୀ ବିଭାଗ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇ କହିଛି ଯେ 'ଆଜି ହିଁ ସଂକଳ୍ପ ନେବା- ନିଶା ନୁହେଁ ଜୀବନକୁ ବାଛିବା।' ସଂକଳ୍ପକୁ ସାକାର କରିବା ପାଇଁ ଗଣମାଧ୍ୟମରେ ସରକାରୀ ବିଜ୍ଞାପନମାନ ପ୍ରକାଶ ପାଇଛି। ରାଜ୍ୟ ସରକାର ଯଦି ଆନ୍ତରିକତାର ସହ ନିଶାମୁକ୍ତ ସମାଜର ପରିକଳ୍ପନା କରିଥା'ନ୍ତି, ତେବେ ଏହା ଅତି ଉତ୍ତମ କଥା। ଏହା ମଧ୍ୟ ସମୟୋପଯୋଗୀ ଅପରିହାର୍ଯ୍ୟ ଆବଶ୍ୟକତା। କିନ୍ତୁ ଏହି ସଂକଳ୍ପ ଅଭିଯାନ ଆଢୁଆଳରେ ଅନେକ କିଛି ପ୍ରଶ୍ନ ଉହ୍ୟ ରହିଯାଉଛି, ଯାହାକୁ କିଞ୍ଚିତ୍ ତର୍ଜମା କଲେ ପ୍ରଶ୍ନ ଉଠୁଛି - ଏହା କେବଳ ଧର୍ମକୁ ଆଖିଠାର ନୁହେଁ ତ?

ଅପ୍ରିୟ ଓ ନଗ୍ନ ସତ୍ୟ ହେଉଛି ସରକାରୀ ସଚେତନତା ଏକ ପ୍ରହସନରେ ପରିଣତ ହୋଇଯାଇଛି। ଓଡ଼ିଆରେ ଏକ ଢଗ ଅଛି - ଭୂତ ହୋଇ ଲାଗିବ, ଗୁଣିଆ ହୋଇ ଝାଡ଼ିବ। ଅର୍ଥାତ୍ ଯିଏ ସମସ୍ୟା ସୃଷ୍ଟି କରୁଛି ସେ ହିଁ ଉପଚାରକର ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଏଥିରେ ଲାଭ-କ୍ଷତି କାହାର ତାହା ବୋଧହୁଏ ବିଜ୍ଞ ପାଠକଙ୍କୁ ବୁଝାଇ କହିବା ଅନାବଶ୍ୟକ। ତମାଖୁ ବର୍ଜନ ଓ ନିଶା ନିବାରଣ ପାଇଁ ସରକାରଙ୍କର ସଦ୍ୟତମ ବିଜ୍ଞାପନକୁ ଉଦାହରଣ ରୂପେ ନେଲେ ଏହି ଉକ୍ତିର ବିଶ୍ଳେଷଣ ଆହୁରି ସ୍ପଷ୍ଟ ହେବ। ନିଶା ରାକ୍ଷସର ଦୌରାତ୍ମ୍ୟରେ କେତେ ଯେ ପରିବାର ଉଜୁଡ଼ି ଯାଉଛି, ସଡ଼କ ଦୁର୍ଘଟଣାରେ କେତେ ଯେ ନିରୀହ ଜୀବନ ଅକାରଣରେ ଅକାଳରେ ଯାଉଛି, କେତେ ଯେ ଅପରାଧ ଘଟୁଛି ସେ ବିଷୟରେ ସରକାର ବାହାଦୂର ନିଶ୍ଚୟ ଅଜ୍ଞ ନୁହନ୍ତି, ତାହାର ପ୍ରମାଣ ହେଉଛି ମେ' ୩୧ରୁ ଆରମ୍ଭ ହେଉଥିବା ସରକାରଙ୍କ ନିଶାମୁକ୍ତ ସଂକଳ୍ପ ଓ ସଚେତନତା ଅଭିଯାନ। ଏହା କିନ୍ତୁ ସରକାରଙ୍କ ବାହ୍ୟ ବା ଲୋକଦେଖାଣିଆ ରୂପ। ଏହାର ପ୍ରଚ୍ଛଦପଟରେ ଲୁଚି ରହିଥିବା ଅନ୍ୟ ରୂପଟି ହେଉଛି ଅସାମାଜିକ ପରିବେଶ ଓ ପରିସ୍ଥିତିକୁ ଜନ୍ମ ଦେବାରେ ନିଶାର ପ୍ରଭାବ ଜାଣି ମଧ୍ୟ ମଦ ଦୋକାନ ଖୋଲିବା ପାଇଁ ଆଖିବୁଜା ଅନୁମତି ଦେଇ ଚାଲିବାର ଦାୟିତ୍ୱହୀନ ମାନସିକତା। ତମାଖୁ ବିକ୍ରିକୁ ଅନୁମତି ବନାମ ସଚେତନତା ମଧ୍ୟ ସେହି ସମାନ ବିରୋଧାଭାସରୁ ମୁକ୍ତ ନୁହେଁ। ଏକପକ୍ଷରେ ତମାଖୁ ସେବନର କ୍ଷତିକାରକ ଦିଗ ଉପରେ ଅସୁମାରି ସଚେତନତା ବିଜ୍ଞାପନ ସରକାର ଜାରି ରଖିଛନ୍ତି। ଅଥଚ ସରକାରଙ୍କ ଆଖି ସାମ୍ନାରେ ହିଁ ଗଳିକନ୍ଦିରେ ମାଲମାଲ ତମାଖୁ ବିକ୍ରି ହେଉଛି। ନିଶାମୁକ୍ତ ସମାଜ ଗଠନ ଦିଗରେ ସରକାରଙ୍କ ଯଦି ତିଳେମାତ୍ର ଆନ୍ତରିକତା ଥାଏ ତେବେ ପ୍ରଥମେ ମଦ ଦୋକାନ ଏବଂ ତମାଖୁ ଉତ୍ପାଦନ ବନ୍ଦ କରିବାକୁ ନିଷ୍ପତ୍ତି ନିଅନ୍ତୁ ଏବଂ ଏ ସମ୍ପର୍କିତ ଦୃଢ଼ ନୀତି ପ୍ରଣୟନ କରନ୍ତୁ।

ବିଡ଼ମ୍ବନା ହେଉଛି ସଦ୍ୟତମ ନିଶାମୁକ୍ତ ସମାଜ ଗଠନ ସଂକଳ୍ପ ଅଭିଯାନ ଆରମ୍ଭ କରିଥିବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୂଆ ଅବକାରୀ ନୀତିରେ ଥିବା ବ୍ୟବସ୍ଥା ମୁତାବକ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)କୁ ଠିପିଖୋଲା ମଦ ଲାଇସେନ୍ସ ବାବଦରେ ଅନ୍ୟମାନଙ୍କ ତୁଳନାରେ ଅଧା ଅର୍ଥ ଦେବାକୁ ହେବ। ଏହାର ଅର୍ଥ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଓଟିଡିସି କିମ୍ବା ଆଇଟିଡିସି ମଦ ପରିବେଷଣ କରିପାରିବେ। ପର୍ଯ୍ୟଟନ ବିଭାଗର ନିଷ୍ପତ୍ତିରେ ସ୍ଥାନେ ସ୍ଥାନେ 'ମଦ କୁଡ଼ିଆ' ଖୋଲିବ। ଘରୋଇ କାର୍ଯ୍ୟକ୍ରମ ବା ଉତ୍ସବାନୁଷ୍ଠାନରେ ମଦ ପରିବେଷଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଅସ୍ଥାୟୀ ଅନୁମତି ଦେଇପାରିବେ। ଭୋଜିଭାତରେ ଚୋରା ଲୁଚାରେ ମଦ ପିଇବା ପରିବର୍ତ୍ତେ ମଦୁଆମାନେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ମଦ ଖୋଲାଖୋଲି ପାନ କରି ମସଗୁଲ୍ ହେବାର ସୁଯୋଗ ପାଇବେ। ତେଣୁ ମଦ ନିଶା ଛଡ଼ାଇବା ପାଇଁ ସଂକଳ୍ପ ଅଭିଯାନ ଜରିଆରେ ଗୁଣିଆ ଭୂମିକାରେ ଅବତୀର୍ଣ୍ଣ ସରକାରଙ୍କ ଅବକାରୀ ନୀତି ଏବଂ ତମାଖୁ ବିକ୍ରିକୁ ଆଖିବୁଜା ପରୋକ୍ଷ ସମର୍ଥନ ତାଙ୍କର ଭୂତ ଭୂମିକାକୁ ପ୍ରମାଣିତ କରୁନାହିଁ କି? ସଚେତନ ନାଗରିକ ମନରେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ।

କେବଳ ମଦ ଓ ତମାଖୁ ନୁହେଁ, ପ୍ଲାଷ୍ଟିକ୍ ଓ ଶବ୍ଦ ପ୍ରଦୂଷଣ ମଧ୍ୟ ସମାନ ଅଭିଯୋଗରେ ଅଭିଯୁକ୍ତ। କାଗଜ କଲମରେ ପଲିଥିନ ମୁକ୍ତ ସହର ଓ ଦେଶଗଠନ ହୋଇସାରିଛି। ଏକକ ବ୍ୟବହାରଯୁକ୍ତ ପଲିଥିନ, ପ୍ଲାଷ୍ଟିକ୍ ସାମଗ୍ରୀର ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାରକୁ ନିଷିଦ୍ଧ କରାଯାଇ ଦଣ୍ଡବିଧାନର ବ୍ୟବସ୍ଥା ଅଛି। କିନ୍ତୁ ବିଡ଼ମ୍ବନା ଏହା ଯେ ଯେଉଁମାନେ ଏହି ନୀତି ନିର୍ଦ୍ଧାରଣର ଶବ୍ଦବିନ୍ୟାସ କରିଛନ୍ତି ସେମାନଙ୍କ ହାତରେ ମଧ୍ୟ ପଲିଥିନ ଶୋଭା ପାଉଛି। ମଝିରେ ମଝିରେ କର୍ତ୍ତୃପକ୍ଷ ବିଭିନ୍ନ ଦୋକାନବଜାର ଉପରେ ଚଢ଼ଉ କରି ପଲିଥିନ ମୁଣା ଜବତ କରିବା ସହିତ ଜରିମାନା ଆଦାୟ କରୁଛନ୍ତି, ଅଥଚ ଏହାର ଉତ୍ପାଦନ ସ୍ଥଳ ବା ଫ୍ୟାକ୍ଟ୍ରିକୁ ଆଡ଼ ଆଖିରେ ମଧ୍ୟ ଚାହୁଁନାହାନ୍ତି। ସେହିପରି ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଲାଗି କଟକଣା ରହିଛି; ଅଥଚ ଉଚ୍ଚଶବ୍ଦଯୁକ୍ତ ବାଣ ଓ କାନଫଟା ଶବ୍ଦ ସୃଷ୍ଟି କରୁଥିବା ଡିଜେର ଉତ୍ପାଦନ ଓ ଉପକରଣକୁ ବନ୍ଦ କିମ୍ବା ଜବତ କରାଯାଇପାରୁନାହିଁ।

ଯଦି ଗୋଟିଏ ରାଜ୍ୟର ସରକାର ଚାହିଁବେ ତେବେ ଅସାମାଜିକ ଓ ଅବାଞ୍ଛିତ ତତ୍ତ୍ୱଗୁଡ଼ିର ବିଲୋପ ସମ୍ଭବ। ଯଦି ଉତ୍ପାଦନ ବା ଉତ୍ସ ହିଁ ବନ୍ଦ ହୋଇଯିବ ଆପେ ଆପେ ତାହାର ପ୍ରଭାବ ମଧ୍ୟ ଶୂନ୍ୟ ହୋଇଯିବ। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସଚେତନତା ଅଭିଯାନର ଆବଶ୍ୟକତା ହିଁ ପଡ଼ିବ ନାହିଁ। କିନ୍ତୁ ଭୂତ-ଗୁଣିଆ ଭୂମିକାକୁ ପସନ୍ଦ କରୁଥିବା ସରକାର ବାହାଦୂରଙ୍କୁ ବୁଝେଇବ କିଏ? ଆଣ୍ଟିଭାଇରସ ବିକାଶ କରୁଥିବା ସଂସ୍ଥା ହିଁ ଭାଇରସ ସୃଷ୍ଟି କରେ ଏବଂ ଟିକା ପ୍ରସ୍ତୁତକାରୀ କମ୍ପାନୀମାନେ ହିଁ ଭୂତାଣୁ ସୃଷ୍ଟି କରନ୍ତି। ଆଉ ରାଜସ୍ୱ ସଂଗ୍ରହ ନିଶାରେ ମସ୍‌ଗୁଲ୍ ସରକାର ନିଶାମୁକ୍ତ ଅଭିଯାନର ଛଳନା କରି ନିଜ ଭାବମୂର୍ତ୍ତି ସଜାଡ଼ିବାର ଉଦ୍ୟମ କରନ୍ତି। ଏହା ହିଁ ଆଜିର ବଜାର ଅର୍ଥନୀତିର ଅପରିଣାମଦର୍ଶୀ ବାସ୍ତବତା।

ଯଦି ନିଶାମୁକ୍ତ ସମାଜ ଗଠନ ଲାଗି ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ଥାଏ ତେବେ ଏହି ଅଭିଯାନରେ ନିଶାଦ୍ରବ୍ୟ ଓ ତମାଖୁ ଜାତୀୟ ଦ୍ରବ୍ୟର ଉତ୍ପାଦନ ଓ ବିକ୍ରି ବନ୍ଦ ପାଇଁ ସରକାର ହିଁ ପ୍ରଥମେ ଆତ୍ମସଂକଳ୍ପ ନିଅନ୍ତୁ। ସମ୍ବିଧାନର ୪୭ ଧାରାରେ ଥିବା ନିଶା ନିବାରଣ ଏବଂ ୨୧ ଧାରାରେ ଥିବା ବଞ୍ଚିବାର ଅଧିକାରକୁ ଦୃଷ୍ଟିରେ ରଖି ପ୍ରଚଳିତ ଅବକାରୀ ନୀତି ଓ ଆଇନ୍‌ରେ ସଂଶୋଧନ ଆଣିବା ଲାଗି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଐତିହାସିକ ରାୟ ଦେଇଛନ୍ତି, ତାହାର ଅନୁପାଳନ କରନ୍ତୁ। ନ ହେଲେ ଯାଦୁଆ ଯାଦୁର ମଲମ ବିକିବା ଭଳି ଅପବାଦ ସରକାରଙ୍କୁ ମୁଣ୍ଡାଇବାକୁ ପଡ଼ିବ।

## ନ୍ୟାୟପାଳିକା ନିର୍ଦ୍ଦେଶ ବନାମ ରାଷ୍ଟ୍ରପତିଙ୍କ ପ୍ରଶ୍ନ

ଗଦାଧର ବଳ

ନିକଟରେ ରାଷ୍ଟ୍ରପତି ଦେଶର ସର୍ବୋଚ୍ଚ ଅଦାଲତଙ୍କୁ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ୧୪ ଗୋଟି ପ୍ରଶ୍ନ ପଚାରିଛନ୍ତି, ଯାହାର ଉତ୍ତର ପାଇଁ ପାଞ୍ଚଜଣିଆ ଖଣ୍ଡପୀଠ ଗଠନ ହେବ ବୋଲି ଅନୁମାନ କରାଯାଉଛି। ରାଷ୍ଟ୍ରପତି ପଚାରିଥିବା ପ୍ରଶ୍ନଗୁଡ଼ିକ ହେଲା - ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ଯେତେବେଳେ ରାଜ୍ୟପାଳଙ୍କ ନିକଟକୁ ବିଲ୍ ଆସେ ସେତେବେଳେ ସେ କ'ଣ କରିପାରିବାର କ୍ଷମତା ରହିଛି? ଅନୁଚ୍ଛେଦ ୨୦୦ ଅନୁଯାୟୀ ମନ୍ତ୍ରୀ ପରିଷଦ ଦ୍ୱାରା ସଂଶୋଧିତ ହୋଇ ଆସିଥିବା ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ କି? ସେହି ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ବିବେକାନୁମୋଦିତ କ୍ଷମତା ରହିଛି କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ପାରିତ ହୋଇଥିବା ବିଲ ଅନୁଚ୍ଛେଦ ୩୬୧ ମୁତାବକ ସର୍ବୋଚ୍ଚ ଅଦାଲତର କ୍ଷମତା ବହିର୍ଭୂତ କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ଉପଯୋଗ କରିଥିବା କ୍ଷମତାକୁ ନ୍ୟାୟିକ ନିର୍ଦ୍ଦେଶ ଅନୁଯାୟୀ ସମୟ ସୀମା ନିର୍ଦ୍ଧାରଣ କରିବା ସମ୍ବିଧାନ ସମ୍ମତ କି? ଅନୁଚ୍ଛେଦ ୨୦୧ ଅନୁଯାୟୀ ରାଷ୍ଟ୍ରପତି ନିଜର ସ୍ୱୀକୃତି ପ୍ରଦାନ ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରା ଯାଇ ନ ଥିବା ବେଳେ ବିଚାର ବିଭାଗ ଦ୍ୱାରା ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍ କି? ରାଜ୍ୟପାଳଙ୍କ ଦ୍ୱାରା ପ୍ରେରିତ କୌଣସି ବିଲ ରାଷ୍ଟ୍ରପତିଙ୍କ ନିକଟକୁ ଆସିଥିଲେ ସେ ସ୍ୱୀକୃତି ଦେବା ବେଳେ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ରେଫେରାନ୍ସ ବଳରେ ସର୍ବୋଚ୍ଚ ଅଦାଲତଙ୍କ ପାଖରୁ ଉପଦେଶ ନେଇପାରିବେ କି? ଅନୁଚ୍ଛେଦ ୨୦୦ ଓ ୨୦୧ ଅନୁଯାୟୀ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିକଟକୁ କୋଣସି ବିଲ୍ ଆସି ସ୍ୱୀକୃତି ପାଇ ଆଇନରେ ପରିଣତ ହେବା ବେଳେ ସେ କି ନିଷ୍ପତ୍ତି ନେବେ, ତେବେ ଏହା ବିଚାର ବିଭାଗ ଦ୍ୱାରା ଆଇନଗତ ତର୍ଜମା କରା ଯାଇପାରିବ କି? ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ଅଦାଲତ କୌଣସି ନିର୍ଦ୍ଦେଶ ଦେବା ବେଳେ ରାଜ୍ୟପାଳ ବା ରାଷ୍ଟ୍ରପତି ପୂର୍ବରୁ ଦେଇଥିବା ନିର୍ଦ୍ଦେଶାବଳୀକୁ ସେସୟରେ ବିଚାରକୁ ନେଇପାରିବେ କି? ବିଧାନସଭା ପ୍ରସ୍ତୁତ କରିଥିବା ଆଇନ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ସ୍ୱୀକୃତି ନ ଦେବା ଯାଏଁ ଆଇନରେ ପରିଣତ ହୋଇପାରିବ କି? ସମ୍ବିଧାନରେ ଅନୁଚ୍ଛେଦ ୧୪୫(୩) ଅନୁଯାୟୀ ସର୍ବୋଚ୍ଚ ଅଦାଲତ ଦ୍ୱାରା ଗଠିତ ଖଣ୍ଡପୀଠ କୌଣସି ନିର୍ଦ୍ଦେଶ ଦେବା ବେଳେ ଏହା ଆଇନଗତ ଜଟିଳତା ଥିବାରୁ ତାହାକୁ ତର୍ଜମା ପାଇଁ ପାଞ୍ଚଜଣିଆ ଖଣ୍ଡପୀଠକୁ ପଠାଇ ଦେବା ବାଧ୍ୟତାମୂଳକ ନୁହଁ କି? ସର୍ବୋଚ୍ଚ ଅଦାଲତ ଅନୁଚ୍ଛେଦ ୧୪୨ ଅନୁଯାୟୀ ନିଜର ସୀମିତ କ୍ଷମତା ବଳରେ କୌଣସି ଆଦେଶ ଦେବା ବେଳେ ପୂର୍ବରୁ ପ୍ରଚଳିତ ଥିବା ଆଇନକୁ ବିଚାରକୁ ନେବା ଉଚିତ ନୁହଁ କି? କେନ୍ଦ୍ର ରାଜ୍ୟ ମଧ୍ୟରେ କୌଣସି ବିବାଦ ଉପୁଜି ଯଦି କିଛି ମାମଲା ରୁଜୁ ହେଲା ଅନୁଚ୍ଛେଦ ୧୩୧ ଅନୁଯାୟୀ ସେହି ମାମଲାକୁ ବିଚାର କରିବା କ୍ଷମତା ସର୍ବୋଚ୍ଚ ଅଦାଲତ ନିକଟରେ ରହିଥିବା ବେଳେ ଅନ୍ୟ ସବୁ ବିବାଦର ବିଚାର ପାଇଁ ସାମ୍ବିଧାନିକ କ୍ଷମତାଭୁକ୍ତ କି?

ବ୍ୟବସ୍ଥାପିକାର କାମ ଆଇନ ତିଆରି କରିବା, କାର୍ଯ୍ୟପାଳିକା ଆଇନ କାର୍ଯ୍ୟକାରୀ କରିବା ଏବଂ ନ୍ୟାୟପାଳିକା ଏହି ଆଇନର ସଦୁପଯୋଗ ହେଉଛି କି ନାହିଁ ତଦାରଖ କରିବା। ତେବେ ବିବାଦ ହେଲା, ଯେବେ ତାମିଲନାଡୁ ସରକାର ପାରିତ କରିଥିବା କେତେକ ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ନ ଦେଇ ରାଷ୍ଟ୍ରପତିଙ୍କ ପାଖକୁ ତର୍ଜମା କରିବା ପାଇଁ ପଠାଇ ଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ତାମିଲନାଡୁ ସରକାର ଦେଶର ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ତେଣୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ବିଧାନସଭାରୁ ପାରିତ ହୋଇ ଆସୁଥିବା ସମସ୍ତ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବେ। ନ କଲେ ନିଜ ପାଖରେ ସର୍ବାଧିକ ୩ ମାସ ପର୍ଯ୍ୟନ୍ତ ରଖିପାରିବେ କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ମଞ୍ଜୁରୀ ପାଇଁ ପଠାଇ ପାରିବେ। ବିଧାନସଭାରେ ପାରିତ ହୋଇ ପୁନର୍ବାର ବିଲ ତାଙ୍କ ନିକଟକୁ ଗଲେ ସେ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ ଅଟନ୍ତି।

ପ୍ରଶ୍ନ ହେଉଛି ସର୍ବୋଚ୍ଚ ନ୍ୟାୟାଳୟ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇପାରିବ କି? ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟ କୌଣସି ସମୟରେ ଯଦି ଅନୁଭବ କରନ୍ତି ନ୍ୟାୟ ପ୍ରଦାନରେ ଅନିୟମିତତା ହୋଇଛି 'ଜୁଡିସିଆଲ ରିଭ୍ୟୁ' ନାମରେ ସେ ନିର୍ଦ୍ଦେଶ ଦେଇପାରିବେ। ତାମିଲନାଡୁ ମାମଲାରେ ନ୍ୟାୟପାଳିକା ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଏହି ନିୟମ ଅନୁଯାୟୀ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ସମ୍ବିଧାନ ଅନୁଚ୍ଛେଦ ୧୪୨ ଅନୁଯାୟୀ ଏମିତି ନିର୍ଦ୍ଦେଶ ଦେବା ଆଦୌ ଅସମୀଚୀନ ଲାଗୁ ନ ଥିଲେ ବି ପ୍ରଶ୍ନ ହେଉଛି ଯିଏ ଦେଶର ପ୍ରଥମ ନାଗରିକ, ଯିଏ ଦେଶର ସମ୍ବିଧାନର ସୁରକ୍ଷା ପାଇଁ ଶପଥ ନେଇଛନ୍ତି, ତାଙ୍କୁ ସର୍ବୋଚ୍ଚ ଅଦାଲତ ଏମିତି ଆଦେଶ ଦେବା କେତେ ଦୂର ନ୍ୟାୟସଙ୍ଗତ? ଦେଶର ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ କହିଛନ୍ତି ଯେ ଏମିତି ନିର୍ଦ୍ଦେଶ ସମ୍ବିଧାନର ଅନୁଚ୍ଛେଦ ୧୪୨ର ଦୁରୁପଯୋଗ ଏବଂ ଆଣବିକ କ୍ଷେପଣାସ୍ତ୍ର ସଦୃଶ। ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଚାର ନ ହୋଇ ଦୀର୍ଘଦିନ ହେବ ପଡ଼ି ରହିଥିବା ବେଳେ ତରବର ଭାବରେ ଏମିତି ନିର୍ଦ୍ଦେଶ ଦେବା, ଏପରି କି ଦିଲ୍ଲୀ ଉଚ୍ଚ ଅଦାଲତର କାର୍ଯ୍ୟରତ ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କା ଉଦ୍ଧାର ହେବା ଘଟଣାରେ ସର୍ବୋଚ୍ଚ ଅଦାଲତ କି ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳର ସାଂସଦ କପିଲ ସିବଲ ବିଗତ ଦିନରେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ବଳରେ ବହୁମତରେ ନିର୍ବାଚିତ ଇନ୍ଦିରା ଗାନ୍ଧୀ ସରକାରର ପତନ ବିଷୟ କହି ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ତା'ପରେ ଏହି ବିଷୟକୁ ନେଇ ଦେଶ ତମାମ ବିତର୍କ ଆରମ୍ଭ ହୋଇ ଯାଇଛି।

ଆମ ଦେଶର ଗଣତନ୍ତ୍ରର ସ୍ୱତନ୍ତ୍ରତା ହେଲା ସ୍ୱାଧୀନ ତଥା ନିରପେକ୍ଷ ନ୍ୟାୟପାଳିକା। ଆଇନ ପ୍ରଣୟନର କ୍ଷମତା ସଂସଦ ବା ବିଧାନସଭାରେ ରହିଛି। ପ୍ରଶ୍ନ ହେଉଛି ଜନମଙ୍ଗଳ ରାଷ୍ଟ୍ରରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧିମାନେ ପ୍ରଣୟନ କରିଥିବା ଆଇନ ସର୍ବାଗ୍ରେ ଗ୍ରହଣୀୟ ଥିବାରୁ ତାମିଲନାଡୁ ସରକାର ପାରିତ କରିଥିବା ବିଲକୁ ଆଇନରେ ପରିଣତ କରିବାକୁ ସମୟ ସୀମା ଧାର୍ଯ୍ୟ କରାଯିବା ଆଇନତଃ ଜରୁରୀ ଅନୁଭବ ହେଉଛି। ସମ୍ବିଧାନର ସିଡ୍ୟୁଲ ୭ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ରକୁ ମିଳିତ କ୍ଷମତା ଦିଆଯାଇଛି। ବିଧାନସଭାରେ ବହୁମତରେ ବିଲ ପାରିତ ହେଲେ ରାଜ୍ୟପାଳଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଯାଏ ଏବଂ ସ୍ୱୀକୃତି ମିଳିବା ପରେ ତାହା ଆଇନରେ ପରିଣତ ହୁଏ। କେନ୍ଦ୍ର ସରକାର କେନ୍ଦ୍ରୀୟ ଶାସନର ଦୃଢ଼ତା ପାଇଁ ବିଭିନ୍ନ ରାଜ୍ୟରେ ନିଜର ପ୍ରତିନିଧି ଭାବରେ ରାଜ୍ୟପାଳ ନିଯୁକ୍ତି କରିଛନ୍ତି। ରାଜ୍ୟରେ ପାରିତ ସମସ୍ତ ବିଲ ତାଙ୍କ ସ୍ୱାକ୍ଷର ବିନା ଆଇନରେ ପରିଣତ ହୁଏ ନାହିଁ।

ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ବିଲ ମଞ୍ଜୁରୀ ବେଳେ ରାଜ୍ୟପାଳଙ୍କୁ ୪ ଗୋଟି କ୍ଷମତା ପ୍ରଦାନ କରାଯାଇଛି। ପ୍ରଥମତଃ, ବିଧାନସଭାରେ ବିଲ ପାସ ହେବା ପରେ ତା' ଉପରେ ସେ ସ୍ୱୀକୃତି ଦେଲେ ବିଲ ଆଇନରେ ପରିଣତ ହୁଏ। ଦ୍ୱିତୀୟରେ ସେ ବିଲକୁ ସ୍ୱୀକୃତି ନ ଦେଇ ପୁନଶ୍ଚ ସଂଶୋଧନ ପାଇଁ ବିଧାନସଭାକୁ ଫେରସ୍ତ କରିପାରିବେ ଏବଂ ବିଧାନସଭା ସେହି ବିଲକୁ ପୁନର୍ବାର ପାରିତ କରି ପଠାଇଲେ ସେ ଏଥିରେ ସ୍ୱୀକୃତି ପ୍ରଦାନ କରିବାକୁ ବାଧ୍ୟ। ତୃତୀୟରେ ରାଜ୍ୟପାଳ ଚାହିଁଲେ ନିଜ ପାଖରେ ବିଲ୍‌କୁ କିଛିଦିନ ରଖିପାରିବେ। ଚତୁର୍ଥରେ ରାଜ୍ୟପାଳଙ୍କ ପାଖକୁ ଆସିଥିବା ବିଲ ତାଙ୍କର ବିବେକାନୁମୋଦିତ ନ ହେଲେ ବା ଏହା କେନ୍ଦ୍ର-ରାଜ୍ୟ ସମ୍ପର୍କ ଖରାପ ହେବାର ଆଶଙ୍କା ଥିଲେ ନିଜେ ମଞ୍ଜୁରୀ ନ ଦେଇ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଇ ପାରିବେ। ପ୍ରଶ୍ନ ହେଲା ରାଷ୍ଟ୍ରପତି ଏହି ଆଇନକୁ ମଞ୍ଜୁରୀ ନ ଦେଇ କେତେଦିନ ନିଜ ପାଖରେ ରଖି ପାରିବେ? ରାଜ୍ୟପାଳ ମଧ୍ୟ ରାଷ୍ଟ୍ରପତିଙ୍କ ପରି ବିଲ ଉପରେ ସ୍ୱୀକୃତି ବେଳେ ସମାନ କ୍ଷମତା ଉପଭୋଗ କରିପାରିବେ କି?

ଏହି ଜଟିଳ ପ୍ରସଙ୍ଗ ସର୍ବୋଚ୍ଚ ଅଦାଲତଙ୍କ ସମୟ ସୀମା ନିର୍ଦ୍ଧାରଣ ନିର୍ଦ୍ଦେଶ ପରେ ଅଧିକ ବିତର୍କିତ ହୋଇପଡ଼ିଛି। ତାମିଲନାଡୁ ଏକମାତ୍ର ରାଜ୍ୟ, ଯେଉଁଠି ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନାସ୍ୱୀକୃତିରେ ୧୦ ଗୋଟି ବିଲ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହୋଇସାରିଛି। ସାମ୍ବିଧାନିକ ବ୍ୟବସ୍ଥାକୁ ନେଇ ସର୍ବୋଚ୍ଚ ଅଦାଲତ ଓ ବ୍ୟବସ୍ଥାପିକା ମଧ୍ୟରେ ଏ ବିବାଦ ପ୍ରଥମ ନୁହଁ। ଏହାପୂର୍ବରୁ ଚମ୍ପକ ରାମ ଦୁରାଇ ରାଜନ ମାମଲାରେ କେନ୍ଦ୍ର ସରକାର, ୧୯୬୭ ମସିହାରେ ଗୋଲକ ନାଥ ମାମଲାରୁ ବିବାଦ ଆରମ୍ଭ ହୋଇ କେଶବାନନ୍ଦ ଭାରତୀ ମାମଲା ଯାଏଁ ଅନେକ ମାମଲାର ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ଭିତରେ ବିବାଦ ଇତିହାସରେ ଲିପିବଦ୍ଧ ରହିଛି।

(ଆଇନଜୀବୀ)
ଭଦ୍ରକ, ମୋ: ୯୪୩୭୧୨୮୮୪୧

## ଇଚ୍ଛାପତ୍ର: ବରିଷ୍ଠ ନାଗରିକଙ୍କ ସୁରକ୍ଷା କବଚ

ଅନନ୍ତ ଚରଣ ସ୍ୱାଇଁ

କିଛିବର୍ଷ ତଳେ ନିଜର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପୁଅ ନାଁରେ କରିଦେଲେ ଜଣେ ବିଶିଷ୍ଟ ଉଦ୍ୟୋଗପତି। ସମ୍ପତ୍ତି ହାତକୁ ଆସିବା ପରେ ପୁଅର ବ୍ୟବହାର ତାଙ୍କ ବୃଦ୍ଧ ପିତାଙ୍କ ପ୍ରତି ସମ୍ପୂର୍ଣ୍ଣ ବଦଳି ଗଲା। ବୃଦ୍ଧ ଜଣଙ୍କ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ ତାଙ୍କ ଗେହ୍ଲା, ଅଲିଅଳ ଓ ଏପର୍ଯ୍ୟନ୍ତ ଅତ୍ୟନ୍ତ ନିଜର ବୋଲି ଭାବୁଥିବା ପୁଅ ସମ୍ପତ୍ତି ପାଇବା ପରେ ତାଙ୍କୁ ଘରୁ ତଡ଼ିଦେବ। କୋଟିକୋଟି ଟଙ୍କା, କୋଠାବାଡ଼ି, ଅସୁମାରୀ ସମ୍ପତ୍ତି ଅର୍ଜନ କରିଥିବା ବ୍ୟକ୍ତିଜଣଙ୍କ ପରିଣତ ବୟସରେ ଗୋଟିଏ ଛୋଟ ଭଡ଼ା ଘରେ ଏବେ ସେ ଅଭାବ ଅନଟନରେ ଦିନ କାଟୁଛନ୍ତି। ଆଉ ଏକ ଘଟଣା। ନିକଟରେ ଜଣେ ପ୍ରତିଷ୍ଠିତ ଧନୀ ବ୍ୟବସାୟୀଙ୍କ ହୃଦଘାତରେ ମୃତ୍ୟୁ ହେଲା। ସେ ଥିଲେ ଅବିବାହିତ। ଛାଡ଼ି ଯାଇଥିଲେ ଅଚଳାଚଳ ସମ୍ପତ୍ତି। ସେହି ସମ୍ପତ୍ତି ପାଇବା ପାଇଁ ତାଙ୍କ ନିକଟ ସମ୍ପର୍କୀୟ ଏବଂ କିଛି ସହକର୍ମୀଙ୍କ ମଧ୍ୟରେ କଳହ ଚରମସୀମାରେ ପହଞ୍ଚିଛି।

ସମାଜରେ ଏପରି ଅନେକ ଘଟଣା ନିତିଦିନ ଘଟୁଛି। ସେଥିରୁ କେତେକ ଲୋକଲୋଚନକୁ ଆସୁଛି ଏବଂ ଆଉ କେତେକ ଘଟଣାକୁ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ଚପାଇ ଦିଆଯାଉଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି, ଦିନରାତି ପରିଶ୍ରମ କରି ଧନସମ୍ପତ୍ତି ଅର୍ଜନ କରିବା ପଛର ଉଦ୍ଦେଶ୍ୟ ହେଉଛି, କିପରି ନିଜ ପରିବାର ସୁଖରେ ରହିବେ। କିନ୍ତୁ ଦେହାନ୍ତ ପରେ ଦିନେ ସେହି ଧନ ସମ୍ପତ୍ତିର ଭାଗ ବଣ୍ଟା ଉତ୍ତରାଧିକାରୀଙ୍କ ମଧ୍ୟରେ ମନାନ୍ତର, ମତାନ୍ତର ଓ କଳହ ସୃଷ୍ଟିର କାରଣ ହେବ, ଏହି କଥା ସେତେବେଳେ କେହି ଭାବି ନଥା'ନ୍ତି। ସମ୍ପତ୍ତି ଭାଗବଣ୍ଟାକୁ ନେଇ କଳହ କେବଳ ବିତ୍ତଶାଳୀଙ୍କ ଭିତରେ ସୀମିତ ନଥାଏ। ଏପରି ସ୍ଥିତିରେ ନିଜର ସୁରକ୍ଷା ପାଇଁ 'ଇଚ୍ଛାପତ୍ର' ବହୁତ ସହାୟକ ହୋଇଥାଏ। ଜୀବିତାବସ୍ଥାରେ ସ୍ୱଅର୍ଜିତ ସମ୍ପତ୍ତିର ସୁରକ୍ଷା, ସୁପରିଚାଳନା ଓ ମୃତ୍ୟୁ ପରେ ସେସବୁର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନର ସୁବ୍ୟବସ୍ଥା କରିବା ହେଉଛି ଇଚ୍ଛାପତ୍ରର ଲକ୍ଷ୍ୟ। ବିଶେଷକରି ବରିଷ୍ଠ ନାଗରିକମାନେ ନିଜ ଅର୍ଜିତ ଧନ ସମ୍ପତ୍ତି ଭୋଗ କରିବା ଅଧିକାରରୁ ବଞ୍ଚିତ ନହେବା ଏବଂ ଜୀବନକୁ ସରସ କରିବା ପାଇଁ ଇଚ୍ଛାପତ୍ର ହେଉଛି ଏକ ସୁରକ୍ଷିତ ଆୟୁଧ।

ଇଚ୍ଛାପତ୍ର (ୱିଲ୍) ହେଉଛି ଏକ ଆଇନଗତ ଦଲିଲ୍। ଏଥିରେ ଜଣେ ବ୍ୟକ୍ତି ନିଜ ସମ୍ପତ୍ତି ଅଧିକାର ତାଙ୍କ ଦେହାନ୍ତ ପରେ କାହାକୁ ଏବଂ କେମିତି ବଣ୍ଟନ କରାଯିବ ସେ ବିଷୟରେ ସବିଶେଷ ଲିପିବଦ୍ଧ ହୋଇଥାଏ। ଭାରତରେ ଇଚ୍ଛାପତ୍ର ବ୍ୟବସ୍ଥାକୁ ଇଣ୍ଡିଆନ ସକ୍ସେସନ ଆକ୍ଟ -୧୯୨୫, ହିନ୍ଦୁ ସକ୍ସେସନ ଆକ୍ଟ-୧୯୫୬, ହିନ୍ଦୁ ସକ୍ସେସନ( ଆମେଣ୍ଡମେଣ୍ଟ) ଆକ୍ଟ-୨୦୦୫, ମୁସଲିମ ପରସନାଲ ଲ'(ସରିଆତ) ଆପ୍ଲିକେସନ ଆକ୍ଟ-୧୯୩୭ ଅନୁସାରେ ପରିଚାଳିତ କରାଯାଏ। ଇଚ୍ଛାପତ୍ରର ବୈଧତା ସ୍ପଷ୍ଟ କରିବା ପାଇଁ କେତେକ ସ୍ଥାନରେ 'ପ୍ରୋବେଟ' ଉପରେ ନିର୍ଭର କରାଯାଏ। 'ପ୍ରୋବେଟ୍' ହେଉଛି ଏକ ଆଇନଗତ ପ୍ରକ୍ରିୟା, ଯାହା ମାଧ୍ୟମରେ ମରଣୋତ୍ତର ଜଣେ ବ୍ୟକ୍ତିର ଇଚ୍ଛାପତ୍ର ନ୍ୟାୟାଧୀଶଙ୍କ ଦ୍ୱାରା ସ୍ୱୀକୃତି ପାଇଥାଏ। ଯଦି କୌଣସି ବ୍ୟକ୍ତି ଇଚ୍ଛାପତ୍ର ନ ଲେଖି ଇହଲୋକ ତ୍ୟାଗ କରନ୍ତି, ତାହାକୁ 'ଇନ୍ଟେଷ୍ଟେଟ୍ ମୃତ୍ୟୁ' କୁହାଯାଏ। ଏହି ପରିସ୍ଥିତିରେ, ତାଙ୍କ ସମ୍ପତ୍ତି କିପରି ଭାଗବଣ୍ଟା ହେବ ତାହା ଦେଶର 'ଉତ୍ତରାଧିକାର ଆଇନ' ଅନୁଯାୟୀ ନ୍ୟାୟାଳୟ ନିଷ୍ପତ୍ତି ନେଇଥାଏ।

ଅଭିଜ୍ଞ ଓକିଲ, ଚାର୍ଟର୍ଡ ଆକାଉଟାଣ୍ଟ କିମ୍ବା ଦକ୍ଷ ଆର୍ଥିକ ପରାମର୍ଶଦାତାଙ୍କ ପରାମର୍ଶ ନେଇ ଇଚ୍ଛାପତ୍ର ପ୍ରସ୍ତୁତ କରା ଯାଇପାରିବ। ଇଚ୍ଛାପତ୍ର ଲେଖିବା ସମୟରେ ଲେଖୁଥିବା ବ୍ୟକ୍ତିର ବୟସ ଅଠର କିମ୍ବା ତଦୂର୍ଦ୍ଧ୍ୱ ହେବା ସହ ମାନସିକ ସ୍ଥିତି ଭଲ ଥିବା ଦରକାର। ଦଲିଲରେ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ, କିଏ କେତେ ସମ୍ପତ୍ତି କେଉଁଠି ଓ କେତେବେଳେ ପାଇବ ସେ ସବୁର ସ୍ପଷ୍ଟ ଉଲ୍ଲେଖ କରିବାକୁ ପଡ଼ିଥାଏ। ଇଚ୍ଛାପତ୍ରରେ ଅତିକମ୍‌ରେ ଦୁଇଜଣ ସାକ୍ଷୀଙ୍କ ଦସ୍ତଖତ ଥିବା ଦରକାର, ଯାହାକି ଏହାର ବୈଧତା ସୁନିଶ୍ଚିତ କରିଥାଏ। ଇଚ୍ଛାପତ୍ରକୁ ନୋଟାରାଇଜ ବା ପଞ୍ଜିକୃତ କରିବାରେ କୌଣସି ବାଧ୍ୟବାଧକତା ନାହିଁ। ପଞ୍ଜିକୃତ କଲେ ଦଲିଲର ଆଇନଗତ ବୈଧତା ବୃଦ୍ଧି ପାଏ।

ଇଚ୍ଛାପତ୍ର ପ୍ରସ୍ତୁତ କରିବାର କିଛି ନିର୍ଦ୍ଦିଷ୍ଟ ସମୟ ନାହିଁ। ଏହା ବ୍ୟକ୍ତିର ବ୍ୟକ୍ତିଗତ ନିଷ୍ପତ୍ତି। ତେବେ ବିବାହ ସମୟ, ପିଲାଙ୍କ ଜନ୍ମ, ବ୍ୟବସାୟର ପ୍ରାରମ୍ଭ, ସମ୍ପତ୍ତି କ୍ରୟ ବା ଉତ୍ତରାଧିକାରୀ ରୂପେ ସମ୍ପତ୍ତି ଅଧିଗ୍ରହଣ ହେଉଛି ଇଚ୍ଛାପତ୍ର କରିବାର ପ୍ରକୃଷ୍ଟ ସମୟ। ନିଜର ସ୍ୱାସ୍ଥ୍ୟ ସେବା ଜନିତ ଖର୍ଚ୍ଚକୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦରକାର। ତେବେ ନିଜକୁ ସୁହାଇବା ଭଳି ଜୀବନକାଳରେ ଇଚ୍ଛାପତ୍ରକୁ କେବେ ମଧ୍ୟ ରଦ୍ଦ ବା ପରିବର୍ତ୍ତନ କରିହେବ।

ଇଚ୍ଛାପତ୍ରରେ ଜଣେ ନିର୍ବାହକଙ୍କ ନାମ ଉଲ୍ଲେଖ ଥାଏ। ବ୍ୟକ୍ତିର ଦେହାନ୍ତ ପରେ ତା' ଇଚ୍ଛାପତ୍ରରେ ଉଲ୍ଲେଖ ଥିବା ତଥ୍ୟାନୁସାରେ ନିର୍ବାହକ କାର୍ଯ୍ୟ ସମ୍ପାଦନ କରିଥାଏ। ବ୍ୟକ୍ତିର ପରିବାର ପ୍ରତି ନୈତିକ ଦାୟିତ୍ୱ ଥାଏ। କୋଣସି କାରଣରୁ ତା'ର ହଠାତ ମୃତ୍ୟୁ ହେଲେ ପରିବାର ଉପରେ ଦୁଃଖ ମାଡ଼ିଆସେ। ପରିବାର କିମ୍ବା ପରିବାରରେ ଥିବା ନାବାଳକ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଆନୁସଂଗିକ ଖର୍ଚ୍ଚର ପ୍ରାବଧାନ ଇଚ୍ଛାପତ୍ରରେ ଥିଲେ ବ୍ୟକ୍ତିର ଅସମୟରେ ଦେହାନ୍ତ ହେଲେ ମଧ୍ୟ ଉତ୍ତରାଧିକାରୀମାନେ ଆର୍ଥିକ ଅସୁବିଧାରେ ପଡ଼ି ନ ଥା'ନ୍ତି।

ବ୍ୟକ୍ତିର ନିଜ ଧନ ସମ୍ପତ୍ତି ଉପରେ ସମ୍ପୂର୍ଣ୍ଣ ଅଧିକାର ଥାଏ। ବଞ୍ଚିବା ଅବସ୍ଥାରେ ଏହି ସମ୍ପତ୍ତି ଅନ୍ୟମାନଙ୍କ ପାଖକୁ ଚାଲିଗଲେ ବ୍ୟକ୍ତି ନିଜର ଅଧିକାର ହରାଇ ବସେ। ଭରଣପୋଷଣ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ। ଅନେକ ସଂସ୍କାରୀ ସନ୍ତାନ ବୃଦ୍ଧାବସ୍ଥାରେ ପିତାମାତାଙ୍କ ଯତ୍ନ ନେଇଥା'ନ୍ତି, ସମ୍ପତ୍ତି ପାଇବାର ଲାଳସା ସେମାନଙ୍କର ନଥାଏ। ଘରେ ଥାଏ ଏକ ସକାରାତ୍ମକ ପରିବେଶ। ଉତ୍ତରାଧିକାରୀଙ୍କ ମଧ୍ୟରେ ଉତ୍ତମ ସହଯୋଗ, ସହାନୁଭୂତି ମନୋଭାବ ଥିଲେ ଇଚ୍ଛାପତ୍ର ଦ୍ୱାରା ବ୍ୟକ୍ତିର ମରଣୋତ୍ତର ସମ୍ପତ୍ତି ବଣ୍ଟନ ପ୍ରକ୍ରିୟା ସହଜରେ ସଂଗଠିତ ହୋଇଥାଏ।

(ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ)
ଭୁବନେଶ୍ୱର, ମୋ: ୭୩୮୦୧୦୪୬୪୭୭

## ଆମ ବୃକ୍ଷଲତା ଆମ ଜୀବନ

### କମଳାଗୁଣ୍ଡି

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

କମଳାଗୁଣ୍ଡି ଏକ ସାଧାରଣ ବହୁବର୍ଷୀୟ ଉଦ୍ଭିଦ, ଯାହା ସାରା ଭାରତ ସମେତ ଆଫଗାନିସ୍ତାନ, ଶ୍ରୀଲଙ୍କା, ମାଲେସିଆ, ଚୀନ୍, ଫିଲିପାଇନ୍ସ ଓ ଅନ୍ୟାନ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶ ଏବଂ ଅଷ୍ଟ୍ରେଲିଆରେ ଦେଖାଯାଏ। ଏହା ତୁଷାରପାତ ଓ ମରୁଡ଼ି ପ୍ରତିରୋଧୀ। କମଳାଗୁଣ୍ଡିକୁ ବିଭିନ୍ନ ଅଞ୍ଚଳରେ କପିଳଗୁଣ୍ଡି, ପାଟଗୁଣ୍ଡା, କୁଙ୍କୁମ ନାମରେ ମଧ୍ୟ ପରିଚିତ।

ପ୍ରାୟ ୧୦ରୁ ୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା କମଳାଗୁଣ୍ଡିର ଗଣ୍ଡି ୪୦ ସେମି ବ୍ୟାସ ବିଶିଷ୍ଟ। ଛାଲି ମସୃଣ କିମ୍ବା କୁଞ୍ଚିତ, ଧୂସର ରଙ୍ଗର। ଛୋଟ ଶାଖାଗୁଡ଼ିକ ଛୋଟ କେଶ ସହିତ ଆଚ୍ଛାଦିତ ଥାଏ। ପତ୍ରଗୁଡ଼ିକ ସରଳ, ଚମଡ଼ା ଭଳି, ବିକଳ୍ପ ଭାବରେ ସଜା ଯାଇଥିବା ଅଣ୍ଡାକାର କିମ୍ବା ଚତୁର୍ଭୁଜାକାର, ଲୋମଶ -ମଖମଲ, ୪ ରୁ ୧୨ ସେମି ଲମ୍ବା, ୨ ରୁ ୭ ସେମି ଚଉଡ଼ା। ପତ୍ରଗୁଡ଼ିକ ମୂଳରୁ ୩ ଶିରା ବିଶିଷ୍ଟ। ମାର୍ଚ୍ଚରୁ ଏପ୍ରିଲ ପର୍ଯ୍ୟନ୍ତ ଫୁଲ ଫୁଟେ ଏବଂ ଜୁଲାଇ-ଅଗଷ୍ଟରେ ଫଳ ପାଚିଥାଏ। ଏଥିରେ ପିମ୍ପୁଡ଼ିଙ୍କୁ ଆକର୍ଷିତ କରୁଥିବା ଅତିରିକ୍ତ ଫୁଲର ଅମୃତ ଥାଏ। ଫଳ ଏକ ତିନିଫାଳିଆ ଅଣ୍ଡାକୃତି, ପ୍ରଚୁର କମଳା କିମ୍ବା ଲାଲ ଗ୍ରନ୍ଥ ଦାନା ସହିତ କଳା ରଙ୍ଗର ୩ବୀଜ ଓ ୪ ମିମି ବ୍ୟାସ ବିଶିଷ୍ଟ।

ଏହି ଉଦ୍ଭିଦଟି ପାରମ୍ପରିକ ଭାବରେ ଫାଇଲେରିଆଲ୍, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ଇନ୍‌ଫ୍ଲେମାଟୋରୀ, ଆଣ୍ଟି-ଏଚ୍‌ଆଇଭି ଏବଂ ଇମ୍ୟୁନିଏଟ୍-ନିୟନ୍ତ୍ରକ, ପ୍ୟୁଗେଟିଭ୍, ଆନ୍ଥେଲମିଣ୍ଟିକ୍, ଡିଟରଜେଣ୍ଟ, କାର୍ମିନେଟିଭ୍, ଆଲେକ୍ସିଟେରିକ ଭାବେ ବ୍ୟବହୃତ ହୁଏ। ଶ୍ୱାସରୋଗ, ପେଟ ରୋଗ, ପ୍ଲୀହା ବୃଦ୍ଧି, ପେଟ ଘା', କୃମି, ଚର୍ମରୋଗ, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିପାରାସାଇଟିକ୍ ଇତ୍ୟାଦି ଚିକିତ୍ସାରେ ଏହା ଉପଯୋଗୀ। ଆୟୁର୍ବେଦ ଅନୁସାରେ, ପତ୍ରଗୁଡ଼ିକ ତିକ୍ତ, ଶୀତଳ ଓ ଭୋକବର୍ଦ୍ଧକ। ଏହାକୁ ମୌଖିକ ଗର୍ଭ ନିରୋଧକ ଭାବରେ ଏବଂ ତେଲକୁ କେଶ-ନିର୍ଦ୍ଦିଷ୍ଟକ ଭାବରେ ବ୍ୟବହାର କରାଯାଏ। ବିହନରୁ ତିଆରି ପିଠାକୁ ଜୈବ ସାର ଭାବରେ ବ୍ୟବହାର କରାଯାଏ। ଉଦ୍ଭିଦର ବିଭିନ୍ନ ଅଂଶରେ ଥିବା ଫାଇଟୋକେମିକାଲ୍ସରେ ବିଭିନ୍ନ ପ୍ରାକୃତିକ ଜୈବିକ ଉପାଦାନ, ଯଥା ଫେନୋଲ୍ସ, ଡାଇଟରପେନୋଇଡ୍ସ, ଷ୍ଟେରଏଡ୍ସ, ଫ୍ଲାଭୋନୋଇଡ୍ସ, କାର୍ଡେନୋଲାଇଡ୍ସ, ଟ୍ରାଇଟରପେନୋଇଡ୍ସ, କୁମାରିନ, ଆଇସୋକୋମାରିନ୍ସ, ଆଣ୍ଟିଅକ୍ସିଡାଣ୍ଟ କାରକ ଟାନିନ୍, ଅଣସାଚୁରାଇଜଡ୍ ଫ୍ୟାଟି ଏସିଡ୍ ବା ଟ୍ରିପଲିଅନସାଚୁରାଡ୍ ହାଇଡ୍ରୋକ୍ସି ଏସିଡ୍ କାମଲୋଲେନିକ୍ ଏସିଡ୍, ଗ୍ଲିସେରାଇଡ, ରୋଟଲେରିନ୍, ଆଇସୋରୋଟଲେରିନ୍ ଆଦି ଭରପୂର ରହିଛି। ମାଲୋଟୋକ୍ସିନ୍ ଓ ରୋଟଲେରିନ୍ କର୍କଟ ଉପଚାର କେମୋଥେରାପିରେ ଉପଯୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପରିପକ୍ୱ ଫଳଗୁଡ଼ିକ ଲାଲ ବାଦାମୀ ପାଉଡର ପଦାର୍ଥରେ ଆଚ୍ଛାଦିତ ହୋଇଥାଏ, ଯାହା ହାତରେ ଫଳଗୁଡ଼ିକୁ ହଲାଇ ଏବଂ ଘଷି କପଡ଼ାରେ ସଂଗ୍ରହ କରାଯାଏ। ସଂଗୃହୀତ ପଦାର୍ଥ ସୂକ୍ଷ୍ମ, ଦାନାଦାର ପାଉଡର, ଅଦ୍ରବଣୀୟ ହୋଇଥିବାରୁ ପାଣିରେ ଭାସମାନ ରହିଥାଏ। ଏହା ଫୁଟୁଥିବା ପାଣିରେ ସାମାନ୍ୟ ଦ୍ରବଣୀୟ, କିନ୍ତୁ ଇଥର ଓ ଆଲକାହୋଲରେ ଯଥେଷ୍ଟ ଦ୍ରବଣୀୟ ଏବଂ ଗଭୀର-ଲାଲ ଦ୍ରବଣ ଗଠନ କରେ। ଏହାର ମୁଖ୍ୟ ରଙ୍ଗ ଉପାଦାନ ହେଉଛି ରୋଟଲେରିନ୍, ଆଇସୋରୋଟଲେରିନ୍, ଯାହା ରେଶମ, ପଶମ, ଖାଦ୍ୟ ଓ ପାନୀୟ ପଦାର୍ଥ ରଙ୍ଗକୁ ରଙ୍ଗ କରିବା ପାଇଁ ଉପଯୁକ୍ତ ଉତ୍ପାଦନ ଏବଂ କସମେଟିକ୍ ପ୍ରସାଧନ ପ୍ରସ୍ତୁତ ପାଇଁ ବ୍ୟବହୃତ ହୁଏ।

ଏହାର କାଠ ହାଲୁକା ଓ ଶକ୍ତ ଥିବାରୁ କୃଷି ଉପକରଣ, ଆସବାବ ନିର୍ମାଣ, କାଗଜ ପଲ୍ପ ବା ମଣ୍ଡ ପାଇଁ ଉପଯୋଗୀ। ଶୁଖିଲା ବିହନକୁ ୬ ମାସ ପର୍ଯ୍ୟନ୍ତ ଶୁଖିଲା ସ୍ଥାନରେ ଅଖା ବା ଗନି ବ୍ୟାଗରେ କିମ୍ବା ଟିଣରେ ସଂରକ୍ଷଣ କରାଯାଇପାରିବ। ଏହାକୁ ବର୍ଷା ଋତୁ ଆରମ୍ଭରେ ବିହନ ଭାବରେ ବୁଣା ଯାଇପାରିବ। ଗଛର ମୂଳରୁ ମଧ୍ୟ ଆପେ ନୂତନ ଚାରା ଗଛ ମୁକ୍ତ ଭାବରେ ଉତ୍ପନ୍ନ ହୋଇ ବଂଶ ବିସ୍ତାର ହୁଏ। ବହୁମୁଖୀ ଗୁଣ ପାଇଁ ଏହି ଜଙ୍ଗଲୀ ଗଛର ସଂରକ୍ଷଣ ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଲଇକେରାରେ ତେଜିଲା ମଦ ବିରୋଧୀ ଅଭିଯାନ

# ପ୍ଲାକାର୍ଡ ଧରି ଗାଁ ଗାଁ ବୁଲିଲେ ଶତାଧିକ ମହିଳା

**ସୁନ୍ଦରଗଡ଼, ୧।୬(ସମିସ):** ହେମଗିରି ବ୍ଲକ୍ ଅନ୍ତର୍ଗତ ଲଇକେଲା ପଞ୍ଚାୟତର ସରପଞ୍ଚ ଦିନେଶ ନାଏକଙ୍କ ଉଦ୍ୟମକ୍ରମେ ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ ତେଜିବାରେ ଲାଗିଛି। କିଛି ଦିନ ତଳେ ଗୋପାଳପୁର ଲାଇସେନ୍ସପ୍ରାପ୍ତ ମଦଭାଟିକୁ ଲଇକେରାକୁ ସ୍ଥାନାନ୍ତର

### ମଦ ମାଫିଆଙ୍କୁ ପଞ୍ଚାୟତ ଛାଡ଼ିବାକୁ ଚେତାବନୀ

ପାଇଁ ପ୍ରଶାସନର ନିଷ୍ପତ୍ତି ବିରୋଧରେ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ଆଜି ଶତାଧିକ ମହିଳା ଶୋଭାଯାତ୍ରାରେ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ମଦ ବିରୋଧରେ ସଚେତନତା ସୃଷ୍ଟି କରିଛନ୍ତି।

ଏହି ଶୋଭାଯାତ୍ରାରେ ନଙ୍ଗଲକଟା, ଠିଟେଇଟାଙ୍ଗର, ଲଇକେରା, ସାରେଶମାଲ, ବନ୍ଧପାଲି, କାଲୋବାହାଲ, ବାଲିଯୋରୀ ଗ୍ରାମର ଶତାଧିକ ମହିଳା ସାମିଲ ହୋଇ ମଦଭାଟି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରିଥିଲେ। ସେମାନେ ହାତରେ ମଦ ବିରୋଧୀ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ବିଭିନ୍ନ ସ୍ଲୋଗାନ ଦେଇ ପଞ୍ଚାୟତର ଗୋଟିଏ ପରେ ଗୋଟିଏ ଗାଁ ମାଡ଼ି ଚାଲିଥିଲେ। ମଦମୁକ୍ତ ପଞ୍ଚାୟତ ଗଠନ କରିବାକୁ




ଗାଁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ପଞ୍ଚାୟତବାସୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଗୋପାଳପୁର ମଦଭାଟିକୁ ଲଇକେରାରେ ସ୍ଥାପନ ଉଦ୍ୟମରୁ ପ୍ରଶାସନ ନଓହରିଲେ, ନିଆଁ ଜଳିବ ବୋଲି ଚେତାଇ ଦେଇଥିଲେ। ମଦ ମାଫିଆମାନଙ୍କୁ ମଧ୍ୟ ପଞ୍ଚାୟତ ଛାଡ଼ି ଚାଲିବାକୁ ଚେତାବନୀ ଦେଇଛନ୍ତି। ମଦ୍ୟପାନ ଯୋଗୁଁ ଘରେ, ବାହାରେ, ଗାଁରେ ଅଶାନ୍ତିକର ବାତାବରଣ ସୃଷ୍ଟି ହେବା, ନାନା ରୋଗବ୍ୟାଧିରେ ପଡ଼ି ଅକାଳରେ ଜୀବନ ଯିବା, ଗାଁ ଗାଁରେ ବିଧବା ସଂଖ୍ୟା ବଢ଼ି ଚାଲିବା, ଯୁବପିଢ଼ି ବିପଥଗାମୀ ହେବା ଆଦି ସେମାନେ ଅଭିଯୋଗ କରିଛନ୍ତି। ଯେତେ ଯାହା ମୂଲ୍ୟ ଦେବାକୁ ପଡ଼ିଲେ ବି ଆଗାମୀ ଦିନରେ ଏହି ମଦ ବିରୋଧୀ ଆନ୍ଦୋଳକୁ ଆହୁରି ତୀବ୍ରତର କରାଯିବ ବୋଲି ସେମାନେ କହିଛନ୍ତି।

## ଏମ୍‌ଭି ଆକ୍ଟରେ ପୁଲିସକୁ କ୍ଷମତା

# ଯାନବାହନ ଯାଞ୍ଚ ସହ କରିପାରିବେ ଜରିମାନା ଆଦାୟ

**ଭୁବନେଶ୍ୱର,୧।୬(ସମିସ):** ରାଜ୍ୟର ସମସ୍ତ ସହରାଞ୍ଚଳରେ ପୁଲିସକୁ ମୋଟର ଯାନ ସମ୍ପର୍କିତ ସମସ୍ତ ଯାଞ୍ଚ କ୍ଷମତା ସହ ଜରିମାନା ଆଦାୟ କ୍ଷମତା ଦେବା ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ରାଜ୍ୟ ପରିବହନ କମିସନର ଏକ ଚିଠି ଲେଖି ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ନିବେଦନ କରିଛନ୍ତି।

ମୋଟର ଯାନ ଆଇନ(ଏମ୍‌ଭି ଆକ୍ଟ)-୧୯୮୮ ଅନୁଯାୟୀ ସଂପ୍ରତି ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି। ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ଭୁଲ୍ ଦିଗରେ ଗାଡ଼ି ଚାଳନା, ଟ୍ରିପଲ୍ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଙ୍ଘନ ପାଇଁ ଜରିମାନା ଆଦାୟ କରାଯାଉଛି। ମାତ୍ର ଆଗକୁ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରବହନ ବିଭାଗ ପକ୍ଷରୁ ବିଚାର କରାଯାଉଛି। ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଆକଳନ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ରାଜ୍ୟ ପରିବହନ କମିସନରଙ୍କ ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ପୁଲିସ ଷ୍ଟେସନରେ ନିଯୁକ୍ତ ସବ-ଇନ୍‌ସପେକ୍ଟର ପଦବୀ ଏବଂ ତା'ଠାରୁ ଅଧିକ ପାହ୍ୟାର ପୁଲିସ ଅଧିକାରୀ, ଓ ଗ୍ରାମାଞ୍ଚଳରେ ନିଯୁକ୍ତ ସହକାରୀ ସବ-ଇନ୍‌ସପେକ୍ଟର ପଦବୀ ଏବଂ ତା'ଠାରୁ ଅଧିକ ପାହ୍ୟାର ଅଧିକାରୀ ଏବଂ ରାଜ୍ୟର ସମସ୍ତ ଟ୍ରାଫିକ ପୁଲିସ ଷ୍ଟେସନକୁ ଏମ୍‌ଭି ଆକ୍ଟ-୧୯୮୮ର ଧାରା ୧୮୦, ୧୮୧, ୧୮୪ (କ), ୧୮୪ (ଖ), ୧୮୪ (ଘ), ୧୮୪ (ଇ), ୧୮୪ (ଚ), ୧୮୫, ୧୯୨, ୧୯୬ ଅନୁଯାୟୀ ଦଣ୍ଡନୀୟ ମୋଟରଯାନ ଏବଂ ଯୌଗିକ ଅପରାଧ ଯାଞ୍ଚ କରିବାକୁ ଅଧିକାର ଦିଆଯାଇପାରେ। ଏହି ନିଷ୍ପତ୍ତି ବଳରେ ପୁଲିସ ଅଧିକାରୀମାନେ ପୂର୍ବ କ୍ଷମତା ସାଙ୍ଗକୁ ଫିଟ୍‌ନେସ୍, ଇନ୍‌ସ୍ୟୁରାନ୍ସ, ପରମିଟ୍, ରେଜିଷ୍ଟ୍ରେସନ୍ ଆଦି କ୍ଷେତ୍ରରେ ମଧ୍ୟ ଜରିମାନା ଆଦାୟ କରିପାରିବେ।

ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଘଟଣା ପାଇଁ ପୁଲିସ ଓ ପରିବହନ ବିଭାଗକୁ ମିଳିତ ଭାବେ କ୍ଷମତା ଦିଆଯାଇପାରିବ ନାହିଁ। ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ। ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସକୁ କ୍ଷମତା ଦେବା ପାଇଁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଛି। ତେଣୁ ପୁଲିସକୁ ଏମ୍‌ଭି ଆକ୍ଟରେ ଯାନ ଯାଞ୍ଚ ଓ ଜରିମାନା ଆଦାୟ କ୍ଷମତା ଦିଆଗଲେ ପରିବହନ ବିଭାଗର ଆର୍ଥିକ ସ୍ଥିତି ବିଗିଡ଼ିଯିବା ସହ ପୁଲିସ ବିଭାଗ ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ନନ୍ଦ ମତ ଦେଇଛନ୍ତି।

# ଓମ୍‌ଫେଡ୍‌ର ଏ-୨, ଏ-୨ ଘିଅ ବିକ୍ରି ଆରମ୍ଭ



**ଭୁବନେଶ୍ୱର,୧।୬(ସମିସ):** ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜିକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ସରକାର ୧୮୬ କୋଟି ଟଙ୍କା ବ୍ୟୟ ଅଟକଳରେ "ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସରେ ରାଜ୍ୟର ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହା ସହିତ ଓମଫେଡ ଚାଷୀମାନଙ୍କୁ ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ପଣ୍ଡିଗାଁ ମଣ୍ଡିରେ ମିଲର୍ସଙ୍କ ମନମାନି

# ମନ୍ଥର ଗତିରେ ଧାନ ଉଠାଣ ପାଇଁ ତାତିଲେ ଚାଷୀ

**କଲମପୁର,୧।୬(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ପ୍ୟାକ୍ସ ଅଧୀନ ପଣ୍ଡିଗାଁ ମଣ୍ଡିରେ ଅବ୍ୟବସ୍ଥା ସମେତ ମିଲର୍ସଙ୍କ ମନମାନି ନେଇ ରବିବାର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ କଲମପୁର ବ୍ଲକ୍ କଂଗ୍ରେସ ଭାରପ୍ରାପ୍ତ ସଭାପତି ବିପିନ ପ୍ରଧାନୀ, ବିଜେଡି ବ୍ଲକ୍ ସଭାପତି ଅଭିମନ୍ୟୁ ବାଗ, ବିଜେପି ପୂର୍ବତନ ବ୍ଲକ ସଭାପତି କମଳ ବାଗ, ରାହାସ ରାଉତ, ହର ହଂସ, କୃଷ୍ଣ ବାଗଙ୍କ ସମେତ ଅନେକ ଚାଷୀ ମଣ୍ଡିରେ ଚାଲୁଥିବା ମନମାନି କାରବାରକୁ ଭର୍ତ୍ସନା କରିବା ସହ ସୁଚାରୁରୂପେ ପରିଚାଳନା ନ କଲେ ରାଜରାସ୍ତା ଅବରୋଧ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ପଣ୍ଡିଗାଁ ମଣ୍ଡିରୁ ଧାନ ଉଠାଣ ପାଇଁ ୬ଟି ମିଲ୍‌କୁ ଅନୁମତି ଦିଆଯାଇଛି। ୬ଟି ମିଲର ଏଜେଣ୍ଟ ଭାବେ ୨ ଜଣ ବ୍ୟକ୍ତି ନିୟୋଜିତ ହୋଇଛନ୍ତି। ଶିବାଶିଷ ବେହେରା ୨ଟି ମିଲ୍ ପାଇଁ କାମ କରି ପ୍ରାୟ ୫ ହଜାର କୁଇଣ୍ଟାଲ ଧାନ ଉଠାଇଛନ୍ତି। ପିଣ୍ଟୁ ଜୈନ ୪ଟି ମିଲ୍ ପାଇଁ କାମ କରି ୧ ହଜାର କୁଇଣ୍ଟାଲ ଧାନ ଉଠାଇଛନ୍ତି। ଏହି ମଣ୍ଡିରୁ ପ୍ରଥମ ପର୍ଯ୍ୟାୟରେ ଉଠାଣ ପାଇଁ ୨୬,୪୦୦କୁଇଣ୍ଟାଲ ଟାର୍ଗେଟ ରହିଛି। ଏ ପର୍ଯ୍ୟନ୍ତ ୬ ହଜାର ୨୫ କେଜି ଧାନ ଉଠାଣ ହୋଇଛି। ଗାଇଗାଁ ବାସୁଦେବ ମିଲ୍ ୫ହଜାର ପାଇଥିବା ଟାର୍ଗେଟରୁ ବର୍ତ୍ତମାନ ସୁଦ୍ଧା ୭୩୬ କୁଇଣ୍ଟାଲ ୨୦କେଜି ଉଠାଇଛି। ସେହିଭଳି ବିଶ୍ୱନାଥ ୩ ହଜାରରୁ ୨୬୭ କୁଇଣ୍ଟାଲ ୪୦କେଜି, ଦୁର୍ଗା ରାଇସ୍ ମିଲ୍ ୭ ହଜାରରୁ ୩୬୩୧କୁଇଣ୍ଟାଲ ୬୭ କେଜି, କଳିଙ୍ଗା ରାଇସ୍ ମିଲ୍ ୪ହଜାରରୁ ୭୪୧ କୁଇଣ୍ଟାଲ ୬୦କେଜି, ପୂଜା ଏଗ୍ରୋ ଇଣ୍ଡଷ୍ଟ୍ରି ୩ହଜାର ୪ଶହରୁ ୭୨୬ କୁଇଣ୍ଟାଲ ୪୦କେଜି ଉଠାଇଛି। ତେବେ ଶ୍ରୀକ୍ରିଷ୍ଣା ରାଇସ୍ ମିଲ୍ ୪ ହଜାରରୁ କିଛି ବି ଉଠାଇନାହିଁ। ସମୁଦାୟ



୨୬ ହଜାର ୪ଶହ କୁଇଣ୍ଟାଲରୁ ବର୍ତ୍ତମାନ ସୁଦ୍ଧା ୬ ହଜାର୨୦୮ କୁଇଣ୍ଟାଲ ୨୫କେଜି ଧାନ ମିଲର୍ସମାନେ ଉଠାଣ କରିଛନ୍ତି। ଏଣୁ ଏହି ମଣ୍ଡିରେ ଧାନ ଉଠାଣରେ ମନ୍ଥରତା ଦେଖାଯାଇଥିବାରୁ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

୨ଟି ମିଲ୍ ୫ହଜାର କୁଇଣ୍ଟାଲ ଧାନ ଉଠାଣ କରିବାରେ ସକ୍ଷମ ହୋଇଥିବା ବେଳେ କାହିଁକି ୪ଟି ମିଲ୍ ୧ ହଜାର କୁଇଣ୍ଟାଲରେ ସୀମିତ ରହିଲା, ଏହାର ଅସଲ କାରଣ କ'ଣ ହୋଇପାରେ, ତାହା ବଡ଼ ପ୍ରଶ୍ନ ପାଲଟିଛି।

ଏନେଇ ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କ୍ଷେତ୍ରମୋହନ ବାଗଙ୍କୁ ପଚାରିବାରୁ ଶିବାଶିଷ ବେହେରା ହିଁ ଏକମାତ୍ର ଏଜେଣ୍ଟ ଭାବେ ନିଯୁକ୍ତ ହୋଇଥିବା ବେଳେ ଅନ୍ୟ ମିଲ୍‌ଗୁଡ଼ିକ ଏଜେଣ୍ଟ ମଧ୍ୟ ଏପର୍ଯ୍ୟନ୍ତ ନିଯୁକ୍ତ କରି ନଥିବା କହିଛନ୍ତି। ତେବେ ପିଣ୍ଟୁ ଜୈନ ମଣ୍ଡିରୁ ପଠାଇଥିବା ଧାନ କୁଆଡ଼େ ଗଲା, କେଉଁ ପ୍ରକ୍ରିୟାରେ ପିଣ୍ଟୁ ଜୈନ ଧାନ ନେବାକୁ ଦିଆଗଲା, ଏଭଳି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜିଲେ ବି ମିଳିପାରୁନାହିଁ। ଏପଟେ ବର୍ଷା ଯୋଗୁଁ ଧାନ ଉଠାଣରେ ବ୍ୟାଘାତ ହୋଇଥିବା ବିଭାଗ ସଫେଇ ଦେଇଛି। ତେବେ ୨ଟି ମିଲ୍ ଧାନ ଉଠାଣରେ ପ୍ରତିକୂଳ ପାଗ ସତ୍ତ୍ୱେ ସମ୍ଭବ କରିପାରିଲା। ବାକି ମିଲ୍ କାହିଁକି ନୁହେଁ ବୋଲି ଉପସ୍ଥିତ ଚାଷୀ ପାଲଟା ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷେ ପଣ୍ଡିଗାଁ ମଣ୍ଡି ଖାଲୁଆ ଜାଗାରେ ଅସ୍ଥାୟୀ ଭାବେ ଚାଲୁଛି। ଟ୍ରକ୍ ପଶିଲେ ବାହାରି ପାରୁନାହିଁ। ଏଣୁ, ରାସ୍ତା ଉପରେ ସିଧାସଳଖ ଧାନ ବିକ୍ରି କରିବାକୁ ସୁଯୋଗ ଦିଆଯାଉ ବୋଲି ଚାଷୀ ଦାବି ରଖିଥିଲେ। ଏନେଇ ପ୍ୟାକ୍ସ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ବାଗ ଚାଷୀଙ୍କୁ ବୁଝାଇବା ପରେ ସେମାନେ ଶାନ୍ତ ପଡ଼ିଥିଲେ। ଏହାପରେ ମଣ୍ଡିରୁ ଧାନ ଉଠାଣ ସ୍ୱାଭାବିକ ହୋଇଥିଲା।

## ଅବଶିଷ୍ଟାଂଶ

### ୟୁକ୍ରେନ ଡ୍ରୋନ୍‌ର...

ୟୁକ୍ରେନ ସହରଗୁଡ଼ିକୁ ନିଶାଣ କରି ଆକ୍ରମଣ କରିଥାନ୍ତି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୨ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭ ହଜାର କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଛି। ରୁଷର ବେଲାୟା ଏୟାରବେସ୍ ୟୁକ୍ରେନ ସୀମାରୁ ପ୍ରାୟ ୪ ହଜାର କିମି ଏବଂ ଓଲେନ୍ୟା ଏୟାରବେସ୍ ପ୍ରାୟ ୧୮୦୦ କିମି ଦୂରରେ ଅବସ୍ଥିତ। ଏହି ଆକ୍ରମଣ ମସ୍କୋ ପାଇଁ ବଡ଼ ଧକ୍କା ସାବ୍ୟସ୍ତ ହୋଇଛି। ଏହା ଯୁଦ୍ଧକୁ ନୂଆ ଗତି ଦେଇପାରେ। ରୁଷ୍ ୟୁକ୍ରେନ ବିରୋଧରେ ବଡ଼ଧରଣର ଆକ୍ରମଣ କରିପାରେ। ଏବେ ରୁଷ ସେନା ସତର୍କ ହୋଇଯାଇଛି। ଡ୍ରୋନ ଆକ୍ରମଣ ମଧ୍ୟ ବନ୍ଦ ହୋଇଯାଇଛି। ୟୁକ୍ରେନ ଏହାର ନାମ ପାଭୁତିନା କୁମ୍ବା ୱେବ ରଖାଯାଇଥିଲା। ଏହି ଆକ୍ରମଣର ୟୁକ୍ରେନ୍‌ର ସାମରିକ କ୍ଷମତାକୁ ମଧ୍ୟ ପ୍ରଦର୍ଶିତ କରୁଛି।

ଏସ୍‌ବିୟୁ ପକ୍ଷରୁ କୁହାଯାଇଛି ଯେ ଡ୍ରୋନଗୁଡ଼ିକ ରୁଷକୁ ଗଭୀର ଆଘାତ ଦେଇଛି। ଏହା ରୁଷ୍ ଭିତରେ ପ୍ରବେଶ କରି ଟିୟୁ-୯୫, ଟିୟୁ-୨୨ ଭଳି ବଡ଼ ବୋମା ବିସ୍ଫୋରଣକାରୀ ବିମାନ ଏବଂ ଏ-୫୦ ଭଳି ମହଙ୍ଗା ଗୁପ୍ତଚର ବିମାନକୁ କ୍ଷତି ପହଞ୍ଚାଇଛି। ଏ-୫୦ ବିମାନ ବହୁତ ଶକ୍ତିଶାଳୀ। ରୁଷ ପାଖରେ କେବଳ ଏପରି ବିମାନ ରହିଛି। ଗୋଟିଏ ବିମାନର ମୂଲ୍ୟ ପ୍ରାୟ ୩୫୦ ନିୟୁତ ଡଲାର (୩୦୦୦ କୋଟି ଟଙ୍କା) ବୋଲି କୁହାଯାଉଛି। ଏହି ଆକ୍ରମଣରେ ବିଶେଷ କରି ବେଲାୟା ଏୟାରବେସକୁ ବିଶେଷ ନିଶାଣ କରାଯାଇଥିଲା। ତେବେ ସେହି ସମୟରେ ଓଲେନ୍ୟା ଏୟାରବେସରେ ଆକ୍ରମଣ ଘଟିଥିବା ଖବର ମିଳିଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏୟାରବେସ୍‌ରେ ନିଆଁ ଜଳୁଥିବା ଦେଖାଯାଉଛି। ଟିୟୁ-୯୫ ଏବଂ ଟିୟୁ-୧୬୦ ଭଳି ବିମାନ ବହୁତ ପୁରୁଣା। କିନ୍ତୁ ଏଗୁଡିକ କ୍ଷେପଣାସ୍ତ୍ର ସହ ଦୀର୍ଘ ପଥ ଅତିକ୍ରମ କରିପାରିବେ। ଏଗୁଡ଼ିକୁ ରୁଷ ବାୟୁସେନାର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର କୁହାଯାଏ। ଏହି ବିମାନକୁ ଧ୍ୱଂସ କରିବା ୟୁକ୍ରେନ ପାଇଁ ବଡ଼ ସଫଳତା କୁହାଯାଉଛି। ୟୁକ୍ରେନ ପକ୍ଷରୁ ରୁଷ୍‌କୁ ମଧ୍ୟ ଚେତାବନୀ ଦିଆଯାଇଛି। କୁହାଯାଇଛି ଯେ ବୋମାମାଡ଼ ବନ୍ଦ କରିବା ପାଇଁ ରୁଷ୍ ଉପରେ ଏହି ଆକ୍ରମଣ କରାଯାଇଥିଲା। କାରଣ ପ୍ରାୟ ପ୍ରତିଦିନ ରାତିରେ ରୁଷ୍ ବିମାନଗୁଡ଼ିକ ୟୁକ୍ରେନୀୟ ସହର ଉପରେ ଆକ୍ରମଣ କରୁଛନ୍ତି। ଏହି ଆକ୍ରମଣ ରୁଷକୁ କ୍ଷମତାର ଦମ୍ଭକୁ ଭାଙ୍ଗି ଚକିତ କରିଦେଇଛି। ଯଦି ଏହି ଦେଶ ଆକ୍ରମଣ ବନ୍ଦ ନ କରେ ତେବେ ୟୁକ୍ରେନ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଏହି ଆକ୍ରମଣକୁ ନେଇ ରୁଷ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ବିବୃତ୍ତି ଦିଆଯାଇନାହିଁ। ଯଦି ୟୁକ୍ରେନର ଦାବି ସତ୍ୟ ହୁଏ ତେବେ ଏହା ରୁଷୀୟ ବାୟୁସେନା ଉପରେ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ ହେବ। ଆଗକୁ ମଧ୍ୟ ଡ୍ରୋନ ଆକ୍ରମଣ ଜାରି ରହିବ ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି।

### ଏଏସ୍‌ଆଇଙ୍କୁ ପୋଡ଼ି...

ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଏଏସ୍‌ଆଇ ପବିତ୍ରଙ୍କ ପୈତୃକ ଘର କୋରାପୁଟରେ। ସେ କଳାହାଣ୍ଡି ଜିଲ୍ଲା କେ ଗାଁ ଥାନାରେ ୨ବର୍ଷ ତଳେ ଯୋଗ ଦେଇଥିଲେ। କୌଣସି କାରଣରୁ ନିଲମ୍ବିତ ହୋଇ ଏବେ ସେ ଭବାନୀପାଟଣା ରିଜର୍ଭ ପୁଲିସ୍ ମୁଖ୍ୟାଳୟରେ ଅବସ୍ଥାପିତ ଥିଲେ।

ଶନିବାର ବିଳମ୍ବିତ ରାତିରେ ସେ ବାଇକ୍ ଯୋଗେ ଭବାନୀପାଟନାରୁ ଜୁନାଗଡ଼ ରାସ୍ତାରେ ଆସୁଥିଲେ। ତେବେ ଆଜି ସକାଳୁ ଜୁନାଗଡ଼ ଥାନା ବନମାଳୀପୁର ଭାରତ ପେଟ୍ରୋଲ୍ ପମ୍ପ ଏନଏଚ-୨୬ ପାଖରେ ବାଇକ୍ ସହ ତାଙ୍କର ଦରପୋଡ଼ା ଶବ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପ୍ରଥମେ ତାଙ୍କ ପରିଚୟ ମିଳିନଥିଲା। ପରେ ବାଇକ୍ ନମ୍ବରରୁ ତାଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଖବର ପାଇ ତାଙ୍କ ପତ୍ନୀ, ମା', ଭାଇ ସହ ପରିବାରଲୋକେ କୋରାପୁଟରୁ ଆସି ପହଞ୍ଚିଛନ୍ତି।

### ଧୋକାଦେଲା...

ନାହିଁ। ୧୦ ତାରିଖରୁ ବାୟୁର ଦିଗ ପରିବର୍ତ୍ତନ ହେବ ଏବଂ ୧୧ କିମ୍ବା ୧୨ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ବଳୟ ସୃଷ୍ଟି ହେବା ସହ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ। ସମ୍ଭାବ୍ୟ ଲଘୁଚାପଟି ଓଡ଼ିଶା ବା ସଂଲଗ୍ନ ଉପକୂଳ ଦେଇ ସ୍ଥଳଭାଗକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ସମଗ୍ର ରାଜ୍ୟରେ ୪ ଦିନ ବର୍ଷା ହେବ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣରେ ତାପମାତ୍ରା ୩୫-୩୭ ଡିଗ୍ରୀ ମଧ୍ୟରେ ରହିବ। ଏହାପରେ ପୁଣି ତାପମାତ୍ରା ବୃଦ୍ଧି ପାଇବ। ୧୦ ତାରିଖରୁ ତାପମାତ୍ରା କମିବ; ଏଣୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୁଳୁଗୁଳି ଚାଲୁ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୪ ତାରିଖରୁ ତାପମାତ୍ରା ସହ ଗୁଳୁଗୁଳିର ପ୍ରଭାବ ଆହୁରି ବଢ଼ିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକଟ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ପ୍ରବଳ ଗୁଳୁଗୁଳି ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ୟେଲୋ ଆଲର୍ଟ ଜାରି କରିଛି।

### ପେଟ୍ରୋଲ ପମ୍ପରୁ...

ଚିନ୍ତାର ବିଷୟ ପାଲଟିଛି। ଏହି ଘଟଣା ପରେ ବଡ଼ଗାଁସ୍ଥିତ ଇତମାରେ ଥିବା ଶ୍ରବଣ ଅଗ୍ରୱାଲଙ୍କ ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ଗୋଦାମକୁ ସିଲ୍ କରାଯାଇଥିଲା। ହେଲେ ରବିବାର ଉକ୍ତ ଗୋଦାମର ବିପୁଳ ବିସ୍ଫୋରକ ଦୁଇଟି ମିନି ଟ୍ରକ୍‌ରେ ଭର୍ତ୍ତି ହୋଇ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିବା ବେଳେ ରଘୁନାଥପାଲି ଥାନା ପୁଲିସ ଜବତ କରିଛି। ଦୁଇଟି ଗାଡ଼ିରୁ ପ୍ରାୟ ୧୧୬ ପ୍ୟାକେଟ୍ ଜିଲେଟିନ, ୪୧୬ ଡେଟୋନେଟର, ୧୫ ପେଟିରେ ୭୫୦ ମିଟର ତାର ଥିବା ସୂଚନା ମିଳିଛି। ଗାଡ଼ି ଦୁଇଟି କିଛି ଦିନ ହେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିଲା। ଗୋଦାମ ସିଲ୍ ହେବା ଦିନଠାରୁ ବିସ୍ଫୋରକ ଗୋଦାମ ମାଲିକ ଶ୍ରବଣଙ୍କ ଉପରେ ପୁଲିସ ନଜର ରଖିଥିଲା। ଆଜି ଶ୍ରବଣ ପେଟ୍ରୋଲ ପମ୍ପରେ ପହଞ୍ଚିବା ପରେ ପୁଲିସ୍ ତାଙ୍କୁ ମାଡ଼ି ବସିଥିଲା।

ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି, ଶ୍ରବଣଙ୍କ ଗୋଦାମ ସିଲ୍ ଥିଲେ ହେଁ ସେ ଏହି ଦୁଇଟି ଗାଡ଼ିରେ ବେଆଇନ ଭାବେ ବିସ୍ଫୋରକ ରଖିଥିଲେ। ପୁଲିସ୍ ଶ୍ରବଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପରପକ୍ଷେ, ଗୋଦାମ ସିଲ୍ ହେବା ଆଗରୁ ବିସ୍ଫୋରକ ଚାଲାଣ ହୋଇଥିଲା କି ସିଲ୍ ହେବା ପରେ ଚାଲାଣ ହୋଇଥିଲା, ତାହା ଜଣାପଡ଼ିନାହିଁ। କେଉଁ ଉଦ୍ଦେଶ୍ୟରେ ବିସ୍ଫୋରକ ପେଟ୍ରୋଲ ପମ୍ପଠାରେ ରଖାଯାଇଥିଲା, ସେନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ପୁଲିସ ପକ୍ଷରୁ କୌଣସି ସଠିକ୍ ତଥ୍ୟ ଦିଆଯାଇନାହିଁ।

## ଛାତ୍ରଛାତ୍ରୀଙ୍କ ଯାତାୟାତକୁ ସଂପୂର୍ଣ୍ଣ ମାଗଣା କରାଯାଉ: ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୧।୬(ସମିସ):** ସରକାରୀ ପରିବହନ ସେବାରେ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ ସେବା ସଂପୂର୍ଣ୍ଣ ମାଗଣା କରାଯିବା ସହ ବେସରକାରୀ କ୍ଷେତ୍ରରେ ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଆସନ୍ତା ଜୁନ୍ ୧୦ ତାରିଖ ଭିତରେ ଏହାକୁ କାର୍ଯ୍ୟକାରୀ କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଏଭଳି ଦାବି ରଖାଯାଇଛି। ନଚେତ୍ ରାଜ୍ୟର କୋଣ ଅନୁକୋଣରେ ଛାତ୍ର କଂଗ୍ରେସ ପକ୍ଷରୁ ଜୋରଦାର୍ ବିକ୍ଷୋଭ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ କହିଛନ୍ତି। ଏ ସଂପର୍କରେ ଗତକାଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ, ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚଳନ୍ତା ବାଇକ୍‌ରେ ଯୁବକଙ୍କୁ ଛୁରାମାଡ଼

**ବଲାଙ୍ଗିର,୧।୬(ସମିସ):** ବଲାଙ୍ଗିର ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ରବିବାର ସନ୍ଧ୍ୟାରେ ଟାଉନ୍ ଥାନା ନିକଟସ୍ଥ ଫଳ ବଜାର ପାଖରେ ଜଣେ ଯୁବକକୁ ଛୁରାମାଡ଼ କରି ଦୃର୍ବର୍ତ୍ତ ଫେରାର୍ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆପରାଧିକ ଘଟଣା ଘଟିଥିବା ଜଣାପଡ଼ିଛି। ଆହତ ଯୁବକଜଣଙ୍କ ହେଲେ, ଲକ୍ଷ୍ମୀନଗରପଡ଼ାର ସିତେଶ ସ୍ୱାଇଁ।



ସିତେଶ କିଛି ଟଙ୍କା ଧରି ବାଇକ୍‌ରେ ଯାଉଥିବା ବେଳେ ୩ରୁ ୪ଜଣ ଯୁବକ ତାଙ୍କୁ ପଛପଟୁ ଛୁରାମାଡ଼ କରିଥିଲେ। ସିତେଶ ବାଇକ୍ ସହ ତଳେ ପଡ଼ିଯିବାରୁ ଅଭିଯୁକ୍ତମାନେ ତାଙ୍କ ପକେଟରେ ଥିବା ୧୫ ହଜାର ଟଙ୍କା ଲୁଟି ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଭର୍ତ୍ତି କରାଇଛନ୍ତି। ଛୁରାମାଡ଼ରେ ତାଙ୍କ ପିଠିର ଦୁଇଟି ସ୍ଥାନରେ ଗଭୀର ଆଘାତ ଲାଗିଛି। ତାଙ୍କୁ ହତ୍ୟା ପାଇଁ ଯୋଜନା କରାଯାଇଥିଲା ବୋଲି ସିତେଶ କହିଛନ୍ତି। ଟାଉନ୍ ଥାନା ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବଶତ୍ରୁତାରୁ ଆକ୍ରମଣ ହୋଇଥିବା ସୂଚନା ମିଳିଛି।

# ସରଣ୍ଡାରେ ପୁଣି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ; ଜଣେ ଆହତ

**ରାଉରକେଲା,୧।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଜରେଇକେଲା ସୀମାନ୍ତରୁ ମାତ୍ର ୨୫କିଲୋମିଟର ଦୂରରେ ଥିବା ସରଣ୍ଡା ଜଙ୍ଗଲ ସଂଲଗ୍ନ ଗ୍ରାମ ବଲିବାଠାରେ ଗତକାଲି ସଂଧ୍ୟାରେ ପୁଣି ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଏହି ବିସ୍ଫୋରଣରେ ସ୍ଥାନୀୟ ଅଞ୍ଚଳର ଜଣେ ଗ୍ରାମବାସୀ ଆହତ ହେଇଛନ୍ତି। ଆହତ ଗ୍ରାମବାସୀ ହେଲେ, ବଲିବା ଗାଁର ସାଉ ବାରଜୋ (୩୦)। ତାଙ୍କୁ ମନୋହରପୁରରୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚିକିତ୍ସା ନିମନ୍ତେ ବୁର୍ଲା ସ୍ଥାନାନ୍ତର କରାଯାଇଛି।



ସାଉ ପତ୍ର ତୋଳିବା ସହ କାଠ ପାଇଁ ଜଙ୍ଗଲକୁ ଯାଇଥିଲେ। ଫେରୁଥିବା ବେଳେ ସଂଧ୍ୟାରେ ଜଙ୍ଗଲ ରାସ୍ତାରେ ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ୍ ଉପରେ ଚଢ଼ି ଯିବାରୁ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସାଉଙ୍କ ଦୁଇଗୋଡ଼ରେ ଗଭୀର ଆଘାତ ଲାଗିଛି। ବାଲିବାରେ ଥିବା ସିଆର୍‌ପିଏଫ୍ ଯବାନମାନେ ସାଉଙ୍କୁ ଚିକିତ୍ସା ନିମନ୍ତେ ମନୋହରପୁରସ୍ଥିତ ସରକାରୀ ହସ୍ପିଟାଲକୁ ପଠାଇଥିଲେ। ଗୁରୁତର ଅବସ୍ଥାରେ ସେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଚାଇଁବାସା ଏସ୍.ପି ରାକେଶ ରଞ୍ଜନ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି (ଇମ୍ପ୍ରୋଭାଇଜ ଏକ୍ସପ୍ଲୋସିଭ ଡିଭାଇସ) ବିସ୍ଫୋରଣକୁ ନିଶ୍ଚିତ କରିଛନ୍ତି। ମାଓବାଦୀମାନେ କମ୍ବିରତ ସୁରକ୍ଷା କର୍ମଚାରୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏହି ଲ୍ୟାଣ୍ଡମାଇନ୍ ଖଞ୍ଜିଥିବା କୁହାଯାଉଛି।


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sworn before the Notary Public, Purushottampur, Ganjam. I, Sujata Raut, W/o- Late Rabi Raut, resident of Dhobapalli, Ganjam, Odisha here by declare that my minor son's name has been changed from Pradipta Raut to Pradeep Raut. Henceforth he shall be known as **Pradeep Raut** for all purposes.

Sd/- Sujata Raut

**AFFIDAVIT**

I, Sasmita Nandini Tripathy, aged 40 years, D/o- Sadananda Tripathy, at present AT/PO/PS-Bolgarh, Dist- Khurda, State Odisha do hereby declare that by sworn affidavit in the court of Executive Magistrate, Bhadrak, my minor daughter Sanhita Saloni Khatai has changed her surname from Khatai to Tripathy and henceforth she shall be known as **Sanhita Saloni Tripathy** instead of Sanhita Saloni Khatai for all the purposes.

## ତେଜିଲା ମଦ ବିରୋଧୀ ଆନ୍ଦୋଳନ

# ଥାନାର ଦ୍ୱାରସ୍ଥ ହେଲେ ମହିଳା



**ସୁନ୍ଦରଗଡ଼, ୧୬(ସମିସ)** ଗ୍ରାମରେ ମଦ ବିରୋଧୀ ଆନ୍ଦୋଳନ ଚାଲିଛି। ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏକତ୍ରିତ ହୋଇ ଗ୍ରାମରେ ଏପରି ଅସାମାଜିକ ବିରୋଧରେ ଅଣ୍ଟା ଭିଡିଛନ୍ତି। ୨ ଦିନ ତଳେ ଗ୍ରାମର ଜଣେ ଚୋରା ମଦ ବିକାଳିଙ୍କୁ ଧରି ଅବକାରୀ ପୁଲିସକୁ ହସ୍ତାନ୍ତର କରିଥିଲେ। ତେବେ ଅଭିଯୁକ୍ତ ଛାଡ଼ ପାଇବା ପରେ ପୁଣି ଚୋରା ମଦ କାରବାର ଚଳାଉଛନ୍ତି। ମଦ ବିରୋଧୀ ମହିଳାଙ୍କ ଫଟୋ ସାମାଜିକ ଗଣମାଧ୍ୟରେ ଭାଇରାଲ କରି ବ୍ଲାକ୍‌ମେଲିଂ କରୁଛନ୍ତି। ଏପରି ଅଭିଯୋଗ ଆସିଛି ଉଷ୍ମା ଥାନା ଅନ୍ତର୍ଗତ ଡମବାହାଲ ଗ୍ରାମରୁ। ଡମବାହାଲ ଗ୍ରାମର ଅଧୀନସ୍ଥ ଗୁଡିଆଲିମାଲ ପଡ଼ା ଗ୍ରାମର ଧରମ ମୁଣ୍ଡା ଗ୍ରାମରେ ଅବାଧରେ ଚୋରା ମଦ ବିକ୍ରି କରି ଆସୁଛନ୍ତି। ଫଳରେ ଗ୍ରାମରେ ଅଶାନ୍ତିକର ବାତାବରଣ ସୃଷ୍ଟି ହେଉଛି। ମଦ ବିରୋଧୀ ମହିଳାଙ୍କ ଆକଟକୁ ନମାନି ସେ ମଦ ବିକ୍ରି କରି ଆସୁଥିବାରୁ ଶୁକ୍ରବାର ମହିଳାମାନେ ତାଙ୍କୁ ମଦ ସହ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ। ଅବକାରୀ ବିଭାଗ କର୍ମଚାରୀ ମଦ ଜବତ କରି ଅଭିଯୁକ୍ତଙ୍କୁ ନିଜ ହେପାଜତକୁ ନେଇଥିଲେ। ତେବେ ସେ ଛାଡ଼ ପାଇବା ପରେ ତାଙ୍କ ମଦ ବେପାର ଚଳାଇଛନ୍ତି। ଫଳରେ ସମ୍ପୃକ୍ତ ମଦ ବିରୋଧୀ ମହିଳା ମାନେ ରବିବାର ସନ୍ଧ୍ୟାରେ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି।

# କୁଣହାଁ କିସାନ ସମାଜର ଗ୍ରାମସଭା




**ସୁନ୍ଦରଗଡ଼, ୧୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁଣହାଁ କିସାନ ସମାଜ ପକ୍ଷରୁ ଟୁଙ୍ଗିମାଟିଠାରେ ଗ୍ରାମସଭାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟୁଙ୍ଗିମାଟି କିସାନ ସମାଜ ଗ୍ରାମସଭା ସଭାପତି ଗଣ୍ଡା କୁଜୁରଙ୍କ ସଭାପତିତ୍ୱ ଏବଂ ଚନ୍ଦ୍ରମଣି କିସାନଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ସୁନ୍ଦରଗଡ଼ ଜିଲ୍ଲା କୁଣହାଁ ସମାଜ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିସାନ ଜାତିର ଏକତା ଓ ଅଖଣ୍ଡତା ବିଷୟରେ ବୁଝାଇଥିଲେ। ପ୍ରକୃତି ତଥା ଧର୍ମେ ବେଲା ଦେବତାଙ୍କ ସୃଷ୍ଟିରେ କୁଣହାଁ ସମ୍ପ୍ରଦାୟର ସୃଷ୍ଟି ହୋଇଥିବା ବେଳେ ସରକାର କିସାନ ଜାତି ଦର୍ଶାଇ ଅନୁସୂଚିତ ଜନଜାତି ତାଲିକାରେ ତାଲିକାଭୁକ୍ତ କର ଜମି ପଟ୍ଟାରେ ଥିବା ଜାତି ଅନୁସାରେ ଜାତିଗତ ପ୍ରମାଣପତ୍ର ଦେଉ ଥିବାରୁ ନିଜକୁ କେବଳ କିସାନ ବା କୁଣହାଁ ବୋଲି ପରିଚୟ ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଉପଦେଷ୍ଟା ସପ୍ନା ମିଞ୍ଜ, ଉପସଭାପତି ନରସିଂହ ମିଞ୍ଜ, ସମ୍ପାଦକ କ୍ରିଷ୍ଟା ଲାକ୍ରା, ବୁଧୁ କିସାନ, ବିତିନା ମାଝୀ, ବିରେନ୍ଦ୍ର ଲାକ୍ରା, ଦୀନବନ୍ଧୁ କିସାନ, ବିନୀତା ଲାକ୍ରା, ସୁଶୀଲ ଲାକ୍ରା ପ୍ରମୁଖ ଉଦ୍‌ବୋଧନ ଦେଇ କିସାନ ଜାତିର ଭାଷା, ସଂସ୍କୃତି ଓ ଐକତା ରକ୍ଷା କରିବା ଦିଗରେ ସମସ୍ତେ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ସୂର୍ଯ୍ୟ ଦେବତାଙ୍କ ପ୍ରତୀକ ଜୟ ଧର୍ମେ ବେଲାଙ୍କୁ ଆବାହନ କରା ଯାଇଥିଲା। ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ମାଝୀ ନବ ନିର୍ମିତ କୁଣହାଁ ସମାଜର ନୂତନ ଗୋଷ୍ଠୀ କେନ୍ଦ୍ରକୁ ଫିତା କାଟି ଶୁଭ ଉଦ୍‌ଘାଟନ କରିଥିଲେ। ପରେ ନୂତନ ଗ୍ରାମସଭା କମିଟି ଗଠନ କରା ଯାଇଥିଲା। ଏଥିରେ ଦେହୁରୀ କୁଜୁର ସଭାପତି, ମାର୍ଟିନ କୁଜୁର ସମ୍ପାଦକ, ସୁନୀଲ ଲାକ୍ରା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଗେନ୍ଦ୍ରା କୁଜୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରେନ୍‌ରୁ ଖସି ପ୍ରାଣ ହରାଇଥିବା ଯୁବକଙ୍କ ପରିଚୟ ମିଳିଲା

**ସୁନ୍ଦରଗଡ଼, ୧୬(ସମିସ):** ହେମଗିର କନିକା ରେଳ ଷ୍ଟେସନଠାରେ ଶନିବାର ସନ୍ଧ୍ୟାରେ ଚଳନ୍ତା ଟ୍ରେନ୍ (ନଂ.୦୭୨୫୬) ପାଟଣା ଏକ୍ସପ୍ରେସ୍‌ରୁ ଖସିପଡ଼ି ପ୍ରାଣ ହରାଇଥିବା ଯୁବକଙ୍କ ପରିଚୟ ମିଳିଛି। ମୃତ ଯୁବକ ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଗିରଧି ଜିଲ୍ଲା ବିରନି ଥାନା ଅନ୍ତର୍ଗତ ବିଲିୟା ଗ୍ରାମର ସ୍ୱର୍ଗତ ହଲିମ ଅନସାରୀଙ୍କ ପୁଅ ଗେସୁଦିନ ଅନସାରୀ (୨୧)। ସେ ଉକ୍ତ ଟ୍ରେନରେ ଯାଉଥିବା ବେଳେ ଗତକାଲି ସନ୍ଧ୍ୟା ୭.୪୦ରେ କନିକା ଠାରେ ଖସି ପଡ଼ିଥିଲେ। ରାଜଗାଙ୍ଗପୁର ରେଳବାଇ ପୁଲିସ ଆଜି ମୃତ ଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସିଆର୍‌ପି ହତ୍ୟା ମାମଲାର ପର୍ଦ୍ଦାଫାସ

## ୪ ବର୍ଷ ତଳୁ ଅନ୍ୟତ୍ର ରହୁଥିବା ସ୍ୱାମୀ ଗିରଫ





ମୃତାଙ୍କ ଫାଇଲ୍ ଫଟୋ

**ସୁନ୍ଦରଗଡ଼, ୧୬(ସମିସ):** ସୁନ୍ଦରଗଡ଼ ସଦର ଥାନା ନବରଙ୍ଗପୁର ଗ୍ରାମରେ ଘଟିଥିବା ସିଆର୍‌ପି ସୁଜାତା କିସାନ (୩୧) ହତ୍ୟା ମାମଲାର ପର୍ଦ୍ଦାଫାସ ହୋଇଛି। ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୁଲିସ ଛାନ ଭିନ ଚଳାଇ ଘଟଣାର ୪ ଦିନ ମଧ୍ୟରେ ରହସ୍ୟ ଉନ୍ମୋଚନ କରିଛି। ୪ ବର୍ଷ ତଳୁ ଅନ୍ୟତ୍ର ରହୁଥିବା ସୁଜାତାଙ୍କ ସ୍ୱାମୀ ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ନଗାଡିହି ଗ୍ରାମର ପରକ୍ଷିତ ମାଝୀ ଦୋଷ ସ୍ୱୀକାର କରିବା ପରେ ପୁଲିସ ତାଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଗତ ୨୦୧୧ ମସିହାରେ ପରକ୍ଷୀତ ମାଝୀ ନଗାଡିହି ଗ୍ରାମର ସୁଜାତାଙ୍କୁ ବିବାହ କରିଥିଲେ। ସମ୍ପ୍ରତି ତାଙ୍କ ଏକ ୧୩ ବର୍ଷ ବୟସର ଝିଅ ରହିଛି। ପରକ୍ଷୀତ ଗାଡି ଚାଳକ ଭାବେ କାମ କରୁଥିବା ବେଳେ ସେମାନେ ନବରଙ୍ଗପୁରରେ ଘର ତିଆରି କରି ରହି ଆସୁଥିଲେ। ତେବେ ୪ ବର୍ଷ ହେବ ସ୍ୱାମୀ ସ୍ତ୍ରୀ ମଧ୍ୟରେ ମନୋମାଳିନ୍ୟ ଘଟି ପରକ୍ଷିତ ଅନ୍ୟତ୍ର ରହୁଥିଲେ। ଏବେ ସେ ଅନ୍ୟତ୍ର ନୂତନ ଘର ନିର୍ମାଣ କରିବାକୁ ଯୋଜନା କରିଥିଲେ। ପୁଲିସ ତଦନ୍ତ ଅନୁଯାୟୀ, ଘଟଣା ଦିନ ପରକ୍ଷିତ ତାଙ୍କ ଘରକୁ ରଫା ଓ କୋଦାଳ ମାଗିବାକୁ ଆସିଥିଲେ। ତେବେ ସୁଜାତା ତାଙ୍କୁ ଦେବାକୁ ମନା କରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ତାଙ୍କ ହତ୍ୟା କରିବା ପରେ ଫେରାର ହୋଇ ଯାଇଥିଲେ।

## ଦେସରରୁ ବର୍ଷାଜଳ ନିଷ୍କାସନ ନେଇ ଆଶଙ୍କା

**ତରଭା, ୧୬(ସମିସ):** ତରଭା ସହରରୁ ବର୍ଷାଜଳ ନିଷ୍କାସିତ ହେବାପାଇଁ ଦୁଇଟି ପ୍ରାକୃତିକ ଉତ୍ସ ରହିଛି। ଗୋଟେ ହେଲା ନିବୃତ୍ତି ଜୋର ଓ ଅନ୍ୟଟି ଦେସର। ସହରର ୱାର୍ଡ ନମ୍ବର ୧, ୨, ୩, ୪, ୫ ଓ ୧୦ରୁ ବାହାରୁଥିବା ବର୍ଷାଜଳ ଭୂତଳ ନାଳରେ ନିବୃତ୍ତି ଦେଇ ନିଷ୍କାସିତ ହୋଇଥାଏ। ସେହିପରି ୱାର୍ଡ ନମ୍ବର ୬, ୭, ୮ ଓ ୯ରୁ ବାହାରୁଥିବା ବର୍ଷାଜଳ ଦେସର ଦେଇ ଗର୍ଜା ନିକଟରେ ନିବୃତ୍ତିରେ ମିଶୁଛି। ଦେସରରୁ ବର୍ଷାଜଳ ନିବୃତ୍ତିକୁ ଯିବାପାଇଁ ଅନେକ ସ୍ଥାନରେ କଂକ୍ରିଟ ହ୍ୟୁମ ପାଇପ ବିଛା ଯାଇଛି। ତେଲ ଜଳସେଚନ ବିଭାଗ ତରଫରୁ ବନ୍ୟା ପ୍ରତିରୋଧକ ବନ୍ଧ (ମାଟି ବନ୍ଧ) ନିର୍ମାଣ ସମୟରେ କେତୋଟି ହ୍ୟୁମ ପାଇପ ମାଟିରେ ପୋତି ହୋଇଯାଇଥିବା ଲୋକଙ୍କ ଦୃଷ୍ଟିକୁ ଆସିଥିଲା। ଏନେଇ ଲୋକଙ୍କ ତରଫରୁ ତେଲ ଜଳସେଚନ ବିଭାଗ ଓ ତରଭା ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ବର୍ଷାଜଳ ନିଷ୍କାସିତ ହୋଇ ନପାରିଲେ ତରଭା କୁମ୍ଭାରପଡ଼ା ବାସିନ୍ଦା ଖୁବ ଅସୁବିଧା ଭୋଗ କରିବେ ବୋଲି ଉଲ୍ଲିଖିତ ଥିଲା। ରବିବାର ତେଲ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ପ୍ରଧାନ ଆସି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଗର୍ଜା ନିକଟରେ ଗୋଟିଏ ହ୍ୟୁମ ପାଇପ ମାଟିରେ ପୋତି ହୋଇଥିବା ଦେଖା ଯାଇଥିଲା। ଶ୍ରୀ ପ୍ରଧାନ ହ୍ୟୁମ ପାଇପ ସମ୍ମୁଖରୁ ମାଟି ଉଠାଇବାକୁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ଦେସରରୁ ବର୍ଷାଜଳ ନିଷ୍କାସନରେ କୌଣସି ସମସ୍ୟା ଦେଖାଦେଲେ ସଙ୍ଗେ ସଙ୍ଗେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ କହିଛନ୍ତି।

### କୃତ୍ରିମ ଘାସ ପଡ଼ିଆ ପରିଦର୍ଶନବେଳେ ବିଦ୍ୟୁତ୍ ବିଭ୍ରାଟ

# ନିରାଶରେ ଫେରିଲେ ୪୦ ଜଣିଆ ଟିମ୍



**ବାଲିଶଙ୍କରା, ୧୬(ସମିସ):** ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୦ ଜଣିଆ ଓ ପ୍ରୋଜେକ୍ଟ ମେଣ୍ଟ ଭାବେ ୧୦ ଜଣିଆ ଏହିଭଳି ୪୦ ଜଣିଆ ଟିମ୍ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକର ସରଫଗଡ଼ ଡ୍ୟାମ, ବାଲିଶଙ୍କରା ବ୍ଲକର ପରିଦର୍ଶନ ସ୍ଥଳୀ କନାକୁଣ୍ଡ ଓ ସଉନାମରା ପଞ୍ଚାୟତର କୃତ୍ରିମ ଘାସ ପଡ଼ିଆକୁ ପରିଦର୍ଶନ କରିଥିଲେ। କିନ୍ତୁ ଅତି ପରିତାପର ବିଷୟକି କୃତ୍ରିମ ଘାସ ପଡ଼ିଆରେ ବିଜୁଳି ନଥିବାରୁ ସେମାନେ ଫଟୋ ଉଠାଇ ପାରିନଥିଲେ। ସଉନାମରାରେ ବିଜୁଳି ରହୁନଥିବା ଯୋଗୁଁ ହକି ପ୍ରଶିକ୍ଷଣ ଠିକ ଭାବେ ହୋଇପାରୁନଥିବା ବେଳେ ପଦ୍ମଶ୍ରୀ ଦିଲୀପ ତିର୍କୀ, ଅନ୍ତର୍ଜାତୀୟ ହକି ଖେଳାଳି ଅମିତ ରୋହିଦାସଙ୍କ ଗ୍ରାମରେ ବିଜୁଳି ନିୟମିତ ରହୁନାହିଁ। ଯାହାକି ସଉନାମରା ସରପଞ୍ଚ ଚୁଲୁ ବାର୍ଲା, ରବିଚନ୍ଦ୍ର ପଟେଲ, ଦୁବରାଜ ବାରସତିଆ, ପରି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏହି ୪୦ ଜଣିଆ ପ୍ରତିନିଧି ଟିମ ସଉନାମରା ଗ୍ରାମରେ ବିଜୁଳି ନଥିବା ଜାଣି ଦୁଃଖର ସହ ଫେରିଯାଇଥିବାବେଳେ ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନ ଯୋଗୁଁ ଏଭଳି ସମସ୍ୟା ହେଉଥିବା ଅଭିଯୋଗ କରିଛନ୍ତି।

# ପିସିସି ଆଦିବାସୀ ବିଭାଗ ଡ୍ରାଫ୍ଟିଂ କମିଟିର ସୁନ୍ଦରଗଡ଼ ଗସ୍ତ



**ସୁନ୍ଦରଗଡ଼, ୧୬(ସମିସ):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ ଆଦିବାସୀ ବିଭାଗ ଡ୍ରାଫ୍ଟିଂ କମିଟିର କର୍ମକର୍ତ୍ତା ଆଜି ସୁନ୍ଦରଗଡ଼ ଗସ୍ତ କରିଛନ୍ତି। ୧୨ ଜଣିଆ ଡ୍ରାଫ୍ଟିଂ କମିଟି ଓଡ଼ିଶା ବିଧାନସଭା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡମଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଆଦିବାସୀ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହିତ ସ୍ଥାନୀୟ ସର୍କିଟ ହାଉସଠାରେ ଆଦିବାସୀ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ଜଳ, ଜଙ୍ଗଲ, ଜମି, ପେସା ଆଇନ, ରାସ୍ତା, ସଡ଼କ, ବିଜୁଳି ତଥା ସେମାନଙ୍କର ସାମଜିକ, ଅର୍ଥନୈତିକ, ରାଜନୈତିକ ଅଭିବୃଦ୍ଧି ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବୈଠକରେ ଉପସ୍ଥିତ ଆଦିବାସୀ ନେତୃ ବୃନ୍ଦ ପେସା ଆଇନ, ଏଫଆରଏ ଓ ସରକାରୀ ସ୍ତରରେ ଆଦିବାସୀ ମାନଙ୍କର ଜମି କିଣା ବିକା ପାଇଁ ପଦକ୍ଷେପ ନେବା, ବିସ୍ଥାପିତ ମାନଙ୍କ ସମସ୍ୟା ଗୁଡିକୁ ପ୍ରାଥମିକତା ସହ ବିଚାର କରିବା, ଜମି ଅଧିଗ୍ରହଣ ସମୟରେ ଗ୍ରାମସଭାର ବିନା ଅନୁମୋଦନରେ କୌଣସି ନିଷ୍ପତ୍ତି ନେବା ତଥା ହାଇଟେକ ସର୍ଭେ ଓ ଜମିଜମା ସଂକ୍ରାନ୍ତ ବିଭିନ୍ନ ସମସ୍ୟାକୁ ପ୍ରାଥମିକତା ସହ ସମାଧାନ କରିବା ତଥା ଆଦିବାସୀ ଶିକ୍ଷିତ ଯୁବାବର୍ଗଙ୍କୁ ଜିଲ୍ଲା ଭିତିକ ନିଯୁକ୍ତି କାର୍ଯ୍ୟକ୍ରମ ଆରମ୍ଭ କରିବା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଡ୍ରାଫ୍ଟିଂ କମିଟିର ସଦସ୍ୟ ରାଜଗାଙ୍ଗପୁର ବିଧାୟକ ଡା. ସିଏସ୍ ରାଜନ ଏକ୍କା, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଏଆଇସିସି ସଭ୍ୟା ଅମିତା ବିଶ୍ୱାଳ, ଲକ୍ଷ୍ମୀଧର ସିଂ, ମଟରାଜ ଡୁଙ୍ଗ ଡୁଙ୍ଗ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ନେପାଳ ସାହୁ, ବିଶ୍ୱଜିତ ପଟ୍ଟନାୟକ, କାଳିପଦ ସାମଲ, ଶୁଭେନ୍ଦୁ ନାଏକ, ସୁଧାଂଶୁ ପଶାୟତ, ସିପରିଆନ କିରୋ, ଆଣ୍ଟେହନି କୁଲ୍ଲୁ, ଅଲବେର୍ଟ କିଣ୍ଡୋ, ପ୍ରଦୀପ ମିଞ୍ଜ, କଳ୍ପନା ଆପଟ, ଭୁଲକି ସେଠ, ଅରୁଣ ସାମଲ, ଇମତୀୟାଜ ଖାନ, ଦେବେନ୍ଦ୍ର ଭିତିରିଆ, ଅତିଥ ପଧାନ, ଦିଲୀପ କୁମରା, ସଞ୍ଜୟ ମିଞ୍ଜ, ସଞ୍ଜୟ ନାଏକ, ବିନୟ ଭୂଷଣ ବାର୍ଲା, ହେରମନ ମିଞ୍ଜ ପ୍ରମୁଖ ଦଳର ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ପିକ୍‌ଅପ୍-ସ୍କୁଟି ମୁହାଁମୁହିଁ, ୨ ଯୁବକ ମୃତ

**ସୁନ୍ଦରଗଡ଼, ୧୬(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା କିରେଇ ମୁଡିମିଲ ନିକଟରେ ଶନିବାର ରାତିରେ ପିଅପ୍ (ଓଡି୧୬ଜେ-୨୩୩୯) ଓ ସ୍କୁଟି (ଓଡି୧୬ଏଲ୍ - ୬୯୧୦) ମଧ୍ୟରେ ମୁହାମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟିରେ ଯାଉଥିବା ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଦ୍ୱୟ ହେଲେ ସୁନ୍ଦରଗଡ଼ ଟାଉନ ଥାନା ରିଜେଣ୍ଟ ମାର୍କେଟ ମସଜିଦ ପଡ଼ାର ଏମ୍‌ଡି ନସିମ (୧୮) ଓ ସେଜି ଆଲାମ (୧୮)। ଯୁବକ ମାନେ ସ୍କୁଟିରେ ସୁନ୍ଦରଗଡ଼ ପଟେ ଆସୁଥିବାବେଳେ ପିକ୍‌ଅପ୍‌ଟି ରଙ୍ଗ୍ ସାଇଡ୍‌ରେ ଯାଇ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଏହି ୨ ଯୁବକଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ରବିବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡି ଗୁଡିକୁ ଜବତ କରିଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ସୁନ୍ଦରଗଡ଼, ୧୬(ସମିସ): ସୁନ୍ଦରଗଡ଼ ସଦର ଥାନା ତିନକୁଡ଼ା ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଦୁଃଶାସନ ମୁଣ୍ଡା (୪୩)। ଦୁଃଶାସନ ତାଙ୍କ ମା' ସୁମିତ୍ରା ମୁଣ୍ଡାଙ୍କ ସହିତ ତିନକୁଡ଼ା ଗ୍ରାମର ମହେନ୍ଦ୍ର ରୋହିଦାସଙ୍କ ଘରେ ରହି ଆସୁଥିଲେ। ତେବେ ତାଙ୍କ ମୃତଦେହ ତିନକୁଡ଼ା ଗ୍ରାମର ଏକ ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ମୃତଦେହ ନିକଟରେ ଏକ ସ୍କୁଟି ମଧ୍ୟ ପଡ଼ିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ମୃତ୍ୟୁର ସଠିକ କାରଣ ଜଣାପଡ଼ିନାହିଁ। ଏ ନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

### ଅନ୍ତିମ ସଂସ୍କାର କଲେ ଶ୍ମଶାନ ବନ୍ଧୁ

ମୃତ ଦୁଃଶାସାନଙ୍କ ଶବ ବ୍ୟବଚ୍ଛେଦ ପରେ ସେ ରୋହିଦାସ ଘରେ ରହୁଥିଲେ ବୋଲି ତାଙ୍କ ପରିବାର ଲୋକେ ଶବ ନେବାକୁ ମନା କରି ଦେଇଥିଲେ। ପରିଶେଷରେ ମହେନ୍ଦ୍ର ଓ ସଦର ଥାନା ଆଇଆଇସି ସସ୍ମିତା ଦେଦତା ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଅନ୍ତିମ ସଂସ୍କାରରେ ସହଯୋଗ ସକାଶେ ଅନୁରୋଧ କରିଥିଲେ। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା ଓ ଦେବେନ୍ଦ୍ର ସାହୁ ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରକୁ ଶବ ନେବା ସହିତ ନିତିନିୟମ ସହିତ ଶେଷକୃତ ସମ୍ପନ୍ନ କରିଥିଲେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟଙ୍କ ସହଯୋଗ ପାଇଁ ଆଇଆସି ଶ୍ରୀମତୀ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟାଙ୍ଗଙ୍କ ପାଇଁ ବୁଥ୍‌ରେ ସବୁ ସୁବିଧା ପାଇଁ ପରାମର୍ଶ

**ବୌଦ୍ଧ, ୧୬(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ମତଦାନ କେନ୍ଦ୍ରରେ ବ୍ୟାପକ ସୁବିଧା ସୁଯୋଗ ସୃଷ୍ଟି ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫସର ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫସର ତଥା ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେଙ୍କ ସହ ତହସିଲଦାର ଓ ବିଡ଼ିଓମାନେ ଉପସ୍ଥିତ ଥିଲେ। ଜଣେ ମଧ୍ୟ ଦିବ୍ୟାଙ୍ଗ ଯେଭଳି ଭୋଟର ତାଲିକାରୁ ବାଦ ପଡ଼ିବେ ନାହିଁ ସେଥିପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଫର୍ମ-୬ରେ ସକ୍ଷମ ଆପ୍‌ରେ ସମସ୍ତ ଦିବ୍ୟାଙ୍ଗ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ବିଡ଼ିଓ ଏବଂ ତହସିଲଦାରମାନେ ସଚେତନ କରାଇବା ପାଇଁ ଜିଲ୍ଲାପାଳ କହିଥିଲେ। ସେହିପରି ଦିବ୍ୟାଙ୍ଗ ବ୍ୟକ୍ତି ଓ ମହିଳା ଭୋଟରଙ୍କ ପାଇଁ ଶୌଚାଳୟ, ରାମ୍ପ୍ ଆଦି ପ୍ରତ୍ୟେକ ବୁଥ୍‌ରେ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ।



# ସୁନ୍ଦରଗଡ଼ରେ ଶୀତଳ ଷଷ୍ଠୀ ସମ୍ପନ୍ନ

**ସୁନ୍ଦରଗଡ଼, ୧୬(ସମିସ)**

ସୁନ୍ଦରଗଡ଼ ସହରରେ ଭାବପୂର୍ଣ୍ଣ ପରିବେଶରେ ଶୀତଳ ଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ସୁନାରିପଡ଼ା ଦେବାଧିଦେବ ବାବା ଚନ୍ଦ୍ରଶେଖରଙ୍କ ପୀଠରେ ଦେବଦମ୍ପତି ବିବାହ ଉତ୍ସବ ପାରମ୍ପରିକ ରୀତିନୀତି ମଧ୍ୟରେ ଆୟୋଜିତ ହୋଇଥିଲା। ହର-ପାର୍ବତୀଙ୍କ ଏହି ବିବାହ ଉତ୍ସବରେ ମାତା ପାର୍ବତୀଙ୍କ ପିତା ମାତା ଭାବେ ପୁରୁଣା ସିନେମାହାଲ ପଛ ନୂଆ ଅମଲିପାଲିର ଦମ୍ପତି ଗୌରୀ ପାତ୍ର ଓ ଗୋବିନ୍ଦ କୁମାର ପାତ୍ରଙ୍କୁ କନ୍ୟାଦାନର ସୌଭାଗ୍ୟ ମିଳିଥିଲା। ସୁନାରିପଡ଼ାର ସୁଧିର ଦେବ ଓ ଧର୍ମପତ୍ନୀ ଗୀତା ଝାଲି ଦେବ ଚନ୍ଦ୍ରଶେଖର ବାବାଙ୍କ ପିତା ମାତା ଭାବେ କନ୍ୟା ଗ୍ରହଣ କରିଥିଲେ। ଦେବ ଦମ୍ପତିଙ୍କ ଏହି ବିବାହୋତ୍ସବରେ ୩୦ ତାରିଖରେ ପତରପେଡ଼ି, ମହାପ୍ରସାଦ ନିର୍ବନ୍ଧ ହୋଇଥିବା ବେଳେ ୩୧ ତାରିଖରେ ହରିଦ୍ରାଲେପନ ଓ ମାଙ୍ଗଳିକ କର୍ମ ପରେ ରାତିରେ ବାଜା ରୋଷଣୀ ମଧ୍ୟରେ ବାବା ଚନ୍ଦ୍ରଶେଖର ଆଟପାଟରେ ବାରତ ଗମନ କରିଥିଲେ। ରାତି ୨ଟାରେ ବିବାହ ପାଣିଗ୍ରହଣ ଓ ଜ୍ୟେଷ୍ଠ ଶୁକ୍ଳ ପକ୍ଷ ଷଷ୍ଠୀ ରବିବାର ପ୍ରାତଃ ସାଢ଼େ ୫ଟାରେ ଦେବଦମ୍ପତି ସୁନାରିପଡ଼ାସ୍ଥ ଦେବାଳୟକୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ପ୍ରତ୍ୟାବର୍ତନ କରିଥିଲେ। ଦେବ ଦମ୍ପତିଙ୍କ ଏହି ବିବାହ ଉତ୍ସବକୁ ନେଇ ସୁନାରିପଡ଼ାରୁ ନୂଆ ଅମଲିପାଲି ଉତ୍ସବମୁଖର ହୋଇ ଉଠିଥିଲା। ସେହିପରି ଶଙ୍କରାରେ ମଧ୍ୟ ଶୀତଳ ଷଷ୍ଠୀ ଆୟୋଜିତ ହୋଇଥିଲା। ଏଠାରେ ମୈଥିଳି ସେଠ ଓ ବିଜୟାନନ୍ଦ ସେଠ କନ୍ୟାପିତା ଭାବେ ମାତା ଭାବେ ମାତା ପାର୍ବତୀଙ୍କ ହାତ ଧରାଇବାର ସୌଭାଗ୍ୟ ଲାଭ କରିଥିଲେ। ଅମୂଲ୍ୟ ଚୌଧୁରୀ ଓ ତାଙ୍କ ସହଧର୍ମିଣୀ ଆରତି ଚୌଧୁରୀ ବରପିତା ଦାୟିତ୍ୱ ତୁଲାଇ ଥିଲେ। ଏଠାରେ ଶନିବାର ପ୍ରାତଃ ସମୟରେ ମାତା ପାର୍ବତୀଙ୍କ ଆନୟନ, ନଡିଆ ଫୁଟା ଓ ହରିଦ୍ରା ଲେପନ, ଗ୍ରାମ ଦେବତୀ ପୂଜନ ହୋଇଥିବା ବେଳେ ଦେବ ଦେବ ମହାଦେବ ଶିବ ବାବା ସନ୍ଧ୍ୟାରେ ବାରତ ଗମନ କରିଥିଲେ। ପ୍ରାତଃ କାଳରେ ବିବାହ ପାଣିଗ୍ରହଣ ପରେ ଶିବ ପାର୍ବତୀ ପ୍ରତ୍ୟାବର୍ତ୍ତନ କରିଥିଲେ।



# ଦେବ ଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ

**ବିନିକା, ୧।୬(ସମିସ):** ଶନିବାର ବିଳମ୍ବିତ ରାତିରେ ଦେବ ଦେବ ମହାଦେବ ତଥା ବିଶେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଗାନ୍ଧର୍ବରୀତିରେ ଶେଷ ହୋଇଛି। ବିନିକା ଜୁହ୍ନାପଡ଼ା ସ୍ଥିତ ଗୋପାଳଜି ମନ୍ଦିରରେ ମାତା ପାର୍ବତୀଙ୍କ ସହ ଭୋଳାବାବା ବିଶେଶ୍ୱରଙ୍କ ବିବାହ ସମ୍ପନ୍ନ ହେବାପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ବରବଧୂ ବେଶରେ ଯୁଗଳ ମୂର୍ତ୍ତିଙ୍କୁ ଦର୍ଶନ କଲେ ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ ରବିବାର ଦେବ ଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ସାମିଲ ହୋଇ ଶିବ ପାର୍ବତୀଙ୍କ ଦର୍ଶନ କରିଛନ୍ତି। ୧୫୨ ବର୍ଷରେ ପଦାର୍ପଣ କରିଥିବା ବିନିକା ଶୀତଳଷଷ୍ଠୀ ଯାତ୍ରା ଅର୍ଥାତ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଏଥିରେ ପୂଜକ ଉମାବଲ୍ଲଭ ଷଡ଼ଙ୍ଗୀ ବିବାହ କାର୍ଯ୍ୟ ତୁଲାଇଥିଲେ। କନ୍ୟାପକ୍ଷରୁ ଯଥାରୀତି ଯାନି ଯୌତୁକ ଦିଆ ଯାଇଥିଲା। ପରେ ବରପକ୍ଷଙ୍କ ସହ ବରଯାତ୍ରୀରେ ଆସିଥିବା ଭକ୍ତଙ୍କୁ ପ୍ରସାଦ ଦିଆଯାଇଥିଲା। ସନ୍ଧ୍ୟା ପ୍ରାୟ ୮ଘଣ୍ଟା ସମୟରେ ଦେବ ଦମ୍ପତିଙ୍କ ମନ୍ଦିର ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଭୁଙ୍କ ସହ ବିନିକାର ବିଭିନ୍ନ ଦେବଦେବୀ ମଧ୍ୟ ସାମିଲ ହୋଇଥିଲେ। ବରବଧୂ ବେଶରେ ଯୁଗଳ ମୂର୍ତ୍ତିଙ୍କୁ ସୁସଜ୍ଜିତ ରଥରେ ବିରାଜମାନ କରାଇ ସାରା ନଗରବାସୀଙ୍କ ସହ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଜୟ ଜୟ ଧ୍ୱନି ଓ ହୁଳହୁଳି ମଧ୍ୟରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ବାଡ଼ିଖେଲ, ଦୂଲଦୁଲି, ଦଣ୍ଡନୃତ୍ୟ, ସଙ୍କୀର୍ତ୍ତନ, ଡିଜେର ତାଳେ ତାଳେ ନୃତ୍ୟ ପରିବେଷଣ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଘଣ୍ଟ, ଶଙ୍ଖ ଓ ହୁଳହୁଳି ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ପରେ ଦେବ ଦମ୍ପତି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୀତଳଷଷ୍ଠୀ ଯାତ୍ରାରେ ପ୍ରଭୁ ଶିବଙ୍କ ପିତାମାତା ଭାବେ କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟ ଓ ତାଙ୍କ ଧର୍ମପତ୍ନୀ ମୌସୁମୀ ରାଣୀ ମିଶ୍ର ଏବଂ ମାଁ ପାର୍ବତୀଙ୍କ ପିତାମାତା ଭାବେ ଶ୍ୟାମ ସୁନ୍ଦର ମେହେର ଓ ତାଙ୍କ ଧର୍ମପତ୍ନୀ ସୀମା ମେହେର ଦାୟିତ୍ୱ ନିର୍ବାହ କରିଥିଲେ। ଶୀତଳଷଷ୍ଠୀ ଯାତ୍ରା ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଓ ଅଞ୍ଚଳବାସୀ ସାମିଲ ହୋଇ ସହଯୋଗ କରିଥିଲେ।



## କଣ୍ଟାବାଞ୍ଜି ଡାକ୍ତରଖାନରେ ଅବ୍ୟବସ୍ଥା

# ହୃଦ୍‌ରୋଗ ଚିକିତ୍ସା ସୁବିଧା ନାହିଁ

**କଣ୍ଟାବାଞ୍ଜି, ୧।୬(ସମିସ)**

ବର୍ତ୍ତମାନ ଓଡ଼ିଶାରେ ଚାଲିଛି ଡବଲ ଇଞ୍ଜିନର ସରକାର ଯେଉଁ ସରକାର। କିନ୍ତୁ ଲୋକଙ୍କ ଦୁଃଖ ଦୂର ହେଉନାହିଁ କି ଲୋକଙ୍କୁ ଠିକ୍ ଭାବେ ଚିକିତ୍ସା ମିଳୁନି। ଚିକିତ୍ସା ପାଇଁ ଆସୁଥିବା ଲୋକେ ଶେଷରେ ଜୀବନ ହାରୁଛନ୍ତି। ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ଡାକ୍ତରଖାନ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଲୋକଙ୍କ ପ୍ରାଣ କେନ୍ଦ୍ର ବୋଲି କୁହା ଯାଇଥାଏ। କିନ୍ତୁ କଣ୍ଟାବାଞ୍ଜି ଡାକ୍ତରଖାନରେ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ନାହାଁନ୍ତି। ଯାହାଫଳରେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ କଣ୍ଟାବାଞ୍ଜି ଡାକ୍ତରଖାନକୁ ଆସୁଥିବା ରୋଗୀମାନେ ଉପଯୁକ୍ତ ଚିକିତ୍ସା ନପାଇ ପ୍ରାଣ ହରାଉଛନ୍ତି।ରବିବାର ତୁରେକେଲ ବ୍ଲକ ଅନ୍ତର୍ଗତ ରାମୋଡ ଗାଁ ର ନିତ୍ୟାନନ୍ଦ ବେହେରା ଘରେ ଥିବା ସମୟରେ ହଠାତ ହାର୍ଟଆଟାକର ଶିକାର ହେବାରୁ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକ ତାଙ୍କୁ ତୁରନ୍ତ କଣ୍ଟାବାଞ୍ଜି ଡାକ୍ତରଖାନ ନେଇ ଆସିଥିଲେ। କଣ୍ଟାବାଞ୍ଜିରେ ହୃଦ୍‌ରୋଗ ଚିକିତ୍ସା ସେବା ନଥିବାରୁ ତାଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତ କରାଯାଇଥିଲା। କଣ୍ଟାବାଞ୍ଜିରୁ ବଲାଙ୍ଗିର ୮୦ କିଲୋମିଟର ଦୂର ରହୁଥିବା ବେଳେ ଜଣେ ହୃଦ୍‌ରୋଗୀଙ୍କୁ ନେଇ ଯିବା ସମ୍ଭବ ନୁହେଁ। ଯାହାଫଳରେ ନିତ୍ୟାନନ୍ଦ ଚିକିତ୍ସା ନ ପାଇ କଣ୍ଟାବାଞ୍ଜି ଡାକ୍ତରଖାନରେ ହିଁ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଜିଲ୍ଲା ସଦର ମହକୁମାର ଠାରୁ ଏତେ ଦୂରରେ ଅବସ୍ଥିତ ଥିବା ବେଳେ ଏଠାରେ ହୃଦ୍‌ରୋଗ ଚିକିତ୍ସା ସେବା ନଥିବାରୁ କଣ୍ଟାବାଞ୍ଜି ଡାକ୍ତରଖାନକୁ ଆସୁଥିବା ହୃଦ୍‌ରୋଗୀ ଜୀବନ ହାରୁଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାର କଣ୍ଟାବାଞ୍ଜି ପରି ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନରେ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ନ ରହିବା ପରିତାପର ବିଷୟ। ରାଜ୍ୟ ସରକାର ତୁରନ୍ତ କଣ୍ଟାବାଞ୍ଜି ଡାକ୍ତରଖାନରେ ଜଣେ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତ କରିବା ସହ ହୃଦ୍‌ରୋଗ ଚିକିତ୍ସା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




**ଅକାଳରେ ଚାଲିଗଲା ଜୀବନ**

# ଭବାନୀପାଟଣାରେ ଆଡ଼ମ୍ବରରେ ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ

**ଭବାନୀପାଟଣା, ୧।୬ (ସମିସ):** ଭବାନୀପାଟଣା ପୁରୁଣାପଡ଼ା ବାଲୁଙ୍କେଶ୍ୱର ଶିବ ମନ୍ଦିର, ବାନ୍ଦୋପଲାସ୍ଥିତ ରାମେଶ୍ୱର ମହାଦେବ ମନ୍ଦିର, ଭବାନୀ ଶଙ୍କର ମନ୍ଦିର, ଜଳେଶ୍ୱର ଶୈବ ପୀଠ ସମେତ ସହରର ପ୍ରତି ଶୈବ ପୀଠରେ ଶୀତଳଷଷ୍ଠୀ ଯାତ୍ରା ବହୁ ଆଡ଼ମ୍ବରରେ ପାଳିତ ହୋଇଛି। ବରାନୁଗମନ କାର୍ଯ୍ୟକ୍ରମକୁ ବ୍ୟାଣ୍ଡ ବାଜା, ଘଣ୍ଟ ବାଦନ ଅଧିକ ଆକର୍ଷଣୀୟ କରିଥିଲା। ତେବେ ରାଜରାଜୁଡ଼ା ସମୟରୁ ଚାଲି ଆସିଥିବା ନୀତିକାନ୍ତି ଅନୁଯାୟୀ ବିରାଟ ଶୋଭାଯାତ୍ରାରେ କଳାହାଣ୍ଡି ରାଜାଙ୍କ ପ୍ରାସାଦ ମଧ୍ୟକୁ ମା' ପାର୍ବତୀଙ୍କ ତରଫରୁ ରାଜପରିବାର ମହାଦେବଙ୍କୁ ପାଛୋଟି ନେଇଥିଲେ। ସବୁ ଶୈବପୀଠରୁ ବାହାରିଥିବା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।



# ବଙ୍ଗୋମୁଣ୍ଡାକୁ ଏନ୍‌ଏସି ମାନ୍ୟତା ଦାବି



**କଣ୍ଟାବାଞ୍ଜି, ୧।୬(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାକୁ ଏନ୍‌ଏସି କରିବା ଦାବି ନେଇ ରବିବାର ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଏକ ପ୍ରତିନିଧି ଦଳ ଦାବି ପତ୍ର ପ୍ରଦାନ କରିଛି। ଯାହାର ପ୍ରତିଶ୍ରୁତିରେ ବିଧାୟକ ଏନଏସି ହେବ ବୋଲି କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ନରସିଂହ ଥନାପତି, ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ, ଚିନ୍ତାମଣି ପ୍ରଧାନୀ, ଅନୀଲ କୁମାର ଖମାରୀ, ଅର୍ଦ୍ଧେନ୍ଦୁ ଦାସ ଯାଦବ, ଘନଶ୍ୟାମ ମନହୀରା, ସୁଶୀଲ ଜୈନ, ସୁଧାଂଶୁ ପଟେଲ, ପ୍ରମୋଦ ସା ପ୍ରମୁଖ ସାମିଲ ଥିଲେ। ତେବେ ଦୀର୍ଘ ଦିନ ହେବ ବଙ୍ଗୋମୁଣ୍ଡାକୁ ଏନ୍‌ଏସି କରିବାକୁ ଦାବି ହୋଇଆସୁଥିଲା।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**କଣ୍ଟାବାଞ୍ଜି, ୧।୬(ସମିସ):** କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାସ୍ତା ଦନ୍ଦରା ଗାଁ ନିକଟରେ ସଡକ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଏକ ବାଇକ୍ ଯୋଗେ କଣ୍ଟାବାଞ୍ଜିରୁ ବଙ୍ଗୋମୁଣ୍ଡା ଅଭିମୁଖେ ଦୁର୍ଯ୍ୟୋଧନ ପୁଟେଲ ଓ ଅଙ୍କେଶ ପୁଟେଲ ଯାଉଥିଲେ। ଦନ୍ଦରା ଗାଁ ନିକଟରେ ଥିବା ବୁଲାଣି ଠାରେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ସରକାରୀ ବସ୍‌ରେ ପିଟି ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ବାଇକ୍ ଚାଳକ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସହ ଥିବା ଅଙ୍କେଶ ଗୁରୁତର ହୋଇଛନ୍ତି। ଗୁରୁତର ଆହତକୁ ବଲାଙ୍ଗିର ମେଡିକାଲକୁ ରେଫର କରାଯାଇଛି।

# ବୌଦ୍ଧ ଜିଲ୍ଲା ପରିବେଶ କମିଟିର ପ୍ରସ୍ତୁତି ବୈଠକ

**ବୌଦ୍ଧ, ୧।୬(ସମିସ):** ବୌଦ୍ଧ ଜିଲ୍ଲା ପରିବେଶ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ୫ ତାରିଖରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ନିମନ୍ତେ ଆଲୋଚନା ହୋଇଥିଲା। ବୌଦ୍ଧ ବନଖଣ୍ଡର ବିଭିନ୍ନ ବନାଞ୍ଚଳରେ ଚାରା ରୋପଣ କରାଯିବ ପାଇଁ ସ୍ଥିର କରାଯାଇଛି। ବିଶ୍ୱ ପରିବେଶ ଦିବସରେ ଚୟନ କରାଯାଇଥିବା ପ୍ରକୃତି ବନ୍ଧୁ, ବନ ସୁରକ୍ଷା ସମିତି ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରିଯିବା ପାଇଁ ସ୍ଥିର ହୋଇଥିଲା। ସହକାରୀ ବନ ସଂରକ୍ଷକ ମିନାକ୍ଷୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ବଢ଼ିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୧।୬(ସମିସ):** ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ବ୍ଲକ ବଢ଼ିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ପିଏଲଏ)ର ସ୍ଥାପନ ଏବଂ କାର୍ଯ୍ୟ, ପିଏଲଏ ଦ୍ୱାରା ବିଚାରକୁ ନିଆଯାଇଥିବା ବିବାଦର ପ୍ରକୃତି ଏବଂ ଆଇନଗତ ସେବା ପ୍ରାଧିକରଣ ଆଇନ, ୧୯୮୭ର ଅଧ୍ୟାୟ- ୬ ଏ ଅଧୀନରେ ଯୋଜନାର ଲାଭ ଏବଂ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସରୋଜିନି ପତି ଅଧ୍ୟକ୍ଷତା କରିଥିଲେ। ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ବିଚାରପତି ନିରଞ୍ଜନ ପାତ୍ର, ବିଚାରପତି ସୁସ୍ମିତା ପ୍ରିୟଦର୍ଶିନୀ, ଅତିରିକ୍ତ ବିଡିଓ ସୁଦାମ ସାମଲ ଏବଂ ବଢ଼ିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ।

# ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ରାସ୍ତାର ପୁନରୁଦ୍ଧାର



**କଳମପୁର, ୧।୬ (ସମିସ):** ବହୁମୁଖୀ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପର ଡାହାଣ କେନାଲ ରାସ୍ତା ଶେଷରେ ପୁନରୁଦ୍ଧାର ହୋଇଛି। ବହୁ ଦିନ ଧରି ଏହା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା। ଏହା ଚାଷୀଙ୍କ ଏକମାତ୍ର ନିର୍ଭରଯୋଗ୍ୟ ରାସ୍ତା। ଏହାର ପୁନରୁଦ୍ଧାର ହେଉ ନ ଥିବାରୁ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। ଏହି ରାସ୍ତା ଏପରି ଶୋଚନୀୟ ହୋଇ ପଡ଼ିଥିଲା ଯେ ଖୋଦ ବିଭାଗୀୟ କର୍ମଚାରୀ ମଧ୍ୟ ଯାତାୟାତ କରି ପାରୁ ନ ଥିଲେ। ଚାଷୀଙ୍କ ଆପତ୍ତି ଅଭିଯୋଗକୁ ଆଧାର କରି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରାଜ କୁମାର ବେହେରା ତତ୍ପରତା ପ୍ରକାଶ କରିଥିଲେ। ସେ ଉପରିସ୍ଥ ଅଧିକାରୀଙ୍କୁ ଏନେଇ ଅବଗତ କରାଇବା ପରେ ୨୪ କୋଟି ଟଙ୍କା ବ୍ୟୟବରାଦ କରି ଟେଣ୍ଡର ଆହ୍ୱାନ କରାଯାଇଥିଲା। ସଚିନ ଅଗ୍ରୱାଲ ନାମକ ଜଣେ ଠିକାଦାର ଏହାର କାମ ନେଇଥିଲେ। ୪୧କିଲୋମିଟର ବ୍ୟାପୀ ଏହି ରାସ୍ତା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଥିଲା। କାର୍ଯ୍ୟ ସମ୍ପାଦନ ଲାଗି ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପର ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଶେଷରେ ମଙ୍ଗଳପୁର ଡ୍ୟାମଠାରୁ କଳମପୁର ବ୍ଲକ ଦେପୁର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମିତ ହୋଇଛି। ଏହାଫଳରେ ୧୧ଟି ରାଜସ୍ୱ ଗ୍ରାମର ଚାଷୀ ସମେତ ସାଧାରଣ ଲୋକ ମଧ୍ୟ ଉପକୃତ ହେବେ। ଦୀର୍ଘ ୧୬ବର୍ଷର ବ୍ୟବଧାନ ପରେ ଲୋକେ କେନାଲ ଉପରେ ଚକାଚକ ରାସ୍ତା ଦେଖିବାକୁ ପାଇଛନ୍ତି।

**୧୬ବର୍ଷ ପ୍ରତୀକ୍ଷାର ଅନ୍ତ**
**ଉପକୃତ ହେବେ ୧୧ ଗାଁର ଚାଷୀ**

# ଜୁନିୟର ରେଡ୍‌କ୍ରସ ତରଫରୁ ସେବା ଶିବିର

**ବଲାଙ୍ଗିର, ୧।୬(ସମିସ):** ପବିତ୍ର ଶୀତଳଷଷ୍ଠୀ ଉପଲକ୍ଷେ ବଲାଙ୍ଗୀର ସଦର ବ୍ଲକ ଅର୍ନ୍ତଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚିକଲବାହାଲର ଜୁନିୟର ରେଡ୍‌କ୍ରସ ପରାମର୍ଶଦାତା ପ୍ରସନ୍ନ ଗଡ଼ତ୍ୟାଙ୍କ ତତ୍ତ୍ୱାବଧାନରେ ଚିକଲବାହାଲ ଗ୍ରାମରେ ଦୁଇ ଦିନ ଯାଏ ଜୁନିୟର ରେଡ୍‌କ୍ରସ ତରଫରୁ ସାମାଜିକ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପାନୀୟ ଜଳ ବଣ୍ଟନ ସହିତ ପ୍ରାଥମିକ ଚିକିତ୍ସାର ସେବା ପ୍ରଦାନ କରାଯାଇଥିଲା। ଶିବିରକୁ ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ବିଶ୍ୱାଳ ଉଦ୍‌ଘାଟନ କରିଥିବା ବେଳେ ପ୍ରହ୍ଲାଦ ପଧାନ ଓ ବୀରବର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଜୁନିୟର ରେଡ୍‌କ୍ରସର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୁନିୟର ମାନଙ୍କୁ ଉତ୍ସାହିତ କରିଥିଲେ।କାର୍ଯ୍ୟକ୍ରମରେ ଜୁନିୟର ରେଡ଼କ୍ରସର ଜ୍ୟୋତିର୍ମୟ ଜେନା, ମଞ୍ଜିଲ ସେଠ୍, ଲିଙ୍ଗରାଜ ପଧାନ, ରାକେଶ ମଲ୍ଲିକ, ଚିନ୍ମୟୀ ପଧାନ, ପ୍ରମିତ ବିଶ୍ୱାଳ, ବିଶ୍ୱ ରଞ୍ଜନ ତ୍ରିପାଠୀ, ଦୀପ୍ତିମୟୀ ନନ୍ଦ, ଚିନ୍ମୟୀ ସାହୁ, ସ୍ନେହା ଭୋଇ, ସୁପ୍ରିୟା ସାହୁ, ସରିତା ତୁମୁନିଆ, କଷାଗିନୀ ଭୁଏ ଓ ଗୌତମ ଷାଣ୍ଢ ପ୍ରମୁଖ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ। ଶ୍ରୀ ଧବଳେଶ୍ୱର ବାବା ବୋଲବମ୍ ସେବା ସଂଘ ଜୁନିୟର ରେଡ଼କ୍ରସ ସହ ଯୋଡ଼ି ହୋଇ ସେବା ପ୍ରଦାନ କରିଥିଲେ।




# ଡୁମାଲ ସମାଜ ସଂସ୍କୃତି ଭବନ ନିର୍ମାଣ ସକାଶେ ଆଲୋଚନା

**ମନମୁଣ୍ଡା/ଶଗଡ଼ା, ୧।୬(ସମିସ):** ଭୁବନେଶ୍ୱରରେ ଡୁମାଲ ସମାଜ ସଂସ୍କୃତି ଭବନ ନିର୍ମାଣ ପାଇଁ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ସହ ଏକ କମିଟି ଆଲୋଚନା କରିଛି। ଡୁମାଲ ପରିଷଦ ଓଡ଼ିଶାର ରାଜ୍ୟ ଉପସଭାପତି ସୁଦାମ ଚରଣ ଖମାରୀ, ବୌଦ୍ଧ ଜିଲ୍ଲା ସଭାପତି ସୀତାଂଶୁ ଶେଖର ମହାକୁଳ, ସମ୍ପାଦକ କାହ୍ନୁଚରଣ ମେଷୁଆ, କୋଷାଧକ୍ଷ ମନୋଜ ମହାକୁଡ଼, ରାଜ୍ୟ ପ୍ରତିନିଧି ବିଭୁପ୍ରସାଦ ଖେତି, ତବଡ଼ା କେନ୍ଦ୍ର ସଭାପତି ନରୋତ୍ତମ ପ୍ରଧାନ, ବାମଣ୍ଡା ସମ୍ପାଦକ କୈଳାଶ ଚନ୍ଦ୍ର ବିଶି ଓ ବିକାଶ ମହାକୁଡ଼ ପ୍ରମୁଖ ବିଧାୟକ ଶ୍ରୀ ଡାଙ୍ଗଙ୍କ ଅମୃତାସ୍ଥିତ ବାସଭବନ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ।



# ଅଣଗେଜେଟେ ବନସେବା ସଂଘର ବୈଠକ

**ବଲାଙ୍ଗିର, ୧।୬ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ରେଞ୍ଜ ଅଧିନସ୍ଥ ଦେଓଗାଁ ସ୍ଥାୟୀ ନର୍ସରୀରେ ଆଞ୍ଚଳିକ ଅଣଗେଜେଟେ ବନସେବା ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ବନଖଣ୍ଡ ସଭାପତି ବାବୁଲା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅଣଗେଜେଟେ ବନସେବା ଉପସଭାପତି ଭବାନି ଶଙ୍କର ପରିଚ୍ଛା ଯୋଗ ଦେଇ ସଂଗଠନର ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ କରିଥିଲେ। ବୈଠକରେ ବନବିଭାଗର ବିଭିନ୍ନ ସମସ୍ୟାର ସମାଧାନକୁ ନେଇ ଫରେଷ୍ଟ କମିସନ ଗଠନ, କେଡର ପରିମାର୍ଜନ, ତାଲିମ ଓ ନିଯୁକ୍ତି ପକ୍ରିୟା ସହ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି, ଜଙ୍ଗଲର ଦୈଘ୍ୟ ଅନୁସାରେ ବିଟ୍‌ର ପୁର୍ନଗଠନ, ବନ୍ୟପ୍ରାଣୀଙ୍କ ପାଇଁ ସ୍ପେସାଲ ଷ୍ଟ୍ରାଇକିଂ ଫୋର୍ସ ଏବଂ ରାପିଟ୍ ରେସପୋଣ୍ଡ ଟିମ୍ ଗଠନ ପାଇଁ କର୍ମଚାରୀ ନିଯୁକ୍ତି ସମ୍ବନ୍ଧ ଆଲୋଚନା କରାଯାଇଥିଲା। ସେହିପରି ବନ କ୍ଷେତ୍ର ଅଧିକାରୀ ମାନଙ୍କୁ ପୁଲିସ ବିଭାଗ ଭଳି ଯେ କୌଣସି ଜାତୀୟ ବ୍ୟାଙ୍କ ଜରିଆରେ ସେଲେରି ଆକାଉ ଇନ୍ସ୍ୟୁରାନ୍ସ୍ ପ୍ୟାକେଜ ପ୍ରଦାନ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିବା ପାଇଁ ଆଲୋଚନା କରାଯାଇଥିଲା। ଉପରୋକ୍ତ ଦାବି ସମ୍ବନ୍ଧ ସରକାର ଆଗାମୀ ୮ ତାରିଖ ସୁଦ୍ଧା ପଦକ୍ଷେପ ପୂରଣ ନ କଲେ ସାମୂହିକ ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ବୈଠକରେ ବଲାଙ୍ଗିର ଟେରିଟୋରିଆଲ ଡିଭିଜନ, କେନ୍ଦୁଲିଫ୍ ଟିଟିଲାଗଡ଼ ଡିଭିଜନ, ଭବାନୀପାଟଣା ଡିଭିଜନର ଉତ୍ତରାଞ୍ଚଳ ଏବଂ ଦକ୍ଷିଣାଞ୍ଚଳ, ଖଡିଆଳ ଡିଭିଜନର ଟେରିଟୋରିଆଲ ଏବଂ କେନ୍ଦୁଲିଫ୍, ସୁନାବେଡା ୱାଇଲ୍ଡ୍ ଲାଇଲ ତଥା ସୋନପୁର ଡିଭିଜନର ଟେରିଟୋରିଆଲ ଏବଂ କେନ୍ଦୁଲିଫ୍‌ର ଶତାଧିକ କର୍ମକର୍ତ୍ତା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି କିର୍ତ୍ତିଚନ୍ଦ୍ର ସୁଆର, କୋଷାଧକ୍ଷ ବ୍ୟାସଦେବ ସାହୁ, ଅଶୋକ ନାୟକ, ଶ୍ୟାମ ସୁନ୍ଦର ସାହୁ, ସୁରେନ୍ଦ୍ର ମହାରାଣା, ପ୍ରଦୀପ ସାହୁ, ନାପ ହରପାଲ, ପ୍ରଦୀପ ମାଝୀ, ଆଦିତ୍ୟ ନନ୍ଦ, ପରମାନନ୍ଦ ମାଝୀ ଉପସ୍ଥିତ ଥିବାବେଳେ ଶେଷରେ ସମ୍ପାଦକ ମଧୁସୂଦନ ଗଡୁଆ ଧନ୍ୟବାଦ ଦେଇଥିଲେ। ସର୍ବସମ୍ମତି କ୍ରମେ ଷ୍ଟାଇକ କମିଟୀର ସଭ୍ୟ ଭାବେ ଆନନ୍ଦ ବିହାରୀ ୱାଇଁଙ୍କୁ ମନୋନୀତ କରାଯାଇଥିଲା।



# ଅବସରପ୍ରାପ୍ତ ଏଆରସିଏସ୍‌ଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ, ୧।୬(ସମିସ):** ବୌଦ୍ଧ ରାଜବାଟିସ୍ଥିତ ମାହେଶ୍ୱରୀ ସଂସ୍କୃତି ଭବନରେ ଜିଲ୍ଲା ଯୁବ ଡୁମାଳ ବିକାଶ ପରିଷଦ ବୌଦ୍ଧ ଆନୁକୂଲ୍ୟରେ ଅବସରପ୍ରାପ୍ତ ଏଆରସିଏସ ହାଡିବନ୍ଧୁ ମହାଖୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶମ୍ଭୁ ଗିରି, କୃତ୍ତିବାସ ପଲିଆ, ବିଶିକେଶନ ପ୍ରଧାନ, ସୁଶୀଲ ଦେହୁରୀ, ପ୍ରମୋଦ ପ୍ରଧାନ, ପଙ୍କଜ ମହାକୁଡ଼, ସୌମିତ୍ରୀ ପ୍ରସାଦ ପଲିଆ, ନିର୍ଗୁଣ ମହାକୁଡ଼, ଗଦାଧର ମହାକୁଡ଼, ଦୁର୍ଯ୍ୟୋଧନ ମହାକୁଡ଼ ପ୍ରମୁଖ ଯୋଗଦେଇ ଶ୍ରୀ ମହାଖୁଡ଼ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।



## କଣ୍ଟାବାଞ୍ଜି ପିଏଚଡ଼ି ଟାଙ୍କି ପେଭର ରୋଡ୍ କାମ

# ୫ ଦିନରେ ଦବିଗଲା ରାସ୍ତା

**କଣ୍ଟାବାଞ୍ଜି, ୧।୬(ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଏନ୍‌ଏସିରେ ଅଧିନରେ ଥିବା ଅନେକ ରାସ୍ତାକୁ ଉନ୍ନତୀକରଣ ନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ପେଭର ରୋଡ ନିର୍ମାଣ କରାଯାଉଛି। କିନ୍ତୁ ନିମ୍ନମାନର କାମ ଯୋଗୁଁ କାମ ୫ ଦିନ ନ ଯାଉଣୁ ସେହି ପେଭର ରୋଡ ଦବି ଯାଇଥିବା ଦେଖାଦେଇଛି। ସୂଚନା ଅନୁସାରରେ ଗତ କିଛି ଦିନ ତଳେ କଣ୍ଟାବାଞ୍ଜି ଡୁମେରବୁଆଁ ରୋଡ ଠାରୁ କଣ୍ଟାବାଞ୍ଜି ମାହାବୀର ରେଜିଷ୍ଟ୍ରେସନ କଲୋନୀ ପାଖରେ ଥିବା ପିଏଚଡି ବିଭାଗର ପାଣି ଟାଙ୍କି ପର୍ଯ୍ୟନ୍ତ କଣ୍ଟାବାଞ୍ଜି ଏନ୍‌ଏସି ପକ୍ଷରୁ ୧୧ ଲକ୍ଷ ୫ ହଜାର ୪୨୬ ଟଙ୍କା ଅନୁଦାନ ଖର୍ଚ୍ଚ କରି ୧୧୦ ମିଟର ଲମ୍ବା ପେଭର ରୋଡ ନିର୍ମାଣ କରାଯାଇଛି। କାମ ଦାୟିତ୍ୱ କଣ୍ଟାବାଞ୍ଜିର କୁନାଲ ଶର୍ମା ନାମକ ଜଣେ ଠିକାଦାରକୁ ଦିଆଯାଇଥିବା ବେଳେ ନିମ୍ନମାନର କାମ ଯୋଗୁଁ ବର୍ତ୍ତମାନ ସେହି ପେଭର ରୋଡ ଦବି ଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କଣ୍ଟାବାଞ୍ଜି ସହରର ଅନେକ ପଡ଼ା ରାସ୍ତା ବର୍ତ୍ତମାନ ବର୍ଷା ଯୋଗୁଁ କାଦୁଅ ପଚ ପଚ ହେଉଥିବା ବେଳେ ସେହି ସବୁ ରାସ୍ତାକୁ ନିର୍ମାଣ ନ କରି କଣ୍ଟାବାଞ୍ଜି ଏନ୍‌ଏସି ପାଣି ଟାଙ୍କିକୁ କାହିଁକି ସ୍ୱତନ୍ତ୍ର ରାସ୍ତା ନିର୍ମାଣ କଲା ବୋଲି ସାଧାରଣ ପ୍ରଶ୍ନ ଉଠିଛି। ଏହା ପେଭର ରୋଡ ନାରେ ନିମ୍ନମାନର କାମ କରି ହରିଲୁଟ କରିବାକୁ ଦାୟିତ୍ୱ ଥିବା ସରକାରୀ କର୍ମଚାରୀ ଓ ଠିକାଦାରଙ୍କ ଯୋଜନା ବୋଲି ଅଭିଯୋଗ ହେଉଛି। କଣ୍ଟାବାଞ୍ଜି ସହର ନାମକ ଠିକାଦାର କୁନାଲ ଶର୍ମାକୁ କାହିଁକି ବାରମ୍ବାର ସରକାରୀ ନିୟମ ଉଲ୍ଲଙ୍ଘନ କରି କଣ୍ଟାବାଞ୍ଜି ଏନ୍‌ଏସି ପ୍ରଶାସନ କାହା ଇଙ୍ଗିତରେ କାମ ଠିକା ଦେଉଛି। ପୂର୍ବରୁ ମଧ କଣ୍ଟାବାଞ୍ଜି ସହରରେ ହୋଇଥିବା ଏକାଧିକ ପେଭର ରୋଡ ଠିକାଦାର କୁନାଲ ଶର୍ମା ନିମ୍ନମାନର କାମ କରିଥିବା ଅଭିଯୋଗ ହୋଇ ଆସିଛି। ରାଜ୍ୟ ସରକାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏନେଇ କଣ୍ଟାବାଞ୍ଜି ଏନ୍‌ଏସି କର୍ତ୍ତୃପକ୍ଷ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରିଥିଲୁ ହେଲେ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।






# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସଇଁତଲା, ୧।୬(ସମିସ):** ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଝିମନପାଲିସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କୈଳାସଚନ୍ଦ୍ର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଆରସିସି ନାରାୟଣ ଭୋଇଙ୍କ ଅଧ୍ୟକ୍ଷତା ତଥା ସିଆରସିସି ପ୍ରମୋଦ କୁମାର ବୁଢ଼େକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଯୋଶୀ ମୁଖ୍ୟଅତିଥି, ଏବିଇଓ ନରେନ୍ଦ୍ର ସାହୁ, ଏସଓ ଅର୍ଜୁନ ପାଣିଗ୍ରାହୀ, କରମତଲା ସରପଞ୍ଚ ତିଳୋତ୍ତମା ବାଗ, ସମିତି ସଭ୍ୟା ଦହି ଭୋଇ, ଏସଏମସି ସଭାପତି ପର୍ଶୁରାମ ବଗର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକତା ଜୀବନ ମଧ୍ୟରେ ଶ୍ରୀ ସାହୁ ଗଢିଥିବା ଅନେକ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ସୁନାମ ଅର୍ଜନ କରିଛନ୍ତି। ଶିକ୍ଷା କ୍ଷେତ୍ରକୁ ତାଙ୍କର ଅବଦାନ ପାଇଁ ସେ ସବୁବେଳେ ମନେ ରହିବେ ବୋଲି ବକ୍ତାଗଣ କହିଥିଲେ। ଜୀବର୍ଦ୍ଧନ ମେହେର, ଦୁର୍ଯ୍ୟୋଧନ ସେନାପତି, ବସନ୍ତ କୁମାର ବୁଢ଼େକ, ବିପିନବିହାରୀ ବୁଢ଼େକ, କୁମୁଦରଞ୍ଜନ ମେହେର, ବୀରେନ୍ଦ୍ର ଭୁଏ, ଘନଶ୍ୟାମ ବେହେରା, ଗଙ୍ଗାଧର ପୋଢ଼, ଦେବାନନ୍ଦ ମହାକୁର, ଏକାମ୍ର ହେମ୍ବ୍ରମ, ଅନନ୍ତ ବଗର୍ତ୍ତୀ, ଜୟଶଙ୍କର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ସିଆରସିସି କରୁଣାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିକିତ୍ସାରେ ଅବହେଳା

# ମା' ସହ ଗର୍ଭସ୍ଥ ଶିଶୁର ମୃତ୍ୟୁକୁ ନେଇ ତୁମୁଳକାଣ୍ଡ

■ ନୟାଗଡ଼ ଡାକ୍ତରଖାନାରେ ତୀବ୍ର ଉତ୍ତେଜନା ■ ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଫୋର୍ସ ମୁତୟନ ■ ଡାକ୍ତରଙ୍କୁ ତୁରନ୍ତ ବଦଳି, ଥାନାରେ ମାମଲା

ନୟାଗଡ଼, ୧।୬ (ସମିସ): ଜଣେ ମହିଳାଙ୍କ ସହ ତାଙ୍କର ଗର୍ଭସ୍ଥ ଶିଶୁର ମୃତ୍ୟୁକୁ ନେଇ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକ ଡାକ୍ତରଖାନା ପରିସରରେ ପାଟିତୁଣ୍ଡ କରିବା ସହ ଡାକ୍ତରଙ୍କ ସହ ହାତାହାତି ଭଳି ପରିସ୍ଥିତି ଉପୁଜିଛି। ଏପରିକି, ପରିସ୍ଥିତି ନିୟନ୍ତ୍ରଣ ପାଇଁ ହସ୍ପିଟାଲ ପରିସରରେ ପୁଲିସ୍‌କୁ ଫୋର୍ସ ମୁତୟନ କରିବାକୁ ପଡ଼ିଥିଲା। ତେବେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମେତ ଅନ୍ୟାନ୍ୟ ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ମୃତ ମହିଳାଜଣଙ୍କ ହେଲେ, ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁର ବିଜେପି ଯୁବନେତା ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ମମତା ସ୍ୱାଇଁ। ମମତାଙ୍କ ପ୍ରସବ ବେଦନା ହେବାରୁ ଗତକାଲି ରାତି ପ୍ରାୟ ୭ଟାରେ ପରିବାରଲୋକ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଲେବର୍ ରୁମ୍‌ରେ ତାଙ୍କର ଠିକ୍ ଭାବେ ଚିକିତ୍ସା କରାଯାଇନଥିଲା। ଡାକ୍ତର ତାଙ୍କୁ ଦେଖିବା ପାଇଁ ଆସିନଥିଲେ। ଏପରିକି, ପ୍ରସବ କରାଇବା ପାଇଁ ଡାକ୍ତର ୩୦ ହଜାର ଟଙ୍କା ଦାବି କରିଥିଲେ ବୋଲି ସଞ୍ଜୟ ଅଭିଯୋଗ କରିଛନ୍ତି। ତାଙ୍କ କହିବାନୁଯାୟୀ, ଡାକ୍ତରଙ୍କ ଦାବି ମୁତାବକ ସେ ଟଙ୍କା ଯୋଗାଡ଼ କରି ଆସିବା ବେଳକୁ, ଦୀର୍ଘସମୟଧରି ପ୍ରସବବେଦନାରେ ଛଟପଟ ହୋଇ ରାତି ପ୍ରାୟ ୩ଟା ୪୫ରେ ମମତାଙ୍କ ମୃତ୍ୟୁ ହୋଇଯାଇଥିଲା।




ଏହି ଖବର ପଦାକୁ ଆସିବା ପରେ ଭୋର୍‌ରେ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଯାଇଥିଲା। ସଞ୍ଜୟଙ୍କ ସମ୍ପର୍କୀୟଙ୍କ ସହ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ପାଟିତୁଣ୍ଡ ହେବା ସହ ହାତାହାତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସକାଳ ହେବା ବେଳକୁ ଶହଶହ ଲୋକ ହସ୍ପିଟାଲ ପରିସରରେ ରୁଣ୍ଡ ହୋଇ ହୋ-ହଲ୍ଲା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ହସ୍ପିଟାଲର ଡାକ୍ତରମାନେ ମନମୁଖୀ କାର୍ଯ୍ୟ ଚଳାଇ ଆସୁଛନ୍ତି। ହସ୍ପିଟାଲ ଅପେକ୍ଷା କ୍ଲିନିକ୍‌କୁ ଗୁରୁତ୍ୱ ଦେଉଛନ୍ତି। ଡାକ୍ତରଙ୍କ ଶୋଷଣ ମନୋବୃତ୍ତି ଯୋଗୁଁ ପ୍ରତିଦିନ ବହୁ ଗରିବ, ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଏହି କାରଣରୁ ଆଜି ମଧ୍ୟ ଜଣେ ମା' ଓ ପେଟରେ ଥିବା ଛୁଆର ଜୀବନ ଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ।

ପରେ ମମତାଙ୍କ ପରିବାରଲୋକ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କ ନାମରେ ଥାନାରେ ଅଭିଯୋଗ କରିବାରୁ ତତକ୍ଷଣାତ୍ ପୁଲିସ ଏହାକୁ ନେଇ ମାମଲା ରୁଜୁ କରିଥିଲା। ଅପରପକ୍ଷେ, ଡାକ୍ତରଙ୍କୁ ଗିରଫ ଦାବିରେ ଲୋକମାନେ ରୁଣ୍ଡ ହୋଇ ହୋହାଲ୍ଲା କରିବାରୁ ପୁଲିସ୍ ଆଇନଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରିଥିଲା। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକରୀ ରଶ୍ମିରଞ୍ଜନ ମହାପାତ୍ର ସଦଳବଳେ ପହଞ୍ଚି ବୁଝାସୁଝା କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଏବଂ ୪ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ୨ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

ସେହିପରି ଖବର ପାଇ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା, ରଣପୁର ବ୍ଲକ୍ ଅଧ୍ୟକ୍ଷ ନିର୍ମଳା ବେହେରା, ବିଜେପି ନେତା ସନ୍ତୋଷ ପ୍ରଧାନ, ନସିର ଅହମ୍ମଦ, ପ୍ରହଲ୍ଲାଦ ବରାଡ଼, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, କଂଗ୍ରେସ ନେତା ମନୋଜ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ନେତୃବୃନ୍ଦ ଏବଂ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପିପି ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ମଧ୍ୟ ଆଲୋଚନାରେ ସାମିଲ ହୋଇଥିଲେ। ଦାବି ମୁତାବକ ତୁରନ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅନ୍ୟତ୍ର ବଦଳି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ ଏକ କମିଟି ଗଠନ କରି ଘଟଣାର ତଦନ୍ତ କରାଯିବ ଏବଂ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଏହାସହ ଶବ ବ୍ୟବଚ୍ଛେଦକୁ ଭିଡିଓଗ୍ରାଫି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରାହ୍ଣ ପ୍ରାୟ ୧ଟାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିଲା।

■ ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ

## ଯୁବକଙ୍କୁ ଗଳାକାଟି ହତ୍ୟା

କଣିହାଁ, ୧।୬ (ସମିସ): ପରକୀୟା ପ୍ରୀତିକୁ ନେଇ ଅନୁଗୋଳ ଜିଲ୍ଲା କଣିହାଁ ଥାନା ମସୁଣିହତା ଗ୍ରାମରେ ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିଛି। ଶନିବାର ବିଳମ୍ବିତ ରାତିରେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ମସୁଣିହତା ଗ୍ରାମର ବାବାଜୀ ନାଏକ (୨୫)। ରାତି ପ୍ରାୟ ୨ଟାରେ ବାବାଜୀ ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ କାକୁଡ଼ିଆ ଗ୍ରାମର ବିଭୂତି ନାଏକ (୩୫) ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟିଦେଇଥିଲେ। ଘଟଣାସ୍ଥଳରେ ବାବାଜୀଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବିଭୂତିଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବିଭୂତିଙ୍କ ସ୍ତ୍ରୀଙ୍କୁ ୭ ମାସ ହେଲା ବାବାଜୀ ପ୍ରେମ ବିବାହ କରି ଘରେ ରଖିଥିଲେ। ଏଥିରେ ବିଭୂତି ପ୍ରତିଶୋଧ ପରାୟଣ ହୋଇ ବାବାଜୀଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଆସୁଥିଲେ। ଶନିବାର ବାବାଜୀ ଘର ବାରଣ୍ଡାରେ ଶୋଇଥିବା ସମୟରେ ବିଭୂତି ଏକ ବାଇକ୍‌ରେ ଆସି ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ଦେଇଥିବା ବାବାଜୀଙ୍କ ବାପା ଅଭିଯୋଗ କରିଛନ୍ତି। ବିଭୂତିଙ୍କ ସହ ଅନ୍ୟ ଜଣେ ସହଯୋଗୀ ମଧ୍ୟ ଆସିଥିଲେ। ସେ ବିଭୂତିଙ୍କ ଭାଇ ବୋଲି ବାବାଜୀଙ୍କ ବାପା କହିଛନ୍ତି। ଆଇଆଇସି ରମଣୀ ରଞ୍ଜନ ଦଲେଇଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## କାର୍-ବାଇକ୍ ଧକ୍କା; ଶ୍ୱଶୁର-ଜ୍ୱାଇଁ ମୃତ

ବନ୍ଧୁଗାଁ, ୧।୬ (ସମିସ): ଆନ୍ଧ୍ରପ୍ରଦେଶର ସାନ୍ଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ଧକ୍କାରେ ଶ୍ୱଶୁର-ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ପେଦାଲୋଡ଼ା ପଞ୍ଚାୟତ ଝାଙ୍କରକାର୍ଲି ଗାଁର ଶଶୁର ଅପାନା ପିଡ଼ିକା (୬୨) ଓ ଜ୍ୱାଇଁ ରମେଶ ହୁଇକା (୨୦)। ଘଟଣା ପରେ କାର୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ଝଙ୍କାରକାର୍ଲିର ରମେଶ ଆନ୍ଧ୍ରପ୍ରଦେଶ ସାନ୍ଦିୱାଲ୍ସା ଗାଁସ୍ଥିତ ନିଜ ଶ୍ୱଶୁର ଘରକୁ ଶୁକ୍ରବାର ଯାଇଥିଲେ। ସେଠାରୁ ସେ ଶ୍ୱଶୁରଙ୍କ ସହ ବାଇକ୍‌ରେ ନିଜ ଗାଁ ଝାଙ୍କରକାର୍ଲିକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସାନ୍ଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ରମେଶଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଆପାନାଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସରପଞ୍ଚ ଶେଖର କଣ୍ଡାଗୋରୀ, ଭେଙ୍କଟ କଣ୍ଡାଗୋରୀ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଧ୍ରପ୍ରଦେଶ ପୁଲିସ୍ ଶବକୁ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଧରିବାକୁ ସିସିଟିଭି ଯାଞ୍ଚ କରୁଥିବା ଜଣାପଡ଼ିଛି।

## ମଦୁଆଙ୍କ ଖଣ୍ଡା ଚୋଟରେ ଦୁଇ ପୁଲିସ ଆହତ; ୨ ଗିରଫ

ବଲାଙ୍ଗିର/ପାଟଣାଗଡ଼, ୧।୬ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅପରାଧୀମାନେ ପୁଲିସ୍‌କୁ ବି ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏହାର ଏକ ନମୁନା ଦେଖିବାକୁ ମିଳିଛି। ଦୁଇ ମଦୁଆଙ୍କ ଖଣ୍ଡା ଚୋଟରେ ପାଟଣାଗଡ଼ ଥାନାର ଦୁଇ ପୁଲିସ୍ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ, କନଷ୍ଟେବଲ୍ ଦେବାଶିଷ ନାଏକ ଓ ଗୃହରକ୍ଷୀ ନିରଞ୍ଜନ ସାହୁ। ଦୁହିଁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ, ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସେମାନେ ହେଲେ, ବ୍ରହ୍ମପୁରାର ମନୋଜ କୁମାର ସାହୁ ଓ ବାଲିପଟା ଗାଁର ଉମାକାନ୍ତ ମାଝୀ।

ସୂଚନାନୁସାରେ, ମନୋଜ ଓ ଉମାକାନ୍ତ ଶୁକ୍ରବାର ବିଳମ୍ବିତ ରାତିରେ ମଦ ପିଇ ଏକ ବାଇକ୍‌ରେ ବ୍ରହ୍ମପୁରା ଅଭିମୁଖେ ଯାଉଥିବା ବେଳେ କନଷ୍ଟେବଲ୍ ଦେବାଶିଷ ଓ ଗୃହରକ୍ଷୀ ନିରଞ୍ଜନ ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଏଥିରେ ରାଗି ଯାଇ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ।

## ୪୪ ଗୁଣା ପିଲା ଦେଲେ ବିଏଡ୍ ପରୀକ୍ଷା

ଭୁବନେଶ୍ୱର, ୧।୬ (ସମିସ): ରାଜ୍ୟର ୩୪୨ଟି ପରୀକ୍ଷା କେନ୍ଦ୍ରରେ ରବିବାର ବିଏଡ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପ୍ରାୟ ୧ଲକ୍ଷ ୨୧ ହଜାର ପିଲା ପରୀକ୍ଷା ଦେଇଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ପରୀକ୍ଷା ସରିଥିବା ରାଜ୍ୟ ପ୍ରବରଣ ଆୟୋଗ(ଏସ୍‌ଏସ୍‌ବି)ର ସମ୍ପାଦକ ଡ. ରାଜେଶ କୁମାର ସାହୁ କହିଛନ୍ତି। ଚଳିତବର୍ଷ ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ସମୁଦାୟ ୩୧ଟି ଶିକ୍ଷାନୁଷ୍ଠାନରେ ୨୭୫୦ସିଟ୍ ଉପଲବ୍ଧ ରହିଛି। ପ୍ରାୟ ୧ଲକ୍ଷ ୨୧ହଜାର ପିଲା ଅର୍ଥାତ୍ ସମୁଦାୟ ସିଟ୍‌ର ପ୍ରାୟ ୪୪ଗୁଣା ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଂଖ୍ୟା ବହୁ ଅଧିକ। ଚଳିତଥର ୪୩ ହଜାର ୬୧୨ଜଣ ଛାତ୍ର ଆବେଦନ କରିଥିବା ବେଳେ ଏହାର ପ୍ରାୟ ଦୁଇଗୁଣ ଅର୍ଥାତ୍ ୮୬ ହଜାର ୯୩ଜଣ ଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ଅପରପକ୍ଷରେ, ଏମ୍‌ଏଡ୍ ନାମଲେଖା ପାଇଁ ୧୬୫୧ଜଣ ଆବେଦନ କରିଥିବା ବେଳେ ଆସନ୍ତା ୪ ତାରିଖରେ ଏହାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

## ବିଜେଡିରେ ମିଶିଲେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଦଳର ନେତା

ଭୁବନେଶ୍ୱର, ୧।୬ (ସମିସ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୨୪ ସାଧାରଣ ନିର୍ବାଚନ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ପିଆରଆଇ ସଦସ୍ୟ ଓ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ରବିବାର ଶଙ୍ଖଭବନଠାରେ ବିଜେଡି ବିଧାୟକ ତଥା ଜିଲ୍ଲା ସଭାପତି ମନୋହର ରନ୍ଧାରୀଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଦଳରେ ସାମିଲ୍ ହୋଇଥିବା ସମସ୍ତଙ୍କୁ ଶ୍ରୀ ରନ୍ଧାରୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ।



ଏହି ଅବସରରେ କଂଗ୍ରେସର ବିଧାନସଭା ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାବାସୀଙ୍କ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଲୁ। ଦଳରେ ସାମିଲ ହୋଇ ଆମେ ବହୁତ ଖୁସି ଅନୁଭବ କରୁଛୁ। ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସରପଞ୍ଚ ସର୍ବଶ୍ରୀ ପ୍ରମିଳା ମୁଦୁଲି, ଶଙ୍କର ନାୟକ, ରୁକ୍ମଣୀ ମାଝୀ, ସମିତିସଭ୍ୟ ସର୍ବଶ୍ରୀ ଦୁର୍ଯୋ ମାଝୀ, ଜିତେନ୍ଦ୍ର ହରିଜନ, ସୋମନାଥ ସୌରା, ବରିଷ୍ଠ କଂଗ୍ରେସ ନେତା ମନ୍ଦର ଜାନୀ ଓ ବିପିନି ବିଶୋୟୀ, ପୂର୍ବତନ ସରପଞ୍ଚ କୁମର ପୂଜାରୀ ପ୍ରମୁଖ ବିଜେଡିରେ ସାମିଲ୍ ହେବା ସହ ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ (ମୁନ୍ନା ଖାନ), ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କମିଲା ଯୁକ୍ତ ୩ ନାମଲେଖା ଆବେଦନ

ଭୁବନେଶ୍ୱର, ୧।୬ (ସମିସ): ଚଳିତ ବର୍ଷ ରାଜ୍ୟରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ଆବେଦନ ଅବଧି ରବିବାର ଶେଷ ହୋଇଛି। ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୬ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି । ମାତ୍ର ଯୁକ୍ତ ୩ରେ ନାମ ଲେଖାଇବା ପାଇଁ ମାତ୍ର ୨ଲକ୍ଷ ୫୬ହଜାର ୩୫୦ ଜଣ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୨ଲକ୍ଷ ୪୮ହଜାର ୫୨୮ ପିଲା ଆବଶ୍ୟକ ଫି' ଦାଖଲ କରି ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୬ ହଜାର କମିଛି। ଶିକ୍ଷାବର୍ଷରେ ସନ୍ତୁଳନ ଆଣିବାକୁ ଅର୍ଥାତ୍ ନିର୍ଦ୍ଧାରିତ ସମୟରେ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ +୨ ପରୀକ୍ଷା ଫଳ ପ୍ରକାଶ ପାଇବା ପୂର୍ବରୁ +୩ ପାଇଁ ଆବେଦନ ଆରମ୍ଭ ହୋଇଥିଲା। ଏପରିକି ଆବେଦନ ଅବଧି ସରିବା ପୂର୍ବରୁ ଆଉ ୧୦ଦିନ ବଢ଼ାଯାଇଥିଲା। ଏହା ସତ୍ତ୍ୱେ ଚଳିତ ବର୍ଷ ଆବେଦନ ସଂଖ୍ୟା ହ୍ରାସ ପାଇଥିବାରୁ ଗତବର୍ଷ ପରି ଯୁକ୍ତ ୩ରେ ସିଟ୍ ସଂଖ୍ୟା ଖାଲି ପଡ଼ିବା ସ୍ପଷ୍ଟ ହୋଇ ଯାଇଛି ।

■ ଟ୍ରେନ୍‌ରେ ଡକାୟତି ଯୋଜନା

## ୪ ଗିରଫ, ୨୦ ମୋବାଇଲ ଜବତ

ପୁରୀ, ୧।୬ (ସମିସ): ଆଗକୁ ରଥଯାତ୍ରା। ପୁରୀକୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଟ୍ରେନରେ ଯିବାଆସିବା କରିବେ। ତେବେ ଟ୍ରେନ ଯାତ୍ରା ଯେପରି ସୁରକ୍ଷିତ ହେବ ସେଥିପାଇଁ ବେଶ୍ ତତ୍ପର ହୋଇପଡିଛନ୍ତି ଆରପିଏଫ୍ ଏବଂ ଜିଆର୍‌ପି ପୋଲିସ। ରାତ୍ରୀକାଳୀନ ପାଟ୍ରୋଲିଂକୁ କଡାକଡି କରିଛନ୍ତି। ଏହି କ୍ରମରେ ଶନିବାର ରାତିରେ ପୁରୀ ଆରପିଏଫ୍ ଏବଂ ଜିଆର୍‌ପି ଥାନା ପୋଲିସ ମିଳିତ ଭାବେ ଷ୍ଟେଶନରେ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୧୧ଟା ୫୦ ସମୟରେ ଲୋକେ ଅଫିସ ନିକଟ ଟ୍ରେନ ଲାଇନ କଡରେ ୫ ଜଣ ଅସାମାଜିକ ଯୁବକ ବସି ବିଳମ୍ବିତ ରାତିରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ସେଠାରେ ଜିଆର୍‌ପି ଏବଂ ଆରପିଏଫ୍ ଚଢାଉ କରିଥିଲେ। ସେମାନଙ୍କୁ ଦେଖି ଜଣେ ଯୁବକ ଖସି ଯାଇଥିବା ବେଳେ ୪ ଜଣଙ୍କୁ କାବୁ କରିଥିଲେ ଆର୍‌ପିଏଫ୍ ଏବଂ ଜିଆର୍‌ପି ପୋଲିସ। ଅଭିଯୁକ୍ତମାନେ ହେଲେ ଢେଲାଙ୍ଗ ଓଡତରାହୀର ଦିଲ୍ଲୀପ ଜେନା, ଖୋର୍ଦ୍ଧା ଗୁରୁଜଙ୍ଗର ବାବୁଲା ବାରିକ, ଗଞ୍ଜାମ ଚମାଖଣ୍ଡିର ସଞ୍ଜୟ ସେଠୀ, ଗଞ୍ଜାମ ବ୍ରହ୍ମପୁର ସହର ବିଲସାହିର ମନୋଜ ବେହେରା। ପଚରାଉଚରା କରିବା ପରେ ପୁରୀ-ଭଲସାଦ ସାପ୍ତାହିକ ଏକ୍ସପ୍ରେସ ଟ୍ରେନରେ ଡକାୟତି କରିବା ଲାଗି ଯୋଜନା କରୁଥିବା ସ୍ୱୀକାର କରୁଥିଲେ। ଅଭିଯୁକ୍ତମାନଙ୍କଠାରୁ ୨୦ଟି ମୋବାଇଲ ଫୋନ (ଯେଉଁଥିରେ ଗୋଟିଏ ଆଇଫୋନ ରହିଛି), ୨ଟି ଛୁରୀ, ୪ ପ୍ୟାକେଟ ଲଙ୍କାଗୁଣ୍ଡ, ୪ଟି କଳା ରଙ୍ଗର ମାସ୍କ, ୪ଟି ଟ୍ରେନ ଟିକେଟ, ସିଗାରେଟ୍, ଆସ୍କା ୪୦ ବୋତଲ ଏବଂ ମ୍ୟାପ୍ ଜବତ କରାଯାଇଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୪୭/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଆର୍‌ପି ଥାନାଧିକାରୀ ଏସ୍.କେ. ବାହିନୀପତି ସୂଚନା ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଥିବାରୁ ଯାତ୍ରୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ଯାଞ୍ଚ ଏବଂ ପାଟ୍ରୋଲିଂ କଡାକଡି କରାଯିବ ବୋଲି ବାହିନୀପତି କହିଛନ୍ତି।

## ରାଜ୍ୟରେ ବନ୍ଦର ବିକାଶ ପାଇଁ ଇଓଆଇ ଆହ୍ୱାନ

### ସହାୟକ ହେଲା ପୂର୍ବ ସରକାରଙ୍କ ବନ୍ଦର ନୀତି

ଭୁବନେଶ୍ୱର, ୧।୬ (ସମିସ): ରାଜ୍ୟରେ ବିଶାଳ ସାମୁଦ୍ରିକ କ୍ଷମତାକୁ ଉପଯୋଗ କରି ବନ୍ଦର ଭିତ୍ତିକ ବିକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଅଣ ପ୍ରମୁଖ ବନ୍ଦର, କ୍ରୁଜ ଟର୍ମିନାଲ, ବହୁମୁଖୀ ବନ୍ଦର, ଜାହାଜ ନିର୍ମାଣ ଓ ମରାମତି ସୁବିଧା କେନ୍ଦ୍ର ଏବଂ କଣ୍ଟେନର ଟର୍ମିନାଲର ବିକାଶ ପାଇଁ ରାଜ୍ୟ ସରକାର ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ (ଇଓଆଇ) ଆହ୍ୱାନ କରିଛନ୍ତି। ବୈଶ୍ୱିକସ୍ତରରେ ନିବେଶକ ଏବଂ ଅପରେଟରଙ୍କ ନିକଟରୁ ରାଜ୍ୟ ବନ୍ଦର ଏବଂ ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଇଓଆଇ ଆହ୍ୱାନ କରାଯାଇଛି।

ଇଓଆଇ ଅନୁଯାୟୀ ରାଜ୍ୟରେ ବାଲେଶ୍ୱରର ବିଚିତ୍ରପୁର (ତାଳସାରୀ) ଠାରୁ ଦକ୍ଷିଣରେ ବାହୁଦା ମୁହାଣ (ଗଞ୍ଜାମ) ଯାଏଁ ପ୍ରାୟ ୫୭୪ କିଲୋମିଟର ବିଶିଷ୍ଟ ସାମୁଦ୍ରିକ ଉପକୂଳ ରହିଛି। ରାଜ୍ୟରେ ବର୍ତ୍ତମାନ ପାରାଦୀପ ଏକ ପ୍ରମୁଖ ବନ୍ଦର ଥିବାବେଳେ ପ୍ରାୟ ୧୪ଟି ଅଣ ପ୍ରମୁଖ ବନ୍ଦର ଚିହ୍ନଟ କରାଯାଇଛି। ଏହି ୧୪ଟି ଅଣ ପ୍ରମୁଖ ବନ୍ଦର ମଧ୍ୟରୁ ଗୋପାଳପୁର ଏବଂ ଧାମରା ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇ ସାରିଲାଣି। ସେହିପରି ଅସ୍ତରଙ୍ଗ ଏବଂ ସୁବର୍ଣ୍ଣରେଖା ବନ୍ଦରରେ ବର୍ତ୍ତମାନ ବିକାଶ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଜଟାଧାର ମୁହାଣରେ ଖୁବଶୀଘ୍ର ଏକ ଜେଟି ନିର୍ମାଣକୁ ନିକଟରେ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏଠାରେ ଜେଏସଡବ୍ଲ୍ୟୁ ଏହି ଜେଟି ନିର୍ମାଣ କରିବ। ଅବଶିଷ୍ଟ ୮ଟି ଅଣ ପ୍ରମୁଖ ବନ୍ଦରର ବିକାଶ ପାଇଁ ଇଓଆଇ ଆହ୍ୱାନ କରାଯାଇଛି। ବିଚିତ୍ରପୁର, ବାହାବଳପୁର, ଚାନ୍ଦିପୁର, ଇଞ୍ଚୁଡି, ଚୂଡାମଣି, ବାଲିହରଚଣ୍ଡୀ, ପାଲୁର ଏବଂ ବାହୁଦା ମୁହାଣ (ସୋନପୁର) ରେ ବନ୍ଦର କାର୍ଯ୍ୟକଳାପକୁ ସଶକ୍ତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଆସନ୍ତା ଜୁନ୍ ୨୩ ତାରିଖ ସୁଦ୍ଧା ଇଚ୍ଛୁକ ସଂସ୍ଥା ଇଓଆଇ ଦାଖଲ କରିପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି।

ରାଜ୍ୟରେ ବନ୍ଦର ଭିତ୍ତିକ କାର୍ଯ୍ୟକଳାପର ବିକାଶ ପାଇଁ ଗତ ବିଜେଡି ସରକାର ୨୦୨୨ ମସିହାରେ ଓଡ଼ିଶା ବନ୍ଦର ନୀତି ପ୍ରଣୟନ କରିଥିଲେ। ଓଡ଼ିଶାରେ ଏହି ନୀତି ଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ, ମାଧ୍ୟମରେ ଓଡ଼ିଶା ଉପକୂଳରେ ସ୍ଥାୟୀ ସାମୁଦ୍ରିକ ବିକାଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବିଶେଷକରି ସାମୁଦ୍ରିକ ଜାହାଜ ପରିବହନ, ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ, ବହୁମୁଖୀ ବନ୍ଦର ନିର୍ମାଣ, ଆଦି ଭିତ୍ତିଭୂମି ସୃଷ୍ଟିରେ ନୂଆ ନୀତି ସହାୟକ ହେବ ହୋଇ ପାରିଛି ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

# ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍

### ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

ପୁରୀ, ୧।୬ (ସମିସ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତତଥ୍ୟକୁ ପଦାରେ ପକାଉଥିବା ବେଳେ ଏବେ ପୁଣି ଉଡିଛି ଡ୍ରୋନ୍। ସମ୍ପ୍ରତି ଭାରତ-ପାକିସ୍ତାନ ସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଥିବା ବେଳେ ଏହା କେବଳ ଯେ କାଗଜ କଲମରେ ସୀମିତ ତାହା ପ୍ରମାଣିତ ହୋଇଛି। ତେବେ ଏହି ଡ୍ରୋନ ଶ୍ରୀମନ୍ଦିର ଭିତରର ଅନେକ ଦୃଶ୍ୟ ତୋଳିଥିବା ସନ୍ଦେହ କରାଯାଉଥିବା ବେଳେ ଏହା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ପୁଣି ପଦାରେ ପକାଇଛି। ବିଗତ ଦିନରେ ଅନେକଥର ସୋସିଆଲ ମିଡିଆରେ ମନ୍ଦିରର ସମ୍ବେଦନଶୀଳ ଫଟୋ, ଭିଡିଓ ଭାଇରାଲ ହୋଇଥିବା ବେଳେ ଏବେ ଲଗାତର ଡ୍ରୋନ୍ ଉଡ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

ବାରମ୍ବାର ତାଗିଦ୍ ସତ୍ତ୍ୱେ ବୋଲ ମାନୁନାହାନ୍ତି ଅମାନିଆ। ପୁଣି ଭାଇରାଲ୍ ହୋଇଛି ଶ୍ରୀମନ୍ଦିରର ଡ୍ରୋନ ଭିଡିଓ। ମୁଖ୍ୟ ବାନା ଲଗାଯାଉଥିବା ଦୃଶ୍ୟ ଭିଡିଓରେ ଆସିଥିବା ବେଳେ ଜଣେ ଚୁନେରା ସେବାୟତ ନମସ୍କାର କରୁଥିବା ଭିଡିଓରେ ଦେଖିବାକୁ ମିଳିଛି, ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ



ସୃଷ୍ଟି ହୋଇଛି। ତେବେ ଭାଇରାଲ ଭିଡିଓରେ ଚୁନରା ସେବାୟତଜଣଙ୍କ ଏକାଧିକଥର ଆସୁଥିବା ଦେଖିବାକୁ ମିଳିଛି। ମେ' ୩୦ରେ ଫେସବୁକ୍‌ରେ ଏହି ଭିଡିଓ ଅପଲୋଡ୍ ହୋଇଛି। ଉତ୍ତରପ୍ରଦେଶର ହିମାଂଶୁ ନାମକ ଜଣେ ଯୁବକଙ୍କ ଆକାଉଣ୍ଟରୁ ଏହି ଭିଡିଓ ଭାଇରାଲ ହୋଇଥିଲା। ହେଲେ ଏବେ ସେ ତାଙ୍କ ଆକାଉଣ୍ଟରୁ ଏହି ଭିଡିଓ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ଏହା ଉପର ନୋ-ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ହେଲେ ଅନେକ ସମୟରେ ଏହି କଟକଣାକୁ ଉଲ୍ଲଂଘନ କରାଯାଉଥିବା ବେଳେ ରବିବାର ଏହାର ପୁନରାବୃତ୍ତି ଘଟିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାରମ୍ବାର ଡ୍ରୋନ୍ ଉଡ଼ୁଥିବା ବେଳେ ସୁରକ୍ଷା କର୍ମୀମାନେ ଜାଣିପାରୁନାହାନ୍ତି କେମିତି? ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ ଗଠନ କରାଯାଇଛି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଯୁଦ୍ଧାସ୍ତ୍ର ଗାଡ଼ି ରକ୍ଷକ ସିଂହଦ୍ୱାର ସମ୍ମୁଖରେ ପହରା ଦେଉଛି। ମାଳମାଳ ଓଡ଼ିଶା ପୁଲିସ୍, ଜେଟିପି ମୁତୟନ ଅଛନ୍ତି। ହେଲେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ନାକ ତଳେ ଘଟୁଛି ଏଭଳି ଅଘଟଣ। ତେବେ ଶ୍ରୀମନ୍ଦିର ସୁରକ୍ଷା ନେଇ ଆଇନ ମନ୍ତ୍ରୀ ଘୋଷଣା କରିଥିବା ଆଣ୍ଟି ଡ୍ରୋନ ସିଷ୍ଟମ କେବେ ଲାଗିବ ତାହାକୁ ଏବେ ଅପେକ୍ଷା।

ବର୍ଷପୂର୍ତ୍ତି ପାଇଁ ବ୍ୟସ୍ତ ସରକାର

# ରଜ ପରେ ଚାଷୀଙ୍କୁ ମିଳିବ ବିହନ!

■ କ୍ଷେତ ହଳ କରି ବିହନକୁ ଚାହିଁଛି ଚାଷୀ
■ ସମବାୟ ସମିତିରେ ନାହିଁ ସରକାରୀ ବିହନ

ଭୁବନେଶ୍ୱର, ୧।୬ (ସମିସ): ବର୍ଷା ଆସିବା ପୂର୍ବରୁ କ୍ଷେତ ସଜ କରି ଚାଷୀ ଧାନ ବିହନକୁ ଚାହିଁ ବସିଛି, ମାତ୍ର ବିହନ ମିଳୁନାହିଁ। ସମବାୟ ସମିତିକୁ ସରକାରୀ ବିହନ ଆସିନାହିଁ, ବଜାରରେ ମଧ୍ୟ ଆବଶ୍ୟକ ମୁତାବକ ବିହନ ନାହିଁ । ଯେଉଁ ଚାଷୀମାନେ ବିହନ ଗଚ୍ଛିତ କରି ରଖିଛନ୍ତି, ସେମାନେ ଚାଷବାସ କାମ ଆରମ୍ଭ କରିଛନ୍ତି; ଅନ୍ୟ ଚାଷୀମାନେ ସରକାରୀ ବିହନକୁ ଅପେକ୍ଷା କରି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଚଳିତବର୍ଷ ଖରିଫ୍‌ରେ ୫୮.୫୦ ଲକ୍ଷ ହେକ୍ଟର ଜମିରେ ଚାଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ବିହନ ବଣ୍ଟନରେ ବିଳମ୍ବ ଏହି ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।

ଉପକୂଳ ଓଡ଼ିଶାର ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଜିଲ୍ଲା ସମେତ ଅନ୍ୟାନ୍ୟ କେତେକ ସ୍ଥାନରେ ବିହନ ଯୋଗାଣରେ ଅଚଳାବସ୍ଥା ଚାଷୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ବିହନ ଅଭାବ ଯୋଗୁଁ କିଛି ଚାଷୀ ସରକାରୀ ପ୍ରମାଣିକ ବିହନ ବଦଳରେ ବଜାରରୁ ଅନ୍ୟ ବିହନ କିଣି ବୁଣିବାକୁ ମନ ବଳାଉଛନ୍ତି। ମାତ୍ର ଏହି ବିହନ କେତେ ଫଳପ୍ରଦ ହେବ ତାକୁ ନେଇ ଆଶାଆଶଙ୍କା ଭିତରେ ରହୁଛନ୍ତି। ପୁନଶ୍ଚ ସମବାୟ ବ୍ୟାଙ୍କଗୁଡ଼ିକ ବିହନ ଯୋଗାଣରେ ଟାଳଟୂଳ ନୀତି ଅବଲମ୍ବନ କରୁଛନ୍ତି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ସରକାର ସ୍ଥାନୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ବିହନ ବିକ୍ରି କରିବେ ବୋଲି ଘୋଷଣା କରିଥିଲେ ହେଁ ଏଯାବତ୍ ଚାଷୀଙ୍କ ପାଖରେ ବିହନ ପହଞ୍ଚି ପାରୁନି। ବିହନ ଆସିବାକୁ ଆହୁରି ୧୫ ଦିନ ଲାଗିବ ଓ ରଜ ପରେ ବିହନ ମିଳିଯିବ ବୋଲି ସମବାୟ ସମିତି ସମ୍ପାଦକମାନେ କହୁଥିବା ଅଭିଯୋଗ ହୋଇଛି ।

ଚାଷୀ ନେତା ବିଶ୍ୱମ୍ଭର ବେଉରିଆଙ୍କ ଅଭିଯୋଗ ଅନୁସାରେ ସମବାୟ ବ୍ୟାଙ୍କଗୁଡ଼ିକର ମନମାନି ଯୋଗୁଁ ଚାଷୀମାନେ ଆଜି ଏଭଳି ଦଶା ଭୋଗୁଛନ୍ତି। ଧାନ ମଣ୍ଡିବେଳକୁ ସମବାୟ ବ୍ୟାଙ୍କମାନେ ଯେତେ ତତ୍ପର, ବିହନ ବିକ୍ରି ପାଇଁ ସେତିକି ତତ୍ପରତା ନାହିଁ। ମଣ୍ଡିରେ କମିଶନ ଓ ଫାଇଦା ଥିବାରୁ ସମବାୟ ସମିତିମାନେ ସେଥିପ୍ରତି ଅଧିକ ମନ ବଳାଉଛନ୍ତି; କିନ୍ତୁ ବିହନ ବିକ୍ରିରେ କମ୍ ଲାଭ ଥିବାରୁ ସେ ଦିଗରେ ମୋଟେ ଧ୍ୟାନ ଦେଉନାହାନ୍ତି। ସମବାୟ ସମିତିଗୁଡ଼ିକ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିହନ ଆଣୁନାହାନ୍ତି। ନିଜ ସୁବିଧା ଆଣି କିଛି ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି କରିଦେଉଛନ୍ତି। ଜାଲିଆତି କରି ଚାଷୀଙ୍କ ନାଁରେ ଏହି ବିହନ ବିକ୍ରି ଉଲ୍ଲେଖ କରି ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ସମବାୟ ସମିତିର କିଛି ସମ୍ପାଦକ ଚାଷୀଙ୍କ ଏହି ଅଭିଯୋଗକୁ ସ୍ୱୀକାର କରିଥିଲେ ବି ବିହନ ନିଗମ ଓ କୃଷି ବିଭାଗ ଉପରକୁ ଦୋଷ ଠେଲି ସଫେଇ ଦେଇଛନ୍ତି। ବିହନ ବିକ୍ରି ନ ହୋଇ ବଳକା ରହିଗଲେ, ଫେରସ୍ତ ବ୍ୟବସ୍ଥା ନ ଥିବାରୁ ସମବାୟ ସମିତିଗୁଡ଼ିକ ଏହାପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିଭଳି ବହୁ ସମବାୟ ସମିତିରେ ଗୋଦାମ ନଥିବାରୁ ବିହନ ରଖିବା ସମସ୍ୟା ହେଉଛି ବୋଲି ସେମାନେ କହିଛନ୍ତି ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ । ଉଧାର ଟଙ୍କା ଫେରିପାଇବେ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିପାରନ୍ତି । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ । ଚକ୍ଷୁ ସମସ୍ୟା ହୋଇପାରେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବା ଭଲ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଆଇନଜୀବୀଙ୍କୁ ସଫଳତା ମିଳିବ । ସାମାଜିକ ଓ ଧାର୍ମିକ ସମାବେଶରେ ଯୋଗଦେବେ । ଦାନ ଧର୍ମ କରିବେ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ଲୋକସମ୍ପର୍କ ବୃଦ୍ଧି ପାଇବ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିପାରେ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । ନିଜ ଲୋକ ଶତ୍ରୁ ସାଜିପାରନ୍ତି ।

## ଆଜିର ଇତିହାସ

- ୧୯୫୩- ବ୍ରିଟିଶ ରାଜଗାଦି ଆରୋହଣ କଲେ ମହାରାଣୀ ଏଲିଜାବେଥ ଦ୍ୱିତୀୟ ।
- ୧୯୬୬-ଆମେରିକାର ପ୍ରଥମ ମହାକାଶଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କଲା ।
- ୧୯୮୮ - ବଲିଉଡ୍‌ର ମହାନ୍ ଅଭିନେତା ରାଜ୍ କପୁରଙ୍କ ଦେହାନ୍ତ ।
- ୨୦୦୬- ଆମେରିକା ଦାଉଦ୍ ଇବ୍ରାହିମ୍ ଓ ତାର ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲା ।
- ୨୦୧୪- ତେଲଙ୍ଗାନା ଭାରତର ୨୯ତମ ରାଜ୍ୟ ହେଲା ।

# ସନ୍‌ସ୍କ୍ରିନ୍ ହେଲା କାଳ



ଚୀନ୍‌ରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଏହି ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ଆଲୋଚନା ହେଉଛି । ଜଣେ ୪୮ ବର୍ଷୀୟା ମହିଳାଙ୍କ ହାଡ଼ ଏତେ ଦୁର୍ବଳ ହୋଇଥିଲା ଯେ, ସେ କଡ଼ ଲେଉଟାଇବାବେଳେ ଏହା ଭାଙ୍ଗି ଯାଇଥିଲା । ତେବେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଅନେକ ଦିନରୁ ନ ଆସିବା ତଥା ଅତ୍ୟଧିକ ସନ୍‌ସ୍କ୍ରିନ୍ ବ୍ୟବହାର ଯୋଗୁଁ ତାଙ୍କ ସହ ଏପରି ଘଟିଥିବା ଜଣାପଡ଼ିଛି । ସିଚୁଆନରେ ଥିବା ଚେଙ୍ଗଡୁ ହସ୍‌ପିଟାଲକୁ ଏହି ମହିଳା ଜଣକ ଆସିଥିଲେ । ତାଙ୍କ ହାଡ଼ ଭାଙ୍ଗି ଯାଇଥିଲା । ତେବେ ଏହି ମହିଳାଙ୍କର କୌଣସି ସ୍ଥାନରୁ ଖସି ପଡ଼ିବାରୁ କିମ୍ବା ଦୁର୍ଘଟଣାରୁ ତାଙ୍କ ହାଡ଼ ଭାଙ୍ଗି ନ ଥିଲା । ସେ ବିଛଣାରେ ଶୋଇଥିବା ଅବସ୍ଥାରେ କଡ଼ ଲେଉଟାଇବା କ୍ଷଣି ତାଙ୍କର ହାଡ଼ ଭାଙ୍ଗି ଯାଇଥିଲା । ମେଡିକାଲ ଯାଞ୍ଚରୁ ତାଙ୍କ ଶରୀରରେ ଭିଟାମିନ୍ ଡି'ର ଅତ୍ୟଧିକ ଅଭାବ ଥିବା ଜଣାପଡ଼ିଥିଲା । ମହିଳା ଜଣକ ପିଲାଦିନରୁ ଖରାରୁ ଦୂରେଇ ରହୁଥିଲେ । ସବୁବେଳେ ସୂର୍ଯ୍ୟକିରଣରୁ ତ୍ୱଚାକୁ ଦୂରେଇ ରଖିବା ପାଇଁ ଶରୀରକୁ ଢାଙ୍କିଲା ପରି ପୋଷାକ ପିନ୍ଧୁଥିଲେ । କେବେବି ମୋଟା ପରସ୍ତର ସନ୍‌ସ୍କ୍ରିନ୍ ଲୋସନ ନ ଲଗାଇ ପଦାକୁ ବାହାରୁ ନ ଥିଲେ । ମହିଳା ଜଣକୁ ଚିକିତ୍ସା କରୁଥିବା ଡାକ୍ତର ଲୋଙ୍ଗ ସୁଆଙ୍ଗ କହିବା କଥା, ମହିଳାଙ୍କ ଜୀବନଶୈଳୀ ତାଙ୍କ ଶରୀରରେ ଭିଟାମିନ୍ ଡି'କୁ ଅବରୋଧ କରି ରଖିଥିଲା । ସାଧାରଣତଃ ସୂର୍ଯ୍ୟକିରଣରୁ ଭିଟାମିନ୍ ଡି ମିଳିଥାଏ । କିନ୍ତୁ ମହିଳାଙ୍କ ଶରୀରରେ ସୂର୍ଯ୍ୟକିରଣ ପ୍ରବେଶ କରିପାରୁ ନ ଥିବାରୁ ଏହା ଗମ୍ଭୀର ଅଷ୍ଟିଓପୋରୋସିସ୍‌ର କାରଣ ପାଲଟିଥିଲା । ଏହା ଏପରି ଏକ ସ୍ଥିତି ଯେଉଁଥିରେ ହାଡ଼ଗୁଡ଼ିକ ଦୁର୍ବଳ ହୋଇଯାଏ, ଟିକିଏ ଚାପ ପଡ଼ିଲେ ଭାଙ୍ଗିବା ଆଶଙ୍କା ଥାଏ । ତେବେ ଚୀନ୍‌ରେ ଗୋରା ରଙ୍ଗକୁ ଗୁରୁତ୍ୱ ଦିଆଯାଉଥିବାରୁ ଲୋକେ ମାତ୍ରାଧିକ ସନ୍‌ସ୍କ୍ରିନ୍ ଲୋସନ୍ ଲଗାଇବା ସହ ଲମ୍ବା ପୋଷାକ, ଗ୍ଲୁଭସ୍, ଟୋପି ଆଦି ବ୍ୟବହାର କରିଥାନ୍ତି । ସେମାନେ ଯଥାସମ୍ଭବ ସୂର୍ଯ୍ୟକିରଣରୁ ଶରୀରକୁ ରକ୍ଷା କରିବାକୁ ଚେଷ୍ଟା କରନ୍ତି । ଏଥିଯୋଗୁଁ ଏଭଳି ଏକ ଅପ୍ରତ୍ୟାଶିତ ରୋଗ ଦେଖାଯାଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି । ଏହି କାହାଣୀ ଏବେ ଚୀନ୍ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି । ଏହି ଘଟଣା ପରେ ଚୀନ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ସନ୍ତୁଳିତ ଜୀବନ ଆପଣାଇବାକୁ ପରାମର୍ଶ ଦେଇଛନ୍ତି । ସନ୍‌ସ୍କ୍ରିନ୍ ବ୍ୟବହାର କରିବା ସହ ସୂର୍ଯ୍ୟାଲୋକରେ ସୀମିତ ସମୟ ପାଇଁ ଚଲାବୁଲା କରିବା ନିମନ୍ତେ କହିଛନ୍ତି । ଏହାଦ୍ୱାରା ଶରୀରରେ ପ୍ରାକୃତିକ ଭାବେ ଭିଟାମିନ୍-ଡିର ଆବଶ୍ୟକତା ପୂରଣ କରାଯାଇପାରିବ ବୋଲି ସେମାନେ କହିଛନ୍ତି ।


# ପ୍ରେମରେ ତାରା



ଅଭିନେତ୍ରୀ ତାରା ସୂତାରିଆ ଆଦର ଜୈନଙ୍କଠାରୁ ଅଲଗା ହେବା ପରେ ପୁଣି ଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି । ବୀର ପାହାଡ଼ିଆଙ୍କ ପ୍ରେମରେ ସେ ପଡ଼ିଥିବା କଥା କୁହାଯାଉଛି । ଗତ ମାର୍ଚ୍ଚ ମାସରେ ଏକ ଫେସନ୍ ଶୋ'ରେ ଏଦୁହିଁଙ୍କୁ ଦେଖାଯାଇଥିଲା । ଉଭୟ ଏହି ଶୋ'ର ସୋଷ୍ଟପର୍ ଥିଲେ । ଏହାପରେ ଉଭୟଙ୍କୁ ଡିନର୍ ଡେଟ୍‌ରେ ଦେଖାଯିବା ପରେ ସେମାନେ ପ୍ରେମ ସମ୍ପର୍କରେ ଥିବା କଥା ଚର୍ଚ୍ଚା ହେବାକୁ ଲାଗିଲା । ଏହାପୂର୍ବରୁ ବୀରଙ୍କ ନାମ ସାରା ଅଲ୍ଲୀ ଖାନ୍, ମାନୁଷୀ ଛିଲ୍ଲରଙ୍କ ସହ ଯୋଡ଼ା ଯାଇଥିଲା । ସେହିଭଳି ତାରା ଆଦରଙ୍କ ଠାରୁ ଅଲଗା ହେବା ପରେ ଅଭିନେତା ଅରୁଣୋଦୟ ସିଂହଙ୍କ ପ୍ରେମରେ ପଡ଼ିଥିବା ଖବର ପ୍ରକାଶ ପାଇଥିଲା । କିନ୍ତୁ ଏକ ସାକ୍ଷାତକାରରେ ତାରା ଏହାକୁ ଗୁଜବ ବୋଲି କହିବା ସହ ଅରୁଣୋଦୟ ତାଙ୍କର ଜଣେ ଭଲ ବନ୍ଧୁ ବୋଲି କହିଥିଲେ । ବୀର ନିକଟରେ ଅକ୍ଷୟ କୁମାରଙ୍କ ସହ 'ସ୍କାଏ ଫୋର୍ସ' ଫିଲ୍ମରେ ଦେଖାଯାଇଥିଲେ । ଏହା ତାଙ୍କର ଡେବ୍ୟୁ ଫିଲ୍ମ ଥିଲା ।

# ଭୂତଳ ଗାଁ

ଦେଶ ହେଉ କି ବିଦେଶ ପ୍ରତ୍ୟେକ ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ଏହି କ୍ରମରେ ଆମେରିକାର ପ୍ରସିଦ୍ଧ ଗ୍ରାଣ୍ଡ କାନିୟନ ନିକଟରେ ଥିବା ହବାସୁ କାନିୟନ ନିକଟରେ ଏକ ବଡ଼ ଖାଇ ରହିଛି । ଏହି ଖାଇ ମଧ୍ୟରେ ଏକ ଗାଁ ରହିଛି । ଯାହାର ନାଁ ସୁପାଇ । ଏହା ଏକ ଭୂତଳ ତଥା ଅଣ୍ଡରଗ୍ରାଉଣ୍ଡ ଗାଁ ଭାବେ ପରିଚିତ । ଭୂପୃଷ୍ଠର ୩୦୦୦ ଫୁଟ ତଳେ ଏହା ରହିଛି । ଏଠାରେ ଆମେରିକାର ମୂଳ ନିବାସୀ ରେଡ୍ ଇଣ୍ଡିଆନମାନେ ରୁହନ୍ତି । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହି ଗାଁ ପରିଦର୍ଶନରେ ଆସିଥାନ୍ତି । ସୁପାଇ ଗାଁରେ ଏବେ ୫୦୦ ଲୋକ ରହୁଛନ୍ତି । ବାହ୍ୟ ଦୁନିଆଠାରୁ ବିଚ୍ଛିନ୍ନ ଏହି ଗାଁର ଲୋକେ ଏକ ଭିନ୍ନ ପ୍ରକାରର ଜୀବନ ଜିଇଁଥାନ୍ତି । ସୁପାଇ ଗାଁ ତା'ର ନୀଳ ରଙ୍ଗର ପାଣି ପାଇଁ ପରିଚିତ । ବୈଜ୍ଞାନିକମାନେ ନୀଳ ରଙ୍ଗର ପାଣି ନେଇ ଅନେକ ଗବେଷଣା କରିବା ସତ୍ତ୍ୱେ ଏହାର କାରଣ ଜାଣିପାରିନାହାନ୍ତି । ଏଠାକାର ଲୋକଙ୍କୁ ହବାସୁପାଇ କୁହାଯାଏ । ସ୍ଥାନୀୟ ଭାଷାରେ ଏହାର ଅର୍ଥ ନୀଳ ଓ ସବୁଜ ରଙ୍ଗର ପାଣିରେ ରହୁଥିବା ଲୋକ । ତେବେ ଏହି ଗ୍ରାମକୁ ଯିବା ଆସିବା ପାଇଁ ରାସ୍ତା ମଧ୍ୟ ସୀମିତ । ଏଠାକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିବ ନଚେତ ଘୋଡ଼ାଗାଡ଼ିରେ ବସି ଯିବାକୁ ପଡିବ । ଆଜିର ସମୟରେ ଏହି ଗ୍ରାମ ଏତେ ପଛରେ ଅଛି ଯେ, ଏଠାକାର ଲୋକମାନେ ଆଜିବି ଚିଠି ନେବା ଆଣିବା ପାଇଁ ଘୋଡ଼ା ଉପରେ ନିର୍ଭରଶୀଳ । କାରଣ ଏଠାରେ ନା ରହିଛି ଇ-ମେଲ, ନା ଫ୍ୟାକ୍ସ ନା ହିଁ ଫୋନ । ଆମେରିକା ଭଳି ଉନ୍ନତ ରାଷ୍ଟ୍ରରେ ଆଧୁନିକତାଠାରୁ ବହୁତ ଦୂରରେ ଥିବା ଏହି ଗ୍ରାମ ରହିବା ସତରେ ଆଶ୍ଚର୍ଯ୍ୟର କଥା । ସେହିପରି ଏହା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ହବାସୁପାଇ ଜନଜାତିର ଲୋକଙ୍କ ଠାରୁ ଅନୁମତି ନେବାକୁ ପଡ଼ିଥାଏ । ଏହାର ସଂସ୍କୃତିକୁ ସଂରକ୍ଷଣ ରଖିବା ପାଇଁ ଏଠାରେ କଡ଼ା ନିୟମ ପାଳନ କରାଯାଏ । ଡ୍ରୋନ୍, ମାଦକଦ୍ରବ୍ୟ ଏବଂ ଗାଡ଼ି ଚାଳନାକୁ ଏଠାରେ ନିଷେଧ କରାଯାଇଛି । ସେହିପରି ଏଠାରେ ବାସ କରୁଥିବା ଲୋକେ ମକ୍କା, ବିନ୍ସ ଭଳି ପନିପରିବା ଚାଷ କରି ଜୀବିକା ନିର୍ବାହ କରିଥାନ୍ତି । ତେବେ ଏହି ସ୍ଥାନରେ ପହଞ୍ଚିବାକୁ ହେଲେ ଉଡ଼ାଜାହାଜ ଏକମାତ୍ର ସାଧନ ।



# ପବିତ୍ର ଶୀତଳ ଷଷ୍ଠୀ




ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀରେ ମାତା ପାର୍ବତୀ ଏବଂ ମହାଦେବ ଶିବଙ୍କ ବିବାହ ଉତ୍ସବ ପାଳନ କରାଯାଏ । ଏହା ପରଦିନ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଶିବ ରୁଦ୍ର ଏବଂ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରନ୍ତି । ଶୀତଳତାର ସଙ୍କେତ ବହନ କରୁଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ । ସେହିପରି ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ପରିସମାପ୍ତି ପରେ ଶୀତଳ ଷଷ୍ଠୀ ବେଳକୁ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟି କରିଥାଏ । ଗ୍ରୀଷ୍ମ ଋତୁ ପୃଥିବୀପୃଷ୍ଠରୁ ବିଦାୟ ନେଉଥାଏ । ତେବେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ।

ଆମ ଦୈନନ୍ଦିନ ଜୀବନରେ ଯେଭଳି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍‌ସେମିତି ବୈଦିକ ରୀତିନୀତିରେ ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । କନ୍ୟା ଖୋଜା, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ବରଯାତ୍ରୀ ଆଗମନ ତଥା ବୈଦିକ ରୀତିରେ ବେଦିରେ ଦେବ ଦମ୍ପତିଙ୍କ ବିବାହ, କନ୍ୟାଦାନ ସହିତ ଯାନି ଯୌତୁକ ସହ କନ୍ୟା ବିଦାୟ କାର୍ଯ୍ୟ ହିନ୍ଦୁ ରୀତିରେ ସମ୍ପନ୍ନ କରାଯାଏ । ଏଥିରେ କିଛି ଭକ୍ତ ମା' ପାର୍ବତୀଙ୍କ ମାଆ ବାପା ହୋଇଥିବା ବେଳେ ଆଉ କିଛି ଭକ୍ତ ଶିବଙ୍କ ମାଆ ବାପା ହୋଇ ବିବାହ କାର୍ଯ୍ୟ ତୁଲାଇଥାନ୍ତି । ପାରମ୍ପରିକ ରୀତିରେ ପ୍ରଭୁ ଶିବଙ୍କୁ ବରଯାତ୍ରୀଙ୍କ ସହିତ ମା' ପାର୍ବତୀଙ୍କ ଘରକୁ ବାଜା,ବାଣ, ରୋଷଣୀରେ ନିଆଯାଏ ଏବଂ ବୈଦିକ ରୀତିରେ ବିବାହ କରାଯାଏ । ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ । ମଧ୍ୟରାତ୍ରିରୁ ଏହି ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପହରରେ ଶିବପାର୍ବତୀଙ୍କ ପୂଜାରେ ଶେଷ ହୁଏ ।

ଅନ୍ୟପଟେ ପୁରୀ ଲୋକନାଥ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ଶିବ ମନ୍ଦିର ମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଧୂମ୍‌ଧାମ୍‌ରେ ପାଳନ କରାଯାଏ । ଅବଶ୍ୟ ସମ୍ବଲପୁରରେ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ ।

## ସ୍ୱସ୍ତି



# ସୁଦଶା ବ୍ରତ





ଯେଉଁ ମାସର ଶୁକ୍ଳ ପକ୍ଷ ଦଶମୀ ତିଥୀ ଗୁରୁବାର ସଂଯୋଗ ହୁଏ, ସେହିଦିନକୁ ସୁଦଶା ବ୍ରତ ରୂପେ ପାଳନ କରାଯାଏ । ଏଥିରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଏ । ଏହା ମା' ଲକ୍ଷ୍ମୀଙ୍କର ସବୁଠୁ ପ୍ରିୟ ବ୍ରତ । ଏହିଦିନ ଘରକୁ ଲିପାପୋଛା କରାଯାଇ ଚିତା ପକାଯାଏ । ମହିଳାମାନେ ଏହି ଦିନ ବ୍ରତ ରଖନ୍ତି । ନବବିବାହିତା ନିଜ ନୂଆ ବ୍ରତ ସୁଦଶା ବ୍ରତରୁ ଆରମ୍ଭ କରିଥାନ୍ତି । ତେବେ ଏହାର ସଂଯୋଗ ତିଥିରେ ବିବାହ ବ୍ରତ ଆଦି ଶୁଭ କର୍ମ ପଡୁ ନ ଥିଲେ, ନୂଆ କରି ଏହି ବ୍ରତ ଆରମ୍ଭ କରାଯାଏ ନାହିଁ । ସୁଦଶା ଶବ୍ଦ ସହିତ ଦଶଟି ଶବ୍ଦ ଯୋଡ଼ି ହୋଇ ଅଛି । ସେଥିପାଇଁ ୧୦ ପାଖୁଡ଼ା ପଦ୍ମ, ଦଶ ରଙ୍ଗ ମୁରୁଜ, ଦଶ ମୁଖୀ ଦୀପ, ଦଶ ମୁଠି ଚାଉଳ, ଦଶ ମେଞ୍ଚା କଦଳୀ, ଦଶ ଗୋଟି ମଣ୍ଡା ଆଦି ପୂଜା କର୍ମରେ ଲାଗି କରାଯାଏ । କେବଳ ସେତିକି ନୁହେଁ, ଏହିଦିନ ମା' ଲକ୍ଷ୍ମୀଙ୍କ ପାଖରେ ଛେନା, ପିଠା ଭୋଗ ମଧ୍ୟ ଲାଗି କରାଯାଏ । ଦଶଖିଅ ଧଳାସୂତାର ଏକ ବ୍ରତ ପୂଜା କରିବାର ବିଧି ଅଛି । ଆଉ ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ । ବ୍ରତଧାରୀମାନେ ସୁଦଶା ବ୍ରତ ବହି ପଢ଼ିବାର ନିୟମ ଅଛି ।

# କ୍ୟାଲେଣ୍ଡର ଲଗାଇବାର ଶୁଭ ଦିଗ

ବାସ୍ତୁ ଅନୁସାରେ, ଘରେ ଥିବା ପ୍ରତ୍ୟେକ ଜିନିଷର ପ୍ରଭାବ ଲୋକଙ୍କ ଉପରେ ପଡ଼ିଥାଏ । ଏହି କ୍ରମରେ ଘର କାନ୍ଥରେ କ୍ୟାଲେଣ୍ଡର ନିହାତି ଲଗାଯାଏ । ତେବେ କାନ୍ଥରେ କ୍ୟାଲେଣ୍ଡରକୁ ଠିକ୍ ଦିଗରେ ଲଗାଇବାକୁ ନେଇ କିଛି ବାସ୍ତୁ ନିୟମ ଅଛି ।



- ବାସ୍ତୁ ଅନୁସାରେ, ପୁରୁଣା କ୍ୟାଲେଣ୍ଡରକୁ ରଖିବା କିମ୍ବା ଏହାକୁ ନୂଆ କ୍ୟାଲେଣ୍ଡର ସହ ଲଗାଇବା ବାସ୍ତୁ ଦୋଷକୁ ବଢ଼ାଇ ଥାଏ । ବିଶେଷକରି ଏହା ସ୍ୱାସ୍ଥ୍ୟ ଓ ଉନ୍ନତିରେ ବାଧା ସୃଷ୍ଟି କରିଥାଏ । ତେବେ ପୁରୁଣା କ୍ୟାଲେଣ୍ଡରରେ ଠାକୁରଙ୍କ ଫଟୋ ଥିଲେ ତାହାକୁ ଜଳରେ ପ୍ରବାହିତ କରନ୍ତୁ ।
- କ୍ୟାଲେଣ୍ଡରକୁ ପଶ୍ଚିମ ଦିଗରେ ଲଗାଇବା ଶୁଭ । ଉତ୍ତର ଦିଗରେ ଲଗାଇବା ବି ଉତ୍ତମ । ଏହି ଦିଗରେ ଲଗାଇବା ଦ୍ୱାରା ଧନ ଓ ସମୃଦ୍ଧି ଆସେ ।
- ଦକ୍ଷିଣ ଦିଗରେ କ୍ୟାଲେଣ୍ଡର ଲଗାଇବା ଅଶୁଭ । ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚେ ।
- ସେହିପରି ମୁଖ୍ୟ ଦ୍ୱାର କିମ୍ବା କବାଟ ପଛରେ କ୍ୟାଲେଣ୍ଡର ଲଗାଇବା ଅଶୁଭ ।

# ରାହୁ ରତ୍ନ ଗୋମେଦ

**ରତ୍ନ ଶାସ୍ତ୍ର ଅନୁସାରେ, ଗୋମେଦ ରତ୍ନକୁ ହେସୋନାଇଟ୍ କୁହାଯାଏ । ଏହା ରାହୁ ଗ୍ରହ ସହିତ ସମ୍ବନ୍ଧିତ । ଜାତକରେ ଗ୍ରହର ସ୍ଥିତି ଏବଂ ରାଶି ଅନୁସାରେ ଗୋମେଦ ରତ୍ନ ଧାରଣ କରିବା ଉଚିତ । ତେବେ ଏହାକୁ ଠିକ୍ ଭାବେ ଧାରଣ କରିବା ଦ୍ୱାରା ରାହୁ ଗ୍ରହ ମଜଭୁତ ହୋଇଥାନ୍ତି ।**

- ଏହି ରତ୍ନକୁ ରୁପା କିମ୍ବା ଅଷ୍ଟଧାତୁରେ ଧାରଣ କରିବା ଭଲ ।
- ୬ରତିରୁ କମ୍ ଗୋମେଦ ରତ୍ନକୁ ଧାରଣ କରିବା ଅଶୁଭ ।
- ଶନିବାର ଏହାକୁ ସୂର୍ଯ୍ୟାସ୍ତ ପରେ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଆବଶ୍ୟକ ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରତ୍ନକୁ ମିଥୁନ, ମକର, କୁମ୍ଭ, ବୃଷ, ତୁଳା ରାଶି ଧାରଣ କରିପାରିବେ ।
- ସେହିପରି ଜାତକର ଉଚ୍ଚ ସ୍ଥାନରେ ରାହୁ ଥିଲେ, ଗୋମେଦ ରତ୍ନ ଧାରଣ କରାଯାଇପାରିବ ।
- ମୋତି ଓ ମୁଗା ରତ୍ନ ସହିତ ଏହାକୁ ପିନ୍ଧିବା ଅନୁଚିତ ।
- ଗୋମେଦ ରତ୍ନକୁ ଧାରଣ କଲେ ମାନସିକ ଶାନ୍ତି ମିଳେ ।
- ରାହୁ ପ୍ରକୋପରୁ ରକ୍ଷା ପାଇବା ଲାଗି ଏହାକୁ ପିନ୍ଧିବା ଭଲ ।
- ଗ୍ରହର ସ୍ଥିତି ଓ ଜ୍ୟୋତିର୍ବିଦଙ୍କ ପରାମର୍ଶ କ୍ରମେ ଏହାକୁ ଧାରଣ କରିବା ଉଚିତ ।



■ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## ଇଂଲଣ୍ଡ ଲାୟନ୍ସର ଲଢୁଆ ବ୍ୟାଟିଂ

କେଣ୍ଟବୁରୀ, ୧।୬ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଛି। ଭାରତ-ଏ'ର ପ୍ରଥମ ପାଳି ସ୍କୋର ୫୫୭ ରନ ଜବାବରେ ଘରୋଇ ଇଂଲଣ୍ଡ ଲାୟନ୍ସ ରବିବାର ତୃତୀୟ ଦିବସ ୩ୟ ସେସନ ରିପୋର୍ଟ ଲେଖା ହେଲାବେଳକୁ ୧୨୦ ଓଭରରେ ୭ ୱିକେଟ ହରାଇ ୫୨୭ ରନ ସଂଗ୍ରହ କରିଛି। ଡାନ୍ ମୋସଲୀ ୧୦୬ ଓ ଜମାନ ଅଖତର ୩୧ ରନ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଟମ୍ ହେନ୍ସ ୧୭୧ ଓ ମ୍ୟାକ୍ସ ହୋଲ୍ଡେନ ୧୦୧ ରନ କରିଛନ୍ତି। ଭାରତ-ଏ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ ଏବଂ ଅଂଶୁଲ କାମ୍ବୋଜ, ଶାର୍ଦ୍ଦୁଳ ଠାକୁର ଓ ହର୍ଷ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଛନ୍ତି। ୪ ୱିକେଟ୍ ବଳକା ଥାଇ ଇଂଲଣ୍ଡ ଲାୟନ୍ସ ଆହୁରି ୪୮ ରନ ପଛରେ ରହିଛି। ପୂର୍ବରୁ କରୁନ ନାୟାର (୨୦୪)ଙ୍କ ଦ୍ୱିଶତକ ଏବଂ ଧ୍ରୁବ ଜୁରେଲ (୯୪) ଓ ସର୍ଫରାଜ ଖାନ (୯୨)ଙ୍କ ଉପଯୋଗୀ ଇନିଂସ ବଳରେ ଭାରତ-ଏ ପ୍ରଥମ ଇନିଂସରେ ୫୫୭ ରନରେ ଅଲ୍‌ଆଉଟ୍ ହୋଇଥିଲା। ଲାୟନ୍ସ ପକ୍ଷରୁ ଜମାନ ଅଖତର ଓ ଜୋଶ ହଲ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

## ପ୍ରଥମଥର ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିଲା ପିଏସ୍‌ଜି



ମ୍ୟୁନିକ, ୧।୬ (ଏଜେନ୍ସି): ୟୁରୋପ ମହାଦେଶର ଶ୍ରେଷ୍ଠ ଫୁଟ୍‌ବଲ କ୍ଲବଗୁଡ଼ିକୁ ନେଇ ଆୟୋଜିତ ୟୁଫା ଚାମ୍ପିଅନ୍ସ ଲିଗ୍‌ରେ ଏଥର ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ବାଜିମାତ୍ କରିନେଇଛି। ଶନିବାର ବିଳମ୍ବିତ ରାତିରେ ଜର୍ମାନୀର ମ୍ୟୁନିକ ଏରେନାରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ଫ୍ରାନ୍ସଭିତ୍ତିକ କ୍ଲବ ପିଏସ୍‌ଜି ୫-୦ ଗୋଲ୍‌ରେ ଏକପାଖିଆ ଭାବେ ଇଣ୍ଟର ମିଲାନକୁ ପରାସ୍ତ କରିଥିଲା। ଫାଇନାଲରେ ପିଏସ୍‌ଜି ପକ୍ଷରୁ ଡିଜାୟର ଡୋଉ ଡବଲ୍ ଗୋଲ୍‌ସ୍କୋର କରିଥିଲେ। ଇଟାଲୀୟ କ୍ଲବ ଇଣ୍ଟର ମିଲାନ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ଗୋଲ୍‌ସ୍କୋର ଖାତା ଖୋଲିବାରେ ବିଫଳ ହୋଇଥିଲା। ଏଥିସହ ପିଏସ୍‌ଜି ଇତିହାସରେ ପ୍ରଥମଥର ଲାଗି ବିଶ୍ୱର ଏହି ଶ୍ରେଷ୍ଠ କ୍ଲବଭିତ୍ତିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିଭଳି ପିଏସ୍‌ଜିର ପ୍ରଶିକ୍ଷକ ଲୁଇସ ଏନ୍‌ରିକ ବିଶ୍ୱର ୬ଷ୍ଠ ପ୍ରଶିକ୍ଷକ ଭାବେ ଦୁଇଟି ଭିନ୍ନ କ୍ଲବ ପକ୍ଷରୁ ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏନ୍‌ରିକ ପୂର୍ବରୁ ୨୦୧୫ରେ ବାର୍ସିଲୋନାର ପ୍ରଶିକ୍ଷକ ଥିବାବେଳେ କ୍ଲବକୁ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ କରାଇଥିଲେ।



ଆଇପିଏଲ୍-୧୮ : ଶ୍ରେୟସଙ୍କ ବିସ୍ଫୋରଣରେ ମୁମ୍ବାଇ ବିଦା

# ପଞ୍ଜାବ-ବେଙ୍ଗାଲୁରୁ ଫାଇନାଲ

ଅହମ୍ମଦାବାଦ,୧।୬ (ଏଜେନ୍ସି)

'ଆମେ ଲଢ଼େଇ ହାରିଛୁ, ଯୁଦ୍ଧ ନୁହେଁ।' ଆଇପିଏଲ୍-୧୮ର ପ୍ରଥମ କ୍ୱାଲିଫାୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁଠାରୁ ହାରିବା ପରେ କହିଥିଲେ ପଞ୍ଜାବ କିଙ୍ଗସ ଅଧିନାୟକ ଶ୍ରେୟସ ଆୟର। ଏଠାରେ ଆଜି ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟରରେ ୫ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ପରାସ୍ତ କରି ପଞ୍ଜାବ କିଙ୍ଗ୍‌ସକୁ ଫାଇନାଲରେ ପ୍ରବେଶ କରାଇବା ପରେ ଆୟର ଏହା ପ୍ରମାଣିତ କରିଛନ୍ତି। ଏହି ବିଜୟ ଫଳରେ ଦୀର୍ଘ ୧୧ ବର୍ଷ ପରେ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି ଓ ଏଠାରେ ଜୁନ୍ ୩ ତାରିଖ ଦିନ ହେବାକୁ ଥିବା ଟାଇଟଲ ମୁକାବିଲାରେ ବେଙ୍ଗାଲୁରୁକୁ ଭେଟିବ। ଏଠାରେ ରବିବାର ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁଁ ୨ ଘଣ୍ଟା ୧୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପ୍ରତିଦ୍ୱନ୍ଦ୍ୱୀ ପଞ୍ଜାବ ଆଗରେ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଦମ୍‌ଦାର ବ୍ୟାଟିଂ ବଳରେ ଗୋଟିଏ ଓଭର ଖେଳ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଛକା ମାରି ଦଳକୁ ଜିତାଇଥିବା ଆୟର ୪୧ ବଲ୍‌ରେ ୫ ଚୌକା ଓ ୮ ଛକା ସହ ୮୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଜୋଶ ଇଂଲିଶ ୩୮ ଓ ଯୁବ ଖେଳାଳି ନେହାଲ ୱାଧେରା ୨୯ ବଲ୍‌ରୁ ୪୮

**ଜୁନ୍ ୩ରେ ଫାଇନାଲ**

ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ମୁମ୍ବାଇ ପକ୍ଷରୁ ଅଶ୍ୱିନ କୁମାର ୨ଟି ୱିକେଟ ନେଇଥିଲେ ମଧ୍ୟ ୧୯ତମ ଓଭରରେ ୨୬ ରନ୍ ସହ ୪ ଓଭରରେ ୫୫ ରନ୍ ଦେଇଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୩ ରନ୍ କରିଛି। ଦଳ ପକ୍ଷରୁ ଉଭୟ ସୂର୍ଯ୍ୟକୁମାର ଓ ତିଲକ ୪୪ ରନ୍ ଲେଖାଏଁ କରିଥିଲେ। ପୂର୍ବରୁ ମାତ୍ର ୮ ରନ୍ କରି ରୋହିତ ଶର୍ମା ଆଉଟ ହେବା ପରେ ଜନି ବେୟାରଷ୍ଟୋ ୨୪ ବଲ୍‌ରେ ୩୮ ରନ୍ କରି ଭଲ ଆରମ୍ଭ କରିଥିଲେ। ଶେଷଭାଗରେ ନମନ ଧୀରଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ମୁମ୍ବାଇ ଦୁଇ ଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ନମନ ୧୮ ବଲ୍‌ରେ ୭ଟି ଚୌକା ସହ ୩୭ ରନ୍ କରି ଶେଷ ଓଭରରେ ଆଉଟ ହୋଇଥିଲେ। ପଞ୍ଜାବ ପକ୍ଷରୁ ଆଜମତୁଲ୍ଲା ଓମରଜାଇ ସର୍ବାଧିକ ୨ଟି ୱିକେଟ ପାଇଥିଲେ।

**ରେକର୍ଡ** : ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ୧୬ ରନ୍ କରିବା ପରେ ଓପନିଂ କରି ନଥିବା ଖେଳାଳିଙ୍କ ମଧ୍ୟରେ ଗୋଟିଏ ସିଜନରେ ସର୍ବାଧିକ ରନ୍ କରିବାର ରେକର୍ଡ ଭାଙ୍ଗିଦେଇଥିଲେ। ପୂର୍ବରୁ ଗୋଟିଏ ସିଜନରେ ୬୮୭ ରନ୍ କରିଥିବା ବେଙ୍ଗାଲୁରୁର ଏବି ଡି ଭିଲିୟର୍ସଙ୍କ ନାମରେ ରହିଥିଲା। ୨୦୧୬ରେ ସେ ଏହି ରେକର୍ଡ କରିଥିଲେ। ଏହାର ୯ ବର୍ଷ ପରେ ସୂର୍ଯ୍ୟକୁମାର ଏହି ରେକର୍ଡକୁ ଭାଙ୍ଗିବାରେ ସମର୍ଥ ହୋଇଥିଲେ।ନାହିଁ। ଏଥର ପ୍ରଥମ ଟାଇଟଲ ଜିତିବାକୁ ଦଳ ନିକଟରେ ସୁଯୋଗ ରହିଛି।

## ରିଅଲ ମାଦ୍ରିଦ୍ ବିଶ୍ୱର ସବୁଠାରୁ ଧନୀ ଫୁଟବଲ କ୍ଲବ୍

ମାଦ୍ରିଦ୍,୧।୬ (ଏଜେନ୍ସି): ସ୍ପେନ୍‌ର ପେସାଦାର ଫୁଟବଲ କ୍ଲବ୍ ରିଅଲ ମାଦ୍ରିଦ୍ କ୍ରମାଗତ ଚତୁର୍ଥ ବର୍ଷ ଲାଗି ବିଶ୍ୱର ସବୁଠାରୁ ଦାମି କ୍ଲବ୍ ଭାବେ ବିଜନେସ୍ ମାଗାଜିନ୍ ଫୋର୍ବସ ପକ୍ଷରୁ ପ୍ରକାଶ ପାଇଛି। ଚଳିତବର୍ଷ ଏହି କ୍ଲବ୍ ୧.୧୩ ନିୟୁତ ଡଲାର ବିଲିୟନ୍ ଡଲାର ଆୟ କରିଛି। ଏହା ଫଳରେ ଦଳର ସମ୍ପତ୍ତିର ମୂଲ୍ୟ ୬.୬ ବିଲିୟନ ଡଲାରରେ ପହଞ୍ଚିଛି। ବିଶ୍ୱର ଦାମୀ କ୍ଲବ୍ ତାଲିକାରେ ଇଂଲଣ୍ଡର ମାଞ୍ଚେଷ୍ଟର ୟୁନାଇଟେଡ ଦ୍ୱିତୀୟ, ରିଅଲର ରିୟଲ ପ୍ରତିଦ୍ୱନ୍ଦ୍ୱୀ ବାର୍ସିଲୋନା ତୃତୀୟ ସ୍ଥାନରେ ରହିଛନ୍ତି। ଫୋର୍ବସ ପକ୍ଷରୁ ପ୍ରତିବର୍ଷ ଏହି ତାଲିକା ପ୍ରକାଶ କରାଯାଇଥାଏ।

ଫ୍ରେଞ୍ଚ ଓପନ୍

## କ୍ୱାର୍ଟରରେ ଭିଟୋଲିନା,ଆଲକାରାଜ୍



ପ୍ୟାରିସ, ୧।୬ (ଏଜେନ୍ସି): ଗତ ୨୨ ବର୍ଷରେ ପ୍ରଥମ ଆମେରିକୀୟ ଟେନିସ ଖେଳାଳି ଭାବେ ଟମି ପଲ୍ ବ୍ଲିଜଡ୍ ଫ୍ରେଞ୍ଚ ଓପନ୍ ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ୪ର୍ଥ ରାଉଣ୍ଡର ଏକ ମ୍ୟାଚରେ ବିଶ୍ୱର ୧୨ତମ ମାନ୍ୟତା ଟମି ୬-୩, ୬-୩, ୬-୩ ସିଧାସଳଖ ଗେମ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସି ପୋପିରିନଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଶେଷଥର ଲାଗି ଆମେରିକୀୟ ଭାବେ ୨୦୦୩ରେ ଆନ୍ଦ୍ରେ ଆଗାସୀ ଏଠାରେ କ୍ୱାର୍ଟର ଫାଇନାଲ ଖେଳିଥିଲେ। ସେହିଭଳି କାର୍ଲସ ଆଲକାରାଜ ଇଂଲଣ୍ଡର ବେନ୍ ସାଲ୍ଟନ୍‌ଙ୍କୁ ୭-୬, ୬-୩, ୪-୬, ୬-୪ ସେଟ୍‌ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା, ପୋଲାଣ୍ଡର ଇଗା ସ୍ୱିଆଟେକ, ବେଲାରୁଷର ଆରିନା ସାବାଲେଙ୍କା ଓ ଚାଇନାର କ୍ୱିନୱିନ ଝେଙ୍ଗ୍ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଭିଟୋଲିନା ୪-୬, ୭-୬ (୮-୬), ୬-୧ରେ ଗତ ସଂସ୍କରଣର ଉପବିଜେତା ଇଟାଲୀର ଜସ୍ମିନ ପାଓଲିନଙ୍କୁ ହରାଇଥିଲେ। ପ୍ରଥମଥର ଲାଗି ଫ୍ରେଞ୍ଚ ଓପନର ରାଉଣ୍ଡ-୮ରେ ପହଞ୍ଚିଥିବା ଭିଟୋଲିନା କ୍ୱାର୍ଟରରେ ଡିଫେଣ୍ଡିଂ ଚାମ୍ପିଅନ ସ୍ୱିଆଟେକଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚରେ ସ୍ୱିଆଟେକ୍ ୧-୬, ୬-୩, ୭-୫ ସେଟରେ ଏଲିନା ରିବାକିନାଙ୍କୁ ହରାଇଥିଲେ। ସେହିଭଳି ବିଶ୍ୱମାନ୍ୟତାର ଏକ ନମ୍ବର ଖେଳାଳି ସାବାଲେଙ୍କା ୭-୫, ୬-୩ ସେଟରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।




କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ 'ଓମେନ୍ସ ଆଚିଭର୍ସ ଆୱାର୍ଡ' ପ୍ରଦାନ କରୁଛନ୍ତି ମେନକା ଗାନ୍ଧି।

## ଇଂଲଣ୍ଡକୁ ସିରିଜ ଜିତାଇଲେ ରୁଟ୍

କାର୍ଡିଫ, ୧।୬ (ଏଜେନ୍ସି): ଜୋ ରୁଟ୍‌ଙ୍କ ୧୬୬ ରନର ଅପରାଜିତ ଶତକୀୟ ପାଳି ବଳରେ ରବିବାର ଏଠାରେ ଖେଳାଯାଇଥିବା ୨ୟ ଏକଦିବସୀୟ ମ୍ୟାଚରେ ଇଂଲଣ୍ଡ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୪୭.୪ ଓଭରରେ ୩୦୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ କେସି କାର୍ଟି ୧୦୩ ରନ କରିଥିଲେ। ବୋଲିଂରେ ଇଂଲଣ୍ଡର ଆଦିଲ ରଶିଦ ୪ ଓ ସାକିବ ମହମ୍ମଦ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ୭ ବଲ୍ ପୂର୍ବରୁ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୧୩୯ ବଲର ଶତକୀୟ ପାଳିରେ ରୁଟ୍ ୨୧ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହ୍ୟାରୀ ବ୍ରୁକ୍ ୪୭ ଓ ୱିଲ୍ ଜ୍ୟାକ୍ ୪୯ ରନ କରିଥିଲେ। ୱେଷ୍ଟଇଣ୍ଡିଜର ଆଲ୍‌ଜାରୀ ଜୋସେଫଙ୍କୁ ୪ଟି ୱିକେଟ୍ ମିଳିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ବିଜୟ ସହ ଇଂଲଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ମଧ୍ୟ ୱେଷ୍ଟଇଣ୍ଡିଜ ୨୩୮ ରନରେ ହାରିଥିଲା। ଅନ୍ତିମ ତଥା ୩ୟ ଏକଦିବସୀୟ ମଙ୍ଗଳବାର ଖେଳାଯିବ।

## ଓସିଏର କ୍ୟୁରେଟର୍ କର୍ମଶାଳା ଉଦ୍‌ଯାପିତ

କଟକ,୧।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ତରଫରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା କ୍ୟୁରେଟର କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆସାମ ଆଇସିଏଆର କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ପ୍ରଫେସର ଏସ.କେ ରାୟ, ଓୟୁଏଟିର ପ୍ରଫେସର ରବୀନ୍ଦ୍ର କୁମାର ନାୟକ, ପ୍ରଫେସର ରବିରତନ ଦାସ, ପ୍ରଫେସର ଉତ୍ତମ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏର ମୁଖ୍ୟ କ୍ୟୁରେଟର ଅଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତିନି ଦିନିଆ କର୍ମଶାଳାରେ ୪୯ଜଣ କ୍ୟୁରେଟର ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ଅନୁଗୋଳ କ୍ରିକେଟ ଏକାଡେମୀର କ୍ୟୁରେଟର ଅଞ୍ଜନ କର, ସୋନପୁର କ୍ରିକେଟ ଏକାଡେମୀର କ୍ୟୁରେଟର ବି ସୁଦର୍ଶନ ପାତ୍ର ଏବଂ ସୁନ୍ଦରଗଡ଼ କ୍ରିକେଟ ଏକାଡେମୀର କ୍ୟୁରେଟର ଶୁଭମ ଦାସଙ୍କୁ ସମ୍ମାନିତ କରାଯିବା ସହ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଇଓ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିସିସିଆଇ କ୍ୟୁରେଟର ପଙ୍କଜ ପଟ୍ଟନାୟକ, ଓସିଏ କ୍ୟୁରେଟର ବିଭୂ ଶତପଥୀ, ହୃଷିକେଶ ସିଂହ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

## ବିଶ୍ୱ ପାରା ଆଥ୍‌ଲେଟିକ୍ସରେ ଭାଗନେବେ ସୁଚିତ୍ରା



ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ସୋମବାରଠାରୁ ପ୍ୟାରିସ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରି ଆରମ୍ଭ ହେବ। ଏହି ବିଶ୍ୱସ୍ତରୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ସୁଚିତ୍ରା ପାତ୍ର ଦେଶ ତରଫରୁ ପ୍ରତିନିଧିତ୍ୱ କରିବେ। ସୁଚିତ୍ରା ମହିଳା ଥ୍ରୋ ଇଭେଣ୍ଟ (ଜାଭେଲିନ ଓ ସଟ୍‌ପୁଟ)ର ଏଫ୍-୫୫ ବର୍ଗରେ ଅଂଶଗ୍ରହଣ କରିବେ। ନିଜ କାଟାଗୋରୀରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ସୁଚିତ୍ରା ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ନୂଆଦିଲ୍ଲୀ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ଚେନ୍ନଇରେ ଆୟୋଜିତ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ମଧ୍ୟ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ୟାରିସ ଗ୍ରାଁପ୍ରିରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଓଡ଼ିଶା ପାରା କ୍ରୀଡ଼ା ସଂଘ ପକ୍ଷରୁ ସୁଚିତ୍ରାଙ୍କୁ ଶୁଭେଚ୍ଛା ଜଣାଯାଇଛି।

ଅରବିନ୍ଦ ସ୍ମାରକୀ କ୍ରିକେଟ

## ସେମିରେ ରାଇଜିଂ ଷ୍ଟୁଡେଣ୍ଟ୍ସ



ଭୁବନେଶ୍ୱର,୧।୬ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ୩୩ ରନ୍‌ରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ରବିବାର ଆରମ୍ଭ ହୋଇଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଉଦଘାଟନୀ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ୨୯.୫ ଓଭରରେ ୧୭୨ ରନ୍ କରିଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ୭୨ ଓ ଅମିନ ଖାନ୍ ୩୧ ରନ କରିଥିଲେ। ରାମେଶ୍ୱରର ନିରଞ୍ଜନ ଗୌଡ଼କୁ ୬ଟି ୱିକେଟ ମିଳିଥିଲା। ଜବାବରେ ରାମେଶ୍ୱର ୩୬.୧ ଓଭରରେ ୧୫୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମଲ୍ଲିକ ୩୯ ଓ ରାଜେଶ ମହାନ୍ତି ୨୭ ରନ୍ କରିଥିଲେ। ବିଜୟୀ ଦଳର ବିପ୍ଳବ ସାମନ୍ତରାୟ ସର୍ବାଧିକ ୩ଟି, ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଓ ସୋହେଲ ଖାନ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆସନ୍ତାକାଲି ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଓ କଟକର ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

## ଜାତୀୟ ଶିଶୁ ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ




ଖୋର୍ଦ୍ଧା,୧।୬ (ସମିସ)

ଅଲ୍ ଓଡ଼ିଶା ଚେସ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, କେଟି ଗ୍ଲୋବାଲ ସ୍କୁଲ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ସହଯୋଗରେ ୩୮ତମ ଜାତୀୟ ରାଜ୍ୟ ୭ ବର୍ଷରୁ କମ୍ ବା ଶିଶୁ ଚେସ ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଛି। ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ରବିବାର ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଗୌତମ ପାଣିଗ୍ରାହୀ ଆନୁଷ୍ଠାନକ ଉଦ୍‌ଘାଟନ କରିଥିଲେ। ଜୁନ୍ ୫ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ୯ ରାଉଣ୍ଡ ବିଶିଷ୍ଟ ହେବ। ଏଥିରେ ଓପନ ବା ବାଳକ ବିଭାଗରେ ୨୧୭ ଓ ବାଳିକା ବିଭାଗରେ ୧୨୭ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ରେକର୍ଡ ୩୪ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଭାଗନେଉଥିଲାବେଳେ ବାଳିକା ବିଭାଗରେ ଅନ୍ୱେଷା ମିଶ୍ର ଟପ୍ ସିଡ୍ ରହିଛନ୍ତି। ପୁରସ୍କାର ବାବଦରେ ଉଭୟ ବିଭାଗରେ ୨୦ ଜଣ ଲେଖାଏଁ ଖେଳାଳିଙ୍କୁ ମୋଟ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ପ୍ରତ୍ୟେକ ବିଭାଗର ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୫୦,୦୦୦ ଲେଖାଏଁ ଟଙ୍କା ପ୍ରଦାନ କରାଯିବ। ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେଟି ଗ୍ଲୋବାଲ ସ୍କୁଲର ଚେୟାରମ୍ୟାନ୍ ସେମାଦତ୍ତ ବେହୁରିଆ, ଆଇଏମ୍ ସ୍ୱଙ୍ଗଶୁ ସତ୍ୟପ୍ରାଜ୍ଞ, ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲାବେଳେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଥିଲାବେଳେ ଆର୍ବିଟର ତାପସ କୁମାର ମହାନ୍ତି, ଜ୍ୟୋତିଶଙ୍କର ନନ୍ଦ, ବିରଞ୍ଚିନାରାୟଣ ସାହୁ ଓ ସମ୍ବିତ ସ୍ୱାଇଁ ପ୍ରମୁଖ ଖେଳ ଚରିଚାଳନା କରୁଛନ୍ତି।

ଏସ୍‌ଏସ୍‌ଏନ୍ ସ୍ମାରକୀ ରାଜ୍ୟ ଓପନ ଚେସ୍

## ଟାଇଟଲ୍ ଜିତିଲେ ରବୀନ୍ଦ୍ର ଓଝା



ଭୁବନେଶ୍ୱର, ୧।୬ (ସମିସ): ଓଡ଼ିଶାର ବରିଷ୍ଠ ଚେସ୍ ପ୍ରଶିକ୍ଷକ କଟକର ରବୀନ୍ଦ୍ର କୁମାର ଓଝା ପ୍ରଥମ ସମୀରନ ସୁକୁମାର ନାୟକ (ଏସ୍‌ଏସ୍‌ଏନ୍) ସ୍ମାରକୀ ପ୍ରଥମ ରାଜ୍ୟସ୍ତରୀୟ ଚେସ ପ୍ରତିଯୋଗିତାରେ ଟାଇଟଲ ବିଜୟୀ ହୋଇଛନ୍ତି। ରାଜଧାନୀ ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ରବୀନ୍ଦ୍ର ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଜଟଣୀର ସ୍ଥିତପ୍ରଜ୍ଞ ସାହୁ ରନର୍ସଅପ୍, କଟକର ଲଳିତ ରଞ୍ଜନ ସାହୁ ତୃତୀୟ, କନ୍ଧମାଳର ଲରେନ୍ସ କୁମାର ପ୍ରଧାନ ଚତୁର୍ଥ, ପୁରୀର ମହେଶ ପ୍ରସାଦ ସେଠୀ ପଞ୍ଚମ, ଭୁବନେଶ୍ୱରର ଆଦର୍ଶ କୁମାର ରାଉତ ଷଷ୍ଠ ଓ ସୁରଜିତ ନାୟକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ଶୁଭ୍ରଜିତ ଦତ୍ତ, ଭୁବନେଶ୍ୱରର ଦୁଇ ଖେଳାଳି ହୃଦୟ ଚାୱଡ଼ା ଓ ହର ଚାଟାର୍ଜୀ ଯଥାକ୍ରମେ ୮ମରୁ ୧୦ମ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଟିସିଏସ୍ ପ୍ରୋଜେକ୍ଟ ମୁଖ୍ୟ ଦୀପ୍ତିରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ରୟାଲ ପବ୍ଲିକ୍ ସ୍କୁଲ୍‌ର ଉପାଧ୍ୟକ୍ଷ ପ୍ରଜ୍ଞାପାରମିତା ସାହୁ, ସମୀରନଙ୍କ ମା' ମଧୁସ୍ମିତା ଓ ଭଉଣୀ ଦୀପାନ୍ୱିତା ନାୟକଙ୍କ ସମେତ ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଅନ୍ତର୍ଜାତୀୟ ପାରା ଫେନ୍ସିଂରେ ମାଳତୀଙ୍କୁ ରୌପ୍ୟ



ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ଚାଲିଥିବା ୨୦୨୫ ପାରା ଫେନ୍ସିଂ (ଅସିଚାଳନା) ସାଟେଲାଇଟ୍ ଟୁର୍ଣ୍ଣାମେଣ୍ଟ 'ୱିଲିୟମ ଅଫ୍ ଓରେଞ୍ଜ'ରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ପ୍ରଥମ ଦିବସରେ ଓଡ଼ିଶାର ମାଳତୀ ପାନୌରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫଳରେ ଏହି ଅନ୍ତର୍ଜାତୀୟ ପାରା ଫେନ୍ସିଂ ଟୁର୍ଣ୍ଣାମେଣ୍ଟରେ ମାଳତୀ ଦେଶ ପାଇଁ ପଦକ ଖାତା ଖୋଲିଛନ୍ତି। ମାଳତୀ ମହିଳା ଫଏଲ୍ ବ୍ୟକ୍ତିଗତରେ ଏହି ସଫଳତା ପାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ଅନ୍ୟମାନଙ୍କ ମଧ୍ୟରେ ଓମପ୍ରକାଶ ବେହେରା, ମଧୁସ୍ମିତା ସାହୁ ଓ ରାକେଶ କୁମାର ସେଠୀ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS